୬ ପଡ଼ିକଲ୍‌ଙ୍କ ପରେ ଧ୍ରୁବ ଜୁରେଲଙ୍କ ଚମତ୍କାର ଶତକ : ବ୍ୟାକ୍‌ଫୁଟ୍‌ରେ ଶ୍ରୀଲଙ୍କା






ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00



E-mail : sambadkalikanews@gmail.com



● ବର୍ଷ-୩୩ ● ସଂଖ୍ୟା-୨୦୫ ● ୨୫ ଅଗଷ୍ଟ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-205 ● 25th August 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୨୦ତମ ପାଳି

# ୧୬ ଦୂରାରୋଗ୍ୟ ପୀଡିତଙ୍କ ପାଇଁ ୧୪.୫୦ ଲକ୍ଷ ଚିକିତ୍ସା ସହାୟତା ମଞ୍ଜୁର

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି- ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ସୋମବାର ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୦ଜଣ ବରିଷ୍ଠ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି ତା'ର ସମାଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଞ୍ଚିଥାନ୍ତି। ବନ୍ୟା, ବାତ୍ୟା, ମରୁଡି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଞ୍ଚୁଛୁ ଓ ସେମାନଙ୍କୁ ସହାୟତା ପ୍ରଦାନ କରୁଛୁ। ୨୦୨୪ ମସିହାର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆମ ସରକାର ଲୋକଙ୍କ ସୁଖ ଦୁଃଖରେ ଅଛି ଓ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର (ପୃଷ୍ଠା ୭ରେ)

## ଦକ୍ଷିଣ ଓଡ଼ିଶାରେ ବର୍ଷା ବିଘାତ : ଇନ୍ଦ୍ରାବତୀରେ ଜଳସ୍ତର ବୃଦ୍ଧି

# କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲା ପ୍ରଭାବିତ

କୋରାପୁଟ, ୨୪।୮

ନ୍ୟୁଜ୍ ବ୍ୟୁରୋ

ଲଗାଣ ବର୍ଷା ଯୋଗୁ ଇନ୍ଦ୍ରାବତୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଇନ୍ଦ୍ରାବତୀର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ତେବେ ପ୍ରବଳ ବର୍ଷା ଜାରି ରହିଥିବାରୁ କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ବ୍ୟାପକ ଅଞ୍ଚଳରେ ସ୍ଥିତି ବେହାଲ ହୋଇପଡିଛି। ତଳିଆ ଅଞ୍ଚଳରେ ଚାଷଜମି ପାଣିରେ ବୁଡି ଯାଇଥିବା ବେଳେ ରାସ୍ତା ଉପରେ ମଧ୍ୟ ପାଣି ଚାଲୁଛି। କୋରାପୁଟ, ଲକ୍ଷ୍ମୀପୁର ଓ ମାଛକୁଣ୍ଡ ଅଞ୍ଚଳରେ ଅନେକ ଘର ବର୍ଷା ଯୋଗୁ ଆଂଶିକ କ୍ଷତିଗ୍ରସ୍ତ ହୋଇଛି।

କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକରେ ବି ଲଗାଣ ବର୍ଷା ଫଳରେ ଦୁଇ ଜଣଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲା ଜରୁରୀକାଳୀନ ବିଭାଗର ସୂଚନା ଅନୁଯାୟୀ, ରବିବାର ସକାଳ ୮ଟାରୁ ସୋମବାର ସକାଳ ୮ଟା ମଧ୍ୟରେ ଜିଲ୍ଲାରେ ମୋଟ ୬୩୮ ମିମି ବର୍ଷା ରେକର୍ଡ ହୋଇଛି। ଜୟପୁରରେ ସର୍ବାଧିକ ୯୬ ମିମି ବର୍ଷା ହୋଇଛି।

ସେହିପରି କଳାହାଣ୍ଡି ଜିଲାରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଏଥିଯୋଗୁ ବିଭିନ୍ନ ନଦୀନାଳରେ ଜଳସ୍ତର ବୃଦ୍ଧି ପାଇଛି। ମଙ୍ଗଳପୁର ଡ୍ୟାମରୁ ପାଣି ଛଡ଼ାଯିବା ପରେ ହାତୀନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।



ଫଳରେ ଶହ ଶହ ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ିରହିଛି। ଅନ୍ୟପଟେ ଜୁନାଗଡ଼ ବ୍ଲକର କୁରୁଗୁଡ଼ା-ମୁର୍ଲାପଦର ରାସ୍ତାରେ ପ୍ରାୟ ୫ ଫୁଟ୍ ପାଣି ଜମି ରହିବାରୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

କଳାହାଣ୍ଡି ଜିଲାରେ ୨ ଦିନ ଧରି ଲଗାଣବର୍ଷା ଯୋଗୁ ନଦୀଗୁଡିକର ଜଳସ୍ତର ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ଜିଲ୍ଲାର ମଧ୍ୟଭାଗରେ ପ୍ରବାହିତ ହେଉଥିବା ହାତୀନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳପୁର ଇନ୍ଦ୍ରାବତୀ ଜଳ ଭଣ୍ଡାରର ହାତୀ ବ୍ୟାରେଜରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ହାତୀନଦୀକୁ ୪ଟି ଗେଟ ଜରିଆରେ ନିଷ୍କାସନ ହେଉଛି। ବନ୍ୟାପାଣି ପଶି ଆସିବାରୁ କଳମପୁର ବ୍ଲକର ପରୁଆଗୁଡ଼ା ଓ ବୁଦେଲବନ୍ଧ ଗ୍ରାମର ପ୍ରାୟ ୨୪୩ ଲୋକଙ୍କୁ ଆଶ୍ରମ ସ୍କୁଲକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତରିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ସେଠାକାର ଚାଷଜମି, ରାସ୍ତାଘାଟ ଓ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। (ପୃଷ୍ଠା ୭ରେ)

## ଶୃଙ୍ଖଳିତ ହେବ ଶ୍ରୀମନ୍ଦିର ଦର୍ଶନ ଆସିବ ନୂଆ ଏସ୍ଓପି

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିରରେ ଭକ୍ତଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବା ନେଇ ସୋମବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଶ୍ରୀମନ୍ଦିର (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଜଗତସିଂହପୁର ଜିଲ୍ଲାରେ ବିଲ୍‌ରେ କାମ କରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଜଣ ଚାଷୀଙ୍କ ମୃତ୍ୟୁ।
- ହର୍ମୁଜ ଜଳପ୍ରବାହ ଉପରେ ଆଲୋଚନା କରିବେ ଇରାନ-ଓମାନର ଶୀର୍ଷ କୂଟନୀତିଜ୍ଞ।
- ଭାରତର ଆଠ-ନଅ ଏବଂ ଅନ୍ୟ ଦେଶଗୁଡ଼ିକର ଗୋଷ୍ଠୀ ସହ ଏଫଟିଏ ଉପରେ ଆଲୋଚନା ଜାରି ରହିଛି : ଗୋୟଲ।
- ମଣିପୁରର ସେନାପତି ଜିଲ୍ଲାରେ ଗୁଳିବିନିମୟରେ ସିଆରପିଏଫ ଯବାନ ଆହତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୩୯୭ (+୮୮)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୩୦ (+୮୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୯୩ (+୬୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

# ପାରାଦ୍ୱୀପରେ ଓସନ୍ ୱିନର ଜାହାଜ ବୁଡି ଘଟଣା : କୁଆଡେ ଗଲେ ୨୨ ନାବିକ

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

୬୦ ଘଣ୍ଟାରୁ ଅଧିକ ସମୟ। ବଙ୍ଗୋପସାଗରର ଗଭୀର ଜଳରାଶିରେ ନନଷ୍ଟପ୍ ସର୍ଚ୍ଚ ଅପରେସନ। ଅଥଳ ସମୁଦ୍ରରେ ଚାଲିଛି ଜୀବନ ଖୋଜା। ଦୁଇ ଜଣ ମିଳିଲେ, ଆଉ ୨୨ ଏବେ କେଉଁଠି ? କୌଣସି ଲାଇଫ୍ ରାଫ୍ଟରେ ଅଛନ୍ତି ନା ଜାହାଜ ସହ ସେମାନେ ବି ଡୁବିଯାଇଛନ୍ତି ? ବଙ୍ଗୋପସାଗରରେ ପାନାମା ପତାକାଧାରୀ ଜାହାଜ ଓସନ୍ ୱିନର ବୁଡ଼ି ଘଟଣାକୁ ନେଇ ବଢୁଛି ସସପେନ୍ସ। ସବୁଠୁ ବେଶଷ ଟେନସନ୍ ୨୨ କ୍ରିୟୁ ମେମ୍ବରଙ୍କୁ ନେଇ। ନିଖୋଜଙ୍କୁ ଖୋଜିବା ପାଇଁ ସମୁଦ୍ର ସହ ଲଢୁଛି ଭାରତୀୟ ନୌସେନା ଓ ତଟରକ୍ଷୀ ବାହିନୀ। ନୌସେନାର ପି-୮ ଓ ମ୍ୟାରିଟାଇମ୍ ସର୍ଭେଲାନ୍ସ ଏୟାରକ୍ରାଫ୍ଟ ସହ ତଟରକ୍ଷୀ ବାହିନୀର ଜାହାଜଗୁଡ଼ିକ ସର୍ଚ୍ଚ ଅପରେସନରେ ସାମିଲ ହୋଇଛନ୍ତି। ଦୁଇ ଜଣ ଚାଇନିଜ୍ କ୍ରିୟୁ ମେମ୍ବର ଲାଇଫ୍ ରାଫ୍ଟରୁ ଉଦ୍ଧାର ହେବା ରେସ୍କ୍ୟୁ ଟିମକୁ ଅନେକ ସଂକେତ ଦେଇଛି।

ସୂଚନା ଅନୁସାରେ, ଜାହାଜ ଦୋହଲିବାର ପ୍ରାୟ ୮ ମିନିଟରେ ସଂପୂର୍ଣ୍ଣ ବୁଡ଼ିଯାଇଥିଲା। ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି, ଜାହାଜ ବୁଡ଼ିଥିବା ସ୍ଥାନକୁ ଚିହ୍ନଟ କରିବା। ଯଦି ଲାଇଫ୍ ରାଫ୍ଟରେ ଅନ୍ୟ କ୍ରିୟୁ ମେମ୍ବର ବାହାରି ଆସିଛନ୍ତି ତେବେ ସେମାନେ ଏବେ କେଉଁଠି, ତାହା ଆକଳନ କରିବା ମୁସ୍କିଲ୍। ପ୍ରତି ମୁହୂର୍ତ୍ତରେ ବଦଳୁଛି ସମ୍ଭାବ୍ୟ ସର୍ଚ୍ଚ ଏରିଆ। ଏଣୁ ଗୋଟିଏ ପଏଣ୍ଟ ନୁହେଁ, ବଡ଼ ଅଞ୍ଚଳକୁ ନଜରରେ ରଖି ଚାଲିଛି ଖୋଜାଖୋଜି। ତଟରକ୍ଷୀ ବାହିନୀର ଜନୈକ ଅଧିକାରୀଙ୍କ ଆଶଙ୍କା, ନିଖୋଜ କ୍ରିୟୁ ମେମ୍ବର ଜୀବିତ ଥିବା ଆଶା ଖୁବ୍ କମ୍। ଅତି କମ୍ ସମୟରେ ଜାହାଜ ବୁଡ଼ିଥିବାରୁ ଲାଇଫ୍ ରାଫ୍ଟରେ ବାହାରକୁ ଆସିବା ସମ୍ଭବ ନୁହେଁ।

କାହିଁକି ବୁଡ଼ିଲା ଓସନ୍ ୱିନର ? ମଝି ସମୁଦ୍ରରେ ବିଶାଳ ଜାହାଜ ସହ ଘଟିଲା କଣ ? ଅଘଟଣର ପ୍ରାୟ ଅଢ଼େଇ ଦିନ ପରେ ବି କାରଣ ଅସ୍ପଷ୍ଟ। କୋଷ୍ଟଗାର୍ଡ କିମ୍ବା ନୌସେନା ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନି। ତେବେ ବିଶେଷଜ୍ଞଙ୍କ ଆକଳନ କହୁଛି, ବିଶେଷକରି ଦୁଇଟି କାରଣ ପାଇଁ ବୁଡ଼ି ଯାଇଥାଇପାରେ ଜାହାଜ। ପ୍ରଥମତଃ ଓଦା ଆଇରନ୍ ମାତ୍ରାଧିକ ଅର୍ଥାତ ୭୧ ହଜାର ୨୦୦ ମେଟ୍ରିକ ଟନ ଲୁହାପଥର ଗୁଣ୍ଡର ଓଜନ କାରଣରୁ ଜାହାଜ ଗୋଟିଏ ପଟକୁ ଢଳିବା ପରେ ଆଉ ସିଧା ହୋଇନଥାଇପାରେ। ନଚେତ ଓଦାଳିଆ ଏବଂ ଓଜନିଆ କାର୍ଗୋ ସାଙ୍ଗକୁ ଅଶାନ୍ତ ସମୁଦ୍ର ଲହଡ଼ି ମାଡ଼ ଜାହାଜକୁ ଦୁଇ ଖଣ୍ଡ କରିଦେଇଥାଇପାରେ।

ଗତ ୨୦ ତାରିଖରେ ପାରାଦୀପରୁ ଲୁହାପଥର ଗୁଣ୍ଡ ନେଇ ଚୀନ ବାହାରିଥିଲା ଓସନ୍ ୱିନର। ପ୍ରାୟ ୪୦୭ କିଲୋମିଟର ଯିବା ପରେ ୨୨ ତାରିଖ ଦିନ ୧୧ଟା ୪୮ ମିନିଟରେ ଯୋଗାଯୋଗ ହରାଇବା ସହିତ ସମୁଦ୍ରରେ ବୁଡ଼ିଯାଇଥିଲା।

# ସରକାରୀ ସେବାରେ ଖିଲାପ କଲେ ଡଣ୍ଡ ଗଣିବେ ଅଧିକାରୀ

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ଲୋକଙ୍କ ସେବା ବିଳମ୍ବ ପାଇଁ ଦାୟୀ ଅଧିକାରୀଙ୍କ ଦରମାରୁ କଟିବ ଦିନକୁ ୨୫୦ ଟଙ୍କା ଜରିମାନା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନୂଆ ଗାଇଡଲାଇନ୍ ଜାରି ହୋଇଛି। ଏଣିକି ଲାଗୁ ହେବ ଅଟୋ ଅପିଲ୍ ସିଷ୍ଟମ। ଓଡ଼ିଶା ଜନସେବା ଅଧିକାର ଆଇନ, ୨୦୧୨ ଅଧିନରେ ଥିବା ସମସ୍ତ ସରକାରୀ ସେବା ଯୋଗାଣ ପ୍ରକ୍ରିୟାକୁ ଅଧିକ ପାରଦର୍ଶୀ ଓ ଉତ୍ତରଦାୟୀ କରିବା ପାଇଁ ଲାଗୁ ହୋଇଛି 'ଅଟୋ-ଅପିଲ୍ ସିଷ୍ଟମ୍'। ଏହାର ସୁପରିଚାଳନା ପାଇଁ ସାଧାରଣ ପ୍ରଶାସନ ଆଣିଛି, ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର୍ ବା ଏସଓପି। ସେବାରେ ଖିଲାପ ହେଲେ କି ବିଳମ୍ବ ହେଲେ ଆପେ ଆପେ ହେବ ଅପିଲ୍। ଆଉ ଦାୟୀ ରହିବେ ସଂପୃକ୍ତ ଅଧିକାରୀ। ନୂଆ ଏସଓପିରେ ଆର୍ଥିକ ଜରିମାନାର ବ୍ୟବସ୍ଥା ରହିଛି। କାର୍ଯ୍ୟରେ ବିଳମ୍ବ ପାଇଁ ଦାୟୀ ଅଫିସରଙ୍କ ଉପରେ ଦିନକୁ ୨୫୦ ଟଙ୍କା ହିସାବରେ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯାଇପାରିବ। ଜରିମାନା ଅର୍ଥକୁ ସଂପୃକ୍ତ ଅଫିସରଙ୍କ ଏଚ୍ଆରଏମ୍ଏସ୍ ଓ ଟ୍ରେଜେରୀ ସିଷ୍ଟମ ସହ ସଂଯୋଗ କରି ସିଧାସଳଖ ତାଙ୍କ ଦରମାରୁ ଆଦାୟ କରାଯିବାର ପ୍ରାବଧାନ ରହିଛି।



ନୂଆ ଏସଓପି ଅନୁସାରେ, ଓଡ଼ିଶା ଜନସେବାରେ ସାମିଲ ହୋଇଥିବା ସେବା ପାଇବା ପାଇଁ ଜଣେ ଆବେଦନକାରୀ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିବା ପରେ ମିଳିବ ଏକ ଆକନଲେଜମେଣ୍ଟ ନମ୍ବର। ଯଦି ନିର୍ଦ୍ଦିଷ୍ଟ ଦାୟିତ୍ୱପ୍ରାପ୍ତ ଅଫିସର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉକ୍ତ ଆବେଦନର ସମାଧାନ କରି ସେବା ପ୍ରଦାନରେ ବିଫଳ ହୁଅନ୍ତି, ତେବେ କୌଣସି ଅତିରିକ୍ତ ଆବେଦନ ବିନା ସିଷ୍ଟମ ଉକ୍ତ ମାମଲାକୁ 'ଅଟୋ-ଅପିଲ୍' ଭାବରେ ପ୍ରଥମ ଅପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦେବ। ଏହାସହିତ ସଂପୃକ୍ତ ଦାୟିତ୍ୱପ୍ରାପ୍ତ ଅଫିସରଙ୍କ ପୋର୍ଟାଲ୍ ଆକ୍ସେସ୍ ମଧ୍ୟ ବନ୍ଦ ହୋଇଯିବ। ସେହିପରି ଯଦି ଆପିଲେଟ୍ କର୍ତ୍ତୃପକ୍ଷ ବା ଉପରିସ୍ଥ ଅଧିକାରୀ ୩୦ ଦିନ ମଧ୍ୟରେ ଉକ୍ତ 'ଅଟୋ-ଅପିଲ'ର ସମାଧାନ ନକରନ୍ତି, ତା'ହେଲେ ମାମଲାଟି ଆପେ ଆପେ 'ଅଟୋ-ରିଭିଜନ୍' ମାଧ୍ୟମରେ ରିଭିଜନାଲ୍ କର୍ତ୍ତୃପକ୍ଷଙ୍କ ନିକଟକୁ ପଳାଇଯିବ। ଏ ସମସ୍ତ ପ୍ରକ୍ରିୟାର ପ୍ରତିଟି ପଦକ୍ଷେପ ସମ୍ପର୍କରେ ଆବେଦନକାରୀ ତଥା ସଂପୃକ୍ତ ଅଧିକାରୀମାନଙ୍କୁ ଏସଏମଏସ, ହ୍ୱାଟ୍ସଆପ୍ ବା ଆମ ସାଥୀ ବଟ୍ ମାଧ୍ୟମରେ ଓ ଇମେଲ୍ ଜରିଆରେ ତୁରନ୍ତ ସୂଚନା (ପୃଷ୍ଠା ୭ରେ)

# ଋଷରେ ପୁଟିନଙ୍କୁ ଭେଟିଲେ ଜୟଶଙ୍କର

ମସ୍କୋ, ୨୪।୮

ଦୁଇଦିନିଆ ଋଷ୍ ଗସ୍ତରେ ଥିବା ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ସୋମବାର ମସ୍କୋରେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ, ଆର୍ଥିକ ସହଯୋଗ, ଶକ୍ତି ଓ ପରମାଣୁ କ୍ଷେତ୍ର ସମେତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି।

ଭାରତ-ଋଷ୍ ମଧ୍ୟରେ ଚଳିତ ବର୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଥିବାରୁ ପୁଟିନ୍ ଖୁସି ପ୍ରକାଶ କରିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶ୍ରେୟ ଦେଇଛନ୍ତି। ଋଷ୍-ଭାରତ ସମ୍ପର୍କର ବିକାଶ ଉପରେ ମୋଦୀ ବ୍ୟକ୍ତିଗତ ଭାବେ ବିଶେଷ ଧ୍ୟାନ ଦେଉଥିବା ପୁଟିନ୍ କହିଛନ୍ତି। ସେହିପରି ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କ ଏବେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସେ କହିଛନ୍ତି। ଜୟଶଙ୍କର ପୁଟିନ୍‌ଙ୍କୁ ମୋଦୀଙ୍କ ଶୁଭେଚ୍ଛା ଜଣାଇବା ସହ ତାଙ୍କର ବ୍ୟକ୍ତିଗତ ବାର୍ତ୍ତା ହସ୍ତାନ୍ତର କରିଛନ୍ତି। ଆନ୍ତଃସରକାରୀ କମିଶନ୍ ବୈଠକରେ ଭଲ ଫଳାଫଳ ମିଳିଥିବା ସେ କହିଛନ୍ତି। ଦୁଇ ଦେଶର ଆର୍ଥିକ ସହଯୋଗରେ ବଡ଼ ବୃଦ୍ଧି ଘଟିଥିବା ଏବଂ ବାଣିଜ୍ୟ, ଶକ୍ତି, ଉର୍ବରକ ଓ ପରମାଣୁ କ୍ଷେତ୍ରରେ ଭାଗୀଦାରି ଆହୁରି ମଜଭୁତ ହେଉଥିବା ସେ ଜଣାଇଛନ୍ତି।

ଏହାପୂର୍ବରୁ ଜୟଶଙ୍କର (ପୃଷ୍ଠା ୭ରେ)




# ୫ରେ ସିଜେପିର ଆନ୍ଦୋଳନ ଡାକରା

ନୂଆଦିଲ୍ଲୀ, ୨୪।୮

ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରି ଦେଶରେ ନୂଆ ସମ୍ଭାବନା ସୃଷ୍ଟି କରିଥିବା କକ୍ରୋଚ ଜନତା ପାର୍ଟି ବା ସିଜେପି ସୋମବାର ବଡ଼ ଘୋଷଣା କରିଛି। ଦେଶର ଜେନ୍ ଜିଙ୍କୁ କେନ୍ଦ୍ର ସରକାର ଧୋକା ଦେଇଥିବା ଅଭିଯୋଗ କରିଛି ସିଜେପି।

ଏଥିପାଇଁ ଦେଶର ଯୁବଗୋଷ୍ଠୀ ସିଜେପି ନେତୃତ୍ୱରେ ପୁଣି ବିକ୍ଷୋଭ ଶୋଭାଯାତ୍ରା କରିବେ। ଆସନ୍ତା ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଶତାଧିକ ଯୁବକ ଶୋଭାଯାତ୍ରା କରି ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଅଭିମୁଖେ ଯିବେ ବୋଲି ସୋମବାର ସିଜେପି ଘୋଷଣା କରିଛି। ସିଜେପି ମୁଖପାତ୍ର (ପୃଷ୍ଠା ୭ରେ)

## ଏକାଳ ପଖାଳ



ଛୋଟ ବେପାରୀ ଧରା ହୁଅନ୍ତି
ଆହୁରି ଆଗକୁ ହେବେ
ବଡ ବଡ ମୁଣ୍ଡ କମ୍ପାନୀବାଲାଙ୍କୁ
ପାନେ ଆଉ ପୁଣି କେବେ ?
ଯଦି ଇଏ ସବୁ ଥିବେ
ନକଲି ପନିର ଛେନାଯେ ଫେରିବେ
କଥାଟା ବି ପିତା ଲାଗେ ?

# ଆମ ସାହିତ୍ୟରେ ପାଠକୀୟ ଉଦାସୀନତା-୧




ଦୁର୍ଗା ଚରଣ ଷଡଙ୍ଗୀ
ମୋ : ୯୪୩୮୫୩୫୫୭୭


ସାମୟିକ କାଳଖଣ୍ଡରେ ଭାଷା-ସାହିତ୍ୟ ପ୍ରତି ପାଠକଙ୍କ ଉଦାସୀନତା ଆଜି ଚରମ ପର୍ଯ୍ୟାୟରେ ପହଞ୍ଚି ଯାଇଛି ବୋଲି ଅନୁମାନ କରିହୁଏ । ବିଜ୍ଞ ଶ୍ରୋତା ଏବଂ ଉତ୍ତମ ମନନଶୀଳ ପାଠକ ଗୋଷ୍ଠୀ ସର୍ବଦା ସାହିତ୍ୟରେ ସାମାଜିକ ଭାବବୋଧ, ଭାଷା ସଙ୍ଗତି ଓ ଚିତ୍ତ ବିନୋଦନକାରୀ ସାହିତ୍ୟ ପ୍ରସଙ୍ଗମାନ ପଢିବାକୁ ଓ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ମାତ୍ର ଏବେ ତାହା ଆମ ସାହିତ୍ୟରେ ଦୁଷ୍ପ୍ରାପ୍ୟ ଓ ପ୍ରବଚନରେ ସୀମିତ ମନେ ହୁଏ । ହାତଗଣତି କେତେକ ସର୍ଜନାକୁ ବାଦ ଦେଲେ ଅନ୍ୟ ସବୁରେ ପାଠକୀୟ ଅଭିରୁଚି ନାହିଁ କହିଲେ ଚଳେ ! ମନନଶୀଳ ପାଠକଟିଏ ସର୍ବଦା ସାମାଜିକ ଦାୟିତ୍ୱବୋଧ ନିର୍ବାହ କରୁଥିବା ରଚନାରେ ସ୍ପଷ୍ଟ ହୋଇଥିବା ଭାବ ବିଭୋରତା, ସୌନ୍ଦର୍ଯ୍ୟବୋଧ ଓ ଶାଳୀନତାପୂର୍ଣ୍ଣ ଲେଖକୀୟ ଅଭିବ୍ୟକ୍ତି ଥିବା ପ୍ରସଙ୍ଗମାନଙ୍କ ଉପରେ ନିଜର ଅଭିରୁଚି ରଖିଥାଏ । ମାଛହାଟରେ ମାଛ ଖାଇବାକୁ ଲୋଭ ରଖିଥିବା ଉତ୍ତମ ଗ୍ରାହକଟିଏ ଯେପରି ସାରାଟା ହାଟ ବୁଲି ବୁଲି ନିଜ ମନ ପସନ୍ଦର ମାଛ ଖୋଜି ଲୋଡି ଆଣେ, ସେପରି ବିଜ୍ଞ ସାହିତ୍ୟପ୍ରେମୀ ସୁଧୀ ପାଠକଟିଏ ନିଜ ମନପସନ୍ଦର ସାହିତ୍ୟ କୃତୀଗୁଡିକୁ ଖୋଜି ଲୋଡି ପଢେ ଓ ସେଥିରୁ ସେ ତା'ର ସ୍ୱର୍ଗୀୟ ମାଧୁର୍ଯ୍ୟକୁ ପଳପଳ କରି ଉପଭୋଗ କରେ ଓ ଝୁରି ହୁଏ । ବିଗତ ଦଶନ୍ଧିମାନଙ୍କରେ ସେଭଳି ଅନେକାନେକ କୃତୀ ପ୍ରାଣଗତ ଆନନ୍ଦ ସଞ୍ଚରି ଯାଉଥିବା ସାହିତ୍ୟକାରମାନଙ୍କୁ ପାଠକ ନିଜ ସ୍ମୃତିରେ ବାନ୍ଧି ରଖିବାରେ ସକ୍ଷମ ହୋଇଛି ମଧ୍ୟ । ମାତ୍ର ବର୍ତ୍ତମାନ କ୍ଷେତ୍ରରେ ସେଭଳି ଜୟ ଜୟକାର ଅବସ୍ଥାଟି ଆଉ ଦୃଷ୍ଟି ଗୋଚର ହେଉନାହିଁ ! କାହିଁକି ?

ପାଠକ ହିଁ ସାହିତ୍ୟର ଶ୍ରେଷ୍ଠ ପକ୍ଷଧର ଓ ବିଚାରକ । ଆମ ସାହିତ୍ୟରେ ସୁନାମ ଅର୍ଜନ କରିଥିବା କତିପୟ ସ୍ରଷ୍ଟାଗଣ ସେହି ପାଠକୀୟ ମର୍ଯ୍ୟାଦାକୁ ଲାଭ କରି ମହିମାମୟ ହୋଇଛନ୍ତି ଏବଂ ସେହି (ପୃଷ୍ଠା ୭ରେ)

# ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୪।୮

ନ୍ୟୁଜ୍ ବ୍ୟୁରୋ

ବୌଦ୍ଧରୁ ବରଗଡ଼ ସମ୍ବଲପୁରରୁ ସୁନ୍ଦରଗଡ଼ । ପଶ୍ଚିମ ଓଡ଼ିଶାରେ ସାଂଘାତିକ ବର୍ଷା । ଆସନ୍ତା ୨୪ ଘଣ୍ଟାରେ ଅତିପ୍ରବଳ ବର୍ଷା ନେଇ ୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବରଗଡ଼, ସୋନପୁର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା ଓ ସୁନ୍ଦରଗଡକୁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ। ଏହି ଜିଲ୍ଲା ଗୁଡ଼ିକରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ ।

ସେହିଭଳି ବାକି ୨୪ ଜିଲ୍ଲାକୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ । ତେବେ



ମଙ୍ଗଳବାରଠୁ ବର୍ଷା ସାମାନ୍ୟ ହ୍ରାସ ପାଇବ । ୨୫ ଓ ୨୬ ତାରିଖରେ ଉତ୍ତର ଓ ଉପକୂଳ ଓଡ଼ିଶାର କିଛି କିଛି ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୨୭ ଓ ୨୮ ତାରିଖରେ ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅଗଷ୍ଟ ୨୦୨୬ ମଙ୍ଗଳବାର





# ଜଗତସିଂହପୁରରେ ସୋଲାର ରଥର ଶୁଭାରମ୍ଭ



**ଜଗତସିଂହପୁର , ନ୍ୟୁଜ୍ ବ୍ୟୁରୋ**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜଳି ଯୋଜନା' ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସଚେତନତା ବୃଦ୍ଧି ତଥା ଏହାର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଓ ଜଗତସିଂହପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ୍ (ଆଇଏଏସ୍) ଏହି ସୋଲାର ରଥକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତି କୁମାର ରାଉତ, ଟିପିସିଓଡିଏଲ୍‌ର ଚିଫ ଇଞ୍ଜିନିୟର ବିବିଧ ସାମଲ, ଟିପିସିଓଡିଏଲ୍‌ର ପାରାଦ୍ୱୀପ ସର୍କଲର ଅତିରିକ୍ତ ଚିଫ୍ ଇଞ୍ଜିନିୟର ଶିବ ପ୍ରସାଦ ସ୍ୱାଇଁ, ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସୋଲାର ରଥ, ଚୟନ କରାଯାଇଥିବା ମଡେଲ ସୋଲାର ଗ୍ରାମଗୁଡ଼ିକ ସମେତ ସମଗ୍ର ଜିଲ୍ଲା ପରିକ୍ରମା କରି ଲୋକମାନଙ୍କୁ ରୁଫଟପ୍ ସୋଲାର, ସରକାରୀ ସବସିଡି, ଯୋଗ୍ୟତା ମାନଦଣ୍ଡ ଏବଂ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସୋଲାର ସାଙ୍ଗ ଟିମ ଉପଭୋକ୍ତାମାନଙ୍କ ସହ ସିଧାସଳଖ ଆଲୋଚନା କରି ଘଟଣାସ୍ଥଳରେ ହିଁ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିବେ। ପୂର୍ବରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ କମିଟି ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ମଡେଲ ସୋଲାର ଗ୍ରାମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୧୦ଟି ଗ୍ରାମକୁ ଚୟନ କରିଥିଲେ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଚେୟାର ଚାଲିବାକୁ ନାହିଁ ଅର୍ଥ : ଭବିଷ୍ୟତକୁ ନେଇ ଆଶଙ୍କା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ମା' ରମାଦେବୀ ଚେୟାର ବନ୍ଦ ହେବାକୁ ବସିଲାଣି। ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ଯୋଗାଣ ବନ୍ଦ ହୋଇଥିବାରୁ ଚେୟାର ଚାଲିବା ଆଉ ସମ୍ଭବପର ହେଉ ନାହିଁ। ପରିମାଣ ସ୍ୱରୂପ ଯେଉଁ ରମାଦେବୀଙ୍କ ନାମରେ ବିଶ୍ୱବିଦ୍ୟାଳୟ ନାମିତ ହୋଇଛି, ତାହାକୁ ବନ୍ଦ କରିବାକୁ ଏକପ୍ରକାର ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ଆସିଛି। ୨୦୨୩ ଜୁଲାଇରେ ମା' ରମାଦେବୀଙ୍କ ସ୍ମୃତିରେ ସ୍ଥାପିତ ହୋଇଥିବା ଏହି ଚେୟାରରେ ଲିଙ୍ଗଗତ ସମାନତା, ସାମାଜିକ ନ୍ୟାୟ, ମହିଳା ସଶକ୍ତିକରଣ ଆଦି ବିଷୟରେ ଗବେଷଣା ଓ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା। ଶୁଭାରମ୍ଭ ଦିନରୁ ଆଜି ପର୍ଯ୍ୟନ୍ତ ଏକାଧିକ କାର୍ଯ୍ୟକ୍ରମ ମାଧ୍ୟମରେ ଗବେଷଣା ଓ




ଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା ମଧ୍ୟ ଆଗକୁ ବଢ଼ିବାକୁ ଏହି ଚେୟାର ଏବେ ସଂଘର୍ଷ କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଯାହାଙ୍କ ନାମରେ ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ନାମିତ ହୋଇଛି ତାଙ୍କ ସ୍ମୃତିରେ ପ୍ରତିଷ୍ଠା ହୋଇଥିବା ଚେୟାରର ଭବିଷ୍ୟତ ନେଇ ଏବେ ଆଶଙ୍କା ପ୍ରକାଶ ପାଇଛି। ଗତ ସରକାର ସମୟରେ ପ୍ରତିଷ୍ଠା ହୋଇଥିବା ଏହି ଚେୟାର ମାଧ୍ୟମରେ ସମାଜରେ ନାରୀଭିତ୍ତିକ ସମସ୍ୟାଗୁଡ଼ିକର ବିଶ୍ଳେଷଣାତ୍ମକ ଓ ତୁଳନାତ୍ମକ ଗବେଷଣା କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିସହ ହ୍ୟୁମାନିଟିଜ୍ ଓ ସମାଜ ବିଜ୍ଞାନ ଆଦି ବିଭିନ୍ନ କ୍ଷେତ୍ରର ସହଭାଗିତାରେ ବହୁବିଷୟକ ଅନୁସନ୍ଧାନ, ବିଭିନ୍ନ ମହିୟସୀ ମହିଳାଙ୍କ ଆବଦାନ ସମେତ ସେମାନଙ୍କ ସଫଳତାର ଆଲୋଚନା କରାଯାଇ ଆଗାମୀ ପିଢ଼ିଙ୍କୁ ପ୍ରୋତ୍ସାହିତ, ସାମାଜିକ ବ୍ୟାଧିଗୁଡ଼ିକର ନିରାକରଣ ଓ ନାରୀ-ପୁରୁଷ ଲିଙ୍ଗଗତ ଭେଦଭାବ ଦୂର, ମହିଳା ସଶକ୍ତିକରଣ ପରି କ୍ଷେତ୍ରରେ ଏହି ଚେୟାର କାର୍ଯ୍ୟ କରିବ। ଦେଶର ଉନ୍ନତି ସହ ଓଡ଼ିଶାର ଅର୍ଥନୈତିକ ବିକାଶ ମା' ରମାଦେବୀ ଚେୟାର ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚେୟାରର ପ୍ରଫେସର ଭାବେ ସୁଚେତା ପ୍ରିୟବାଦିନୀଙ୍କୁ ଅବସ୍ଥାପିତ କରାଯାଇଥିଲା। ଚେୟାର ପ୍ରତିଷ୍ଠା ହେବା ପରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ମହିଳାଙ୍କ ସମ୍ପର୍କିତ ବିଭିନ୍ନ କର୍ମଶାଳା, ଆଲୋଚନାଚକ୍ର କରାଯାଇଥିଲେ ମଧ୍ୟ ଗବେଷଣା କ୍ଷେତ୍ରରେ ସେତେଟା ପ୍ରଭାବ ପକାଇପାରି ନ ଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଚେୟାର ପାଇଁ ବହୁତ କମ୍ ଅର୍ଥ ବ୍ୟୟବରାଦ ହୋଇଥିଲା, ଯାହାକି ଶେଷ ହୋଇଗଲାଣି। ପର୍ଯ୍ୟାୟକ୍ରମେ ଅର୍ଥ ଦିଆଯିବ ବୋଲି ପୂର୍ବ ସରକାର ଘୋଷଣା କରିଥିଲେ ମଧ୍ୟ ତାହା ମିଳିପାରି ନ ଥିଲା। ଯେଉଁଥିପାଇଁ ଏବେ ଚେୟାରର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମା' ରମାଦେବୀ ଚେୟାର ପାଇଁ ଅର୍ଥ ଅଭାବ ହେବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ନେଇଛନ୍ତି। ଚେୟାର ପାଇଁ କେତେ ଟଙ୍କା ମିଳିଥିଲା, କେବେ ଠାରୁ ଅର୍ଥ ଶେଷ ହୋଇଛି ସେନେଇ ସମୀକ୍ଷା ହୋଇଛି। ଏସମ୍ପର୍କରେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରିବା ସହ ଚେୟାର କିଭଳି ଠିକ୍ ଭାବେ ଚାଲିପାରିବ ସେନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

# କୋଶଲି ଲୋକନାଟ୍ୟ ପ୍ରତି ଗୁରୁ ଭଗବାନ ସାହୁଙ୍କ ଅବଦାନ ଅତୁଳନୀୟ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ବିଶିପାଲୀ ଠାରେ କୋଶଲି ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ 'ଜୁଏହୁଲା ଲୋକମହୋତ୍ସବ ପାଳନ କମିଟି, ବିଶିପାଲୀ' ପକ୍ଷରୁ ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। କମିଟିର ସଭାପତି ଦିଲୀପ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ଲୋକ, ଶିକ୍ଷାବିତ, ଶିକ୍ଷକ, ସାମ୍ବାଦିକ ଓ ସାଂସ୍କୃତିକପ୍ରେମୀ ଯୋଗଦେଇ ଭଗବାନ ସାହୁଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ନରେନ୍ଦ୍ର କୁମାର ହୋତା ଯୋଗଦେଇ କୋଶଲି ନାଟ୍ୟ ଓ ଲୋକସଂସ୍କୃତିର ବିକାଶରେ ଭଗବାନ ସାହୁଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଭଗବାନ ସାହୁ ନିଜର କଳା, ସାଧନା ଓ ନିଷ୍ଠା ମାଧ୍ୟମରେ କୋଶଲି ଲୋକନାଟ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ



ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ତାଙ୍କର କଳା ଓ ସାଂସ୍କୃତିକ ଅବଦାନ ଆଗାମୀ ପିଢ଼ି ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ସାମ୍ବାଦିକ ବାଳକିଶୋର ଖାଡ଼ଙ୍ଗା ଯୋଗଦେଇ ଭଗବାନ ସାହୁଙ୍କ ଜୀବନ, କଳାସାଧନା ଓ କୋଶଲି ସଂସ୍କୃତି ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବ ଭୋଇ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଭଗବାନ ସାହୁଙ୍କ ସ୍ମୃତିକୁ ଚିରସ୍ଥାୟୀ କରିବା ସହ ତାଙ୍କର ସୃଜନଶୀଳ କାର୍ଯ୍ୟଧାରାକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଭଗବାନ ସାହୁଙ୍କ ଜୀବନ ଓ କୋଶଲି ନାଟ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ତାଙ୍କ ଦ୍ୱାରା କୋଶଲି ଭାଷା, ଲୋକକଳା ଓ ନାଟ୍ୟ ପରମ୍ପରାର ପ୍ରଚାର-ପ୍ରସାର ପାଇଁ କରାଯାଇଥିବା ଉଦ୍ୟମକୁ ଉପସ୍ଥିତ ବକ୍ତାମାନେ ସ୍ମରଣ କରିଥିଲେ। ନୂତନ ପିଢ଼ି ତାଙ୍କ ଆଦର୍ଶ ଓ ସାଂସ୍କୃତିକ ଚେତନାରୁ ପ୍ରେରଣା ନେଇ କୋଶଲି ଲୋକକଳାର ସୁରକ୍ଷା ଓ ପ୍ରସାର ଦିଗରେ ଆଗେଇ ଆସିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଭାବେ ବିଦ୍ୟାଳୟର ଗୋଟିଏ କୋଠରୀକୁ କୋଶଲି ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଭଗବାନ ସାହୁଙ୍କ ସ୍ମୃତିକୁ ସମ୍ମାନ ଦେବା ସହ ଛାତ୍ରଛାତ୍ରୀଙ୍କ ମନରେ କୋଶଲି କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଉପସ୍ଥିତ ସମସ୍ତେ ମତ ଦେଇଥିଲେ। ଶେଷରେ ଅରକ୍ଷିତ ଚନ୍ଦ୍ର ମହାନନ୍ଦ କାର୍ଯ୍ୟକ୍ରମର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଭଗବାନ ସାହୁଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କର ସ୍ମୃତିଚାରଣ ସହ କୋଶଲି ଲୋକନାଟ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଏକତ୍ରିତ ହେବାର ଆହ୍ୱାନ ଦିଆଯାଇଥିଲା।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଜାଗା ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଓ ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବା ଉପରେ ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଙ୍କ ଅଧ୍ୟକ୍ଷତା ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋନପୁର ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକ ରେ ଏ ଡି ଏମ୍ ଶ୍ରୀ ରାଜେନ୍ଦ୍ର ମାଝୀ, ଏ ଡି ଏମ୍ ଅଞ୍ଜଳିନା ପଧାନ, ସୋନପୁର ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୂପା ରଥ, ବୀର ମହାରାଜ ପୁର ଉପ ଜିଲ୍ଲାପାଳ, ସୋନପୁର ବିଡିଓ ପ୍ରତୀକ କର ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ପୁରୀ ଜିଲ୍ଲା ର ସାକ୍ଷୀଗୋପାଳ ବକୁଳ ବନ ବିଦ୍ୟାଳୟ ରେ ଶିକ୍ଷକତା କରିଥିବା ଗୋଦାବରୀଶ ମିଶ୍ର ଜଣେ ଆଦର୍ଶ ଓ ଛାତ୍ର ବତ୍ସଳ ଥିଲେ ବୋଲି କହି ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ଓ ପ୍ରତିଭା ଚିହ୍ନଟ କରିବା ଲକ୍ଷ୍ୟ ନେଇ ଏ ବିଦ୍ୟାଳୟ ପ୍ରତିଷ୍ଠା କରା ଯାଉଥିବା ବିଷୟ ପ୍ରକାଶ କରିଥିଲେ । ଜିଲ୍ଲା ରେ ୧୦୯ ଗୋଟି ପଞ୍ଚାୟତ ରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଖୁବ୍ ଶୀଘ୍ର ୫ ଏକର ଲେଖାଏଁ ସରକାରୀ ଜମି ଚିହ୍ନଟ କରି ଖୁବ୍ ଶୀଘ୍ର ଏହି ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିବାକୁ ସଭାରେ ଉପସ୍ଥିତ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ , ସମସ୍ତ ବି ଇ ଓ, ତହସିଲଦାର , ଅତିରିକ୍ତ ତହସିଲଦାର , ଆର ଆଇ ପ୍ରମୁଖ ରାଜସ୍ୱ ଓ ଶିକ୍ଷା ବିଭାଗ ର ସମସ୍ତ ଅଧିକାରୀ କର୍ମଚାରୀ ଙ୍କୁ ଜିଲ୍ଲାପାଳ ଡ଼ ସାହୁ ନିର୍ଦ୍ଦେଶ ଦେଇଥିଲେ । ଏବଂ ଜମି ଚିହ୍ନଟ ପ୍ରକ୍ରିୟା ବହୁ ବିଳମ୍ବ ହୋଇ ଥିବାରୁ ସମସ୍ତ ଅଧିକାରି ଙ୍କ ଉପରେ ଜିଲ୍ଲାପାଳ କ୍ଷୁବ୍ଧ ପ୍ରକାଶ କରିଥିଲେ । ପ୍ରକାଶ ଥାଉ କି ଯେ ଗତ ଜୁନ ମାସରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମ ରେ ରାଜ୍ୟ ର ୨୦୪ ଗୋଟି ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ

# ଲାଲବଜାର ପୂଜା କମିଟିର ନୂତନ କର୍ମକର୍ତ୍ତା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହର ପ୍ରତିଷ୍ଠିତ ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପୂଜାକୁ ନେଇ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଲାଲ ବଜାର ସ୍ଥିତ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟ ମାନଙ୍କ ଉପସ୍ଥିତିରେ ପୂଜାର ପ୍ରସ୍ତୁତି ବାବଦରେ ଆଲୋଚନା ହୋଇଛି। ଚଳିତ ବର୍ଷ ପୂଜା ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ କିପରି ଏହାକୁ ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ସେପଟ୍ଟେମ୍ବର ମାସ ୧୪ ତାରିଖରେ ଗଣେଷ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ମାସକ ପୂର୍ବରୁ ପ୍ରସ୍ତୁତି ନେଇ ବୈଠକ ହୋଇଛି। ଚଳିତ ବର୍ଷ ଗଣେଷ ପୂଜାକୁ ମହାଆଡମ୍ବରରେ ପାଳନ କରାଯିବା ପାଇଁ ପୂଜା କମିଟି ଓ ଉପଦେଷ୍ଟା ମଣ୍ଡଳୀ ସର୍ବସମ୍ମତ କ୍ରମେ ସ୍ଥିରୀକୃତ ହୋଇଛି।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚେତନତା ସଭା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ପ୍ରଥମାଖଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରେ ଅଧ୍ୟକ୍ଷତା କରି ପ୍ରାଧିକରଣ ସଚୀବ ଲିପା ମହାନ୍ତି ସୂଚନା ପ୍ରଦାନ କରିବା ସହ ପ୍ରାଧିକରଣର ଢାଞ୍ଚା ତାର କାର୍ଯ୍ୟ ପରିସର ଓ ଉପଯୁକ୍ତ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଥିବା ଆଇନଗତ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ଯାଜପୁର ଏସ୍ ଡି ପି ଓ ଶରତ କୁମାର ପାତ୍ର, ରସୁଲପୁର ବ୍ଲକ୍ ଏ ବି ଡି ଓ ଶାରଦା ପ୍ରସାଦ ମହାନ୍ତି , କୁଆଖିଆ ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ




ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ବିବାଦର ସମାଧାନ, ପାରିବାରିକ ହିଂସାର ପ୍ରତିକାର, ତଫସିଲ ଭୁକ୍ତ ଜନଜାତି ଓ ସେମାନଙ୍କ ମଧ୍ୟରୁ ଦୁର୍ବିସହ ସ୍ଥିତିରେ ଥିବା ଆଦିବାସୀ ଏବଂ ଯାଯାବର ଶ୍ରେଣୀୟ ଉପଜାତିର ବ୍ୟକ୍ତି ବିଶେଷଙ୍କୁ ନ୍ୟାୟ ପ୍ରଦାନ କିପରି ତ୍ୱରିତ ଓ ସହଜ କରାଯିବ ସେଥିପାଇଁ କାର୍ଯ୍ୟକାରୀ ହେଉଥିବା ନାଲସାର ସଂବାଦ ସ୍କିମ ୨୦୦୫ ସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିବିଧ ଜନମଙ୍ଗଳକାରୀ ଯୋଜନା, ଏ ଦିଗରେ ଯଥାର୍ଥ ଉପଭୋକ୍ତା ମାନଙ୍କୁ କିପରି ନ୍ୟାୟିକ ସହାୟତା ମିଳିପାରିବ ସେ ସମ୍ବନ୍ଧ ରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ ଦୁର୍ଗା ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ଗ୍ରାମପଞ୍ଚାୟତ କର୍ମଚାରୀମାନେ ମିଳିତ ଭାବେ ସହଯୋଗ କରିଥିଲେ।

# ଗଞ୍ଜାମରେ ଓମ୍ ଶାନ୍ତି ପକ୍ଷରୁ ନିଶାମୁକ୍ତ ଅଭିଯାନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପ୍ରଜା ପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଞ୍ଜାମ ଆଶ୍ରମ ତରଫରୁ ଗଞ୍ଜାମ ବ୍ଲକ ଓ ସହରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସ୍କୁଲ କଲେଜ ରେ ୧୦ କୋଟି ନିଶା ମୁକ୍ତ ପ୍ରତିଜ୍ଞା ମହାଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗତ ୬ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଚାଲି ଆସିଥିବା ଏହି ଅଭିଯାନ ବ୍ରହ୍ମା କୁମାରୀ କସ୍ତୁରୀ ଦିଦିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମା କୁମାରୀ ଯମୁନା,ବ୍ରହ୍ମା କୁମାର ନିରଞ୍ଜନ, ବ୍ରହ୍ମା କୁମାର ଲକ୍ଷ୍ମଣ,ବ୍ରହ୍ମା କୁମାର ସହଦେବ, ବ୍ରହ୍ମା କୁମାରୀ ଲକ୍ଷ୍ମୀ,ବ୍ରହ୍ମା କୁମାରୀ ସୁନୀତା ପ୍ରମୁଖ ଙ୍କ ତତ୍ତ୍ୱାବଧାନରେ ଏହି ମହତ୍ତ୍ୱପୂର୍ଣ୍ଣ ଜନସଚେତନତା କାର୍ଯ୍ୟକ୍ରମ ନିରନ୍ତର ଭାବେ ଜାରି ରହିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ କୁଯାଇ ନିଶାଦ୍ରବ୍ୟ ର କୁପ୍ରଭାବ ସମ୍ପର୍କରେ ସଚେତନତା କରାଯିବା ସହ ନିଶାମୁକ୍ତ ଜୀବନ ଯାପନ ପାଇଁ ପ୍ରେରଣା ଦିଆଯାଇଥିଲା। ଏପରିକି ଗଞ୍ଜାମ ମହାବିଦ୍ୟାଳୟରେ ଡ଼ଃ ସ୍ମରଣିକା ହୋତା, ହୁମ୍ମା ସ୍ଲଟ କଲେଜ ଅଧ୍ୟକ୍ଷ



ନିରଞ୍ଜନ ରଥ ଖଣ୍ଡଦେଉଳି ସହିଦ ଭଗତ ସିଂ କଲେଜ ସରୋଜ କୁମାର ଜେନା ଗଞ୍ଜାମ ଭାରତ ବିଦ୍ୟାପୀଠ ପିଟି ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ, ସନ୍ତୋଷପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପଲାଇ, ହୁମ୍ମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମହେଶ୍ୱର ବେହେରା, ଆଦର୍ଶ ଶିକ୍ଷକ ବୃନ୍ଦାବନ ବେହେରା, ଜୟଶ୍ରୀ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଜୟଲକ୍ଷ୍ମୀ ମହାନ୍ତି, ଏକ୍ସ ବୋର୍ଡ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା, ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିର ମୁଖ୍ୟ ବଟକୃଷ୍ଣ ତ୍ରିପାଠି, କାର୍ତ୍ତିକଢ଼ି ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା ପଣିବନ୍ଧ ପ୍ରଧାନ ଶିକ୍ଷକ ଟୁନା ଜେନା ପ୍ରମୁଖ ଶିକ୍ଷାଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିଶାମୁକ୍ତି ସମ୍ପର୍କରେ ଶପଥ ପାଠ କରାଯିବା ସହ ସଚେତନତା ସୃଷ୍ଟି କରାଯାଇଥିଲା । ଆଗାମୀ ଦିନରେ ଗଞ୍ଜାମ ବ୍ଲକ ର ସମସ୍ତ ଗ୍ରାମ କୁ ଯାଇ ଏହି ନିଶାମୁକ୍ତ କାର୍ଯ୍ୟକ୍ରମ କରାଯିବା ପାଇଁ ବ୍ରହ୍ମା କୁମାର ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଲକ୍ଷ ରଖାଯାଇଛି।

# ପରିବର୍ତ୍ତିତ ଜଳବାୟୁରେ କୃଷିର ବିକାଶ ନିମନ୍ତେ ପରାମର୍ଶ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତରାଜ ଅନୁଷ୍ଠାନ ତରଫରୁ ଜଳବାୟୁ ପରିବର୍ତ୍ତନ ଦ୍ୱାରା କୃଷିର ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ସିଡିଭିଓ ଡକ୍ଟର ବିଭୁଦେଶ ପାତ୍ର, ରୁତୁମ୍ବରା ପ୍ରଜ୍ଞାଦର୍ଶନୀ ମିଶ୍ର, ଡକ୍ଟର ପ୍ରାର୍ଥ ପ୍ରତୀମ୍ ସାହୁ (ପ୍ରଫେସର ଏନ୍‌ଆର୍‌ଡିପିଆର୍), ଡକ୍ଟର ସୁଜିତ୍ ବିକ୍ରମ (ହାଇଦ୍ରାବାଦ), ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, ପ୍ରମୁଖ ଉପସ୍ଥିତ ରହି ଜଳବାୟୁ ପରିବର୍ତ୍ତନ ସମୟରେ କିଭଳି ଚାଷ କରାଯାଇପାରିବ ଏବଂ ଚାଷରେ କ୍ଷତି ନ ହେବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିପାଇଁ ଜିଲ୍ଲାର ରାଜନଗର ଓ ମହାକାଳପଡା ବ୍ଲକର ହାତୀନା, ବ୍ରାହ୍ମଣସାହି, ବତୀଘର ପ୍ରଭୃତି ପଞ୍ଚାୟତ ଗୁଡିକର ପ୍ରସନ୍ନପୁର, ପ୍ରହରାଜପୁର, ବ୍ରାହ୍ମଣସାହି, କଜଳାପତିଆ ଗ୍ରାମ ଗୁଡିକରେ ଦୀର୍ଘ ଏକ ବର୍ଷ ହେଲା ଜଳବାୟୁ ପରିବର୍ତ୍ତନ ସମୟରେ କାମ କରାଯାଉଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଚାଷର କ୍ଷୟକ୍ଷତି ହେଲେ କୃଷକ ନିରାଶ ହୋଇ ଚାଷ ଛାଡି ବାହାର ରାଜ୍ୟକୁ ଖଟିବା ପାଇଁ ଯାଉଥିବାରୁ ଜଳବାୟୁ ପରିବର୍ତ୍ତନ ସମୟରେ କିଭଳି ଚାଷ କରାଯାଇ ଲାଭବାନ୍ ହୋଇପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ଆୟୋଜିତ ଏହି ଆଲୋଚନା ସମୟରେ ରାଜନଗର ଓ ମହାକାଳପଡାର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ସସ୍ମିତା ଦାସ ଓ ସିତିକାନ୍ତ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।

# ମହାବିଦ୍ୟାଳୟରେ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଗାଇସିଲାଟ ଠାରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ଦ୍ୱାରା ପରିଚାଳିତ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଜୋନ୍-୨ ର ସଦସ୍ୟା ଝରଣା ପାଣିଗ୍ରାହୀ ଛାତ୍ରୀ ମାନଙ୍କୁ ଆତ୍ମସଂଯମ ନାରୀ ଜୀବନର ମୁଖ୍ୟ ଆଭୂଷଣ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଇଂରାଜୀ ବିଭାଗର ମୁଖ୍ୟ ତଥା ଶକ୍ତିଶ୍ରୀ ସଂଯୋଜିକା ପ୍ରତିକ୍ଷା ଉନସନା ସଭାକୁ ପରିଚାଳନା କରିଥିଲେ । ଏହି ସଭାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବରିଷ୍ଠ ପରାମର୍ଶଦାତା ତଥା ପ୍ରାଣୀ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ସୁଦୀପ୍ତ କୁମାର୍ ଦାଶ ବର୍ତ୍ତମାନ ସମାଜରେ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା ଡକ୍ଟର ମୁକ୍ତାଦେଇ ମେହେର ଆତ୍ମସୁରକ୍ଷା ଉପରେ ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ରୀମାନେ ଏକ ନୃତ୍ୟ ମାଧ୍ୟମରେ ନାରୀ ସଶକ୍ତିକରଣର ଏକ ବାର୍ତ୍ତା ଦେଇଥିଲେ ଓ ଆତ୍ମସୁରକ୍ଷା ତାଲିମର ଡେମୋ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ବିତରଣ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ । ପରିଶେଷରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା ସଂସ୍କୃତ ବିଭାଗର ଅଧ୍ୟାପିକା ସୁଶ୍ରୀ ନମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆଧୁନିକ ଭାରତର ସ୍ରଷ୍ଟା ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ତଥା ସଦଭାବନା ଦିବସ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳନ ହୋଇଯାଇଛି। ପ୍ରାରମ୍ଭରେ କଂଗ୍ରେସ କର୍ମୀ ମାନେ ସ୍ୱର୍ଗତ ଗାନ୍ଧୀଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ସଭାପତିତ୍ୱ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ଏବଂ ସ୍ୱର୍ଗତ ଗାନ୍ଧୀ ଦେଶ ପାଇଁ ଯେଉଁ ଦୂରଦୃଷ୍ଟି ରଖି କାର୍ଯ୍ୟ କରିଥିଲେ, ତାଙ୍କର ବଳିଦାନ ଓ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା। ପରିଶେଷରେ ଲୋକସଭା ର ବିରୋଧି ଦଳ ନେତା ତଥା କଂଗ୍ରେସ ର ସର୍ବୋଚ୍ଚ ନେତା ରାହୁଲ ଗାନ୍ଧୀ ଙ୍କ ଦୃଢ ନେତୃତ୍ୱ , ଓ ପିସିସି ସଭାପତି ଭକ୍ତ ଦାସ ଙ୍କ ଆହ୍ୱାନ , ଜିଲ୍ଲା ସଭାପତି ଶ୍ରୀଯୁକ୍ତ ନାୟକଙ୍କ ନିଷ୍ଠା , ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ହିମାଂଶୁ ମଲ୍ଲିକଙ୍କ ନେତୃତ୍ୱ ଏବଂ ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଙ୍କ କାର୍ଯ୍ୟଧାରା ରେ ଆସ୍ଥା ପ୍ରକଟ କରି ଶିକ୍ଷାବିତ ତଥା ସମାଜସେବୀ ପ୍ରଭାତ ମହାପାତ୍ର , ଯୁବ ଶିକ୍ଷାବିତ ନିର୍ମଳ ସାହୁ , ଓ ନବ ନିର୍ମାଣ କୃଷକ ସଂଗଠନ ର ରଘୁନାଥପୁର ବ୍ଲକ ସଂଯୋଜକ ଶରତ ମହାପାତ୍ର କଂଗ୍ରେସ ଦଳ ରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି : ୧୫୦ ମାମଲା ପଞ୍ଜିକୃତ

**ଜଗତସିଂହପୁର , ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୧୫୦ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୧୨ ଟି, ଆବାସ ଯୋଜନା ସମ୍ପର୍କୀୟ ୩୫ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ ଟି, ପୋଲିସ ସହାୟତା ପାଇବା ପାଇଁ ୯ ଟି, ଭତ୍ତା ପାଇବା ପାଇଁ ୬ ଟି ଏବଂ ଅନ୍ୟାନ୍ୟ ୩୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର ସତ୍ୟବ୍ରତ ଦାଶ, ଜିଲ୍ଲା ସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

# ସେପ୍ଟେମ୍ବର ୯ରେ ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନର ବାର୍ଷିକ ଉତ୍ସବ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏସନର ଅଷ୍ଟମ ବାର୍ଷିକ ଉତ୍ସବ ଆସନ୍ତା ସେପଟ୍ଟେମ୍ବର ୯ ତାରିଖ ବୁଧବାର ସ୍ଥାନୀୟ ଟାଉନ ହଲ ପରିସରରେ ଦିବା ୧୧ ଘଟିକା ସମୟରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଂଘ କାର୍ଯ୍ୟାଳୟରେ ସଭାପତି ଶରତ ପଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। । ଉକ୍ତ ଉତ୍ସବରେ ବିଧାୟକ, ମନ୍ତ୍ରୀ ବିଶିଷ୍ଟ ସାମ୍ବାଦିକ, ସାହିତ୍ୟିକ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ବ୍ୟାସନଗର ସହର ତଥା,ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସାମ୍ବାଦିକ, ବୁଦ୍ଧିଜୀବୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ସଂଘର ବରିଷ୍ଠ ଉପଦେଷ୍ଟା ,ହାରାଧନ ବାନାର୍ଜୀ,ବାବୁରାମ ଜେନା,ସାଧାରଣ ସମ୍ପାଦକ ଚିନ୍ତାମଣି ପାଢ଼ୀ, ସଂଗଠନ ସମ୍ପାଦକ ଉମାକାନ୍ତ ରାଉତ, ପ୍ରଦ୍ୟୁମ୍ନ ବୋଇତାଇ, ବିଜୟ କୁମାର ସାହୁ, ଯଜ୍ଞଦତ୍ତ ତ୍ରିପାଠୀ, ଭରତ ରାଉତ, କୈଳାସ ରାଉତ, ଦେବେନ୍ଦ୍ର କୁମାର ନାୟକ,ଦୁଷ୍ମନ୍ତ କୁମାର ରାଉତ,ପ୍ରଶାନ୍ତ କୁମାର ପାତ୍ର,ସୁଦୀପ ମିଶ୍ର,ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଉକ୍ତ ଉତ୍ସବରେ ସମସ୍ତେ ଯୋଗଦେବାକୁ ନିବେଦନ କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ପବିତ୍ର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବିଶ୍ୱ ବଜାରରେ ଚିନି ସଙ୍କଟ

ସାରା ଦେଶରେ ବର୍ତ୍ତମାନ ଚିନି ସଂକଟ ଦେଖାଦେଇଛି। ଭାରତରେ ଚଳିତ ଚିନି ଋତୁର ଉତ୍ପାଦନ ପୂର୍ବ ଆକଳନ ଠାରୁ କମି ପ୍ରାୟ ୩୦୬ ଲକ୍ଷ ମେଟ୍ରିକ୍ ଟନ୍ ହେବ ବୋଲି ଆକଳନ କରାଯାଇଛି। ସରକାରଙ୍କ ଅନୁଯାୟୀ, ବର୍ତ୍ତମାନର ଚିନି ମୂଲ୍ୟ ବୃଦ୍ଧି ଅନେକ କାରଣର ରହିଛି। ଯେପରିକି ଘରୋଇ ଉତ୍ପାଦନ ଆଶାଠାରୁ କମ୍, ପାର୍ବଣ ଋତୁ ପୂର୍ବରୁ ଚାହିଦା ବୃଦ୍ଧି, ପାଗ ସମ୍ବନ୍ଧୀୟ କାରଣ ଯୋଗୁଁ ଆଖୁ ଫସଲର କ୍ଷତି, ବିଶ୍ୱବ୍ୟାପୀ ଚିନି ଯୋଗାଣ ଅଭାବ ଏଥିପାଇଁ ଦାୟୀ। ଆଗକୁ ଆସୁଛି ପାର୍ବଣ ଋତୁ। ତେବେ ଏହା ପୂର୍ବରୁ ଦେଶରେ ଚିନିର ଦାମ୍ ବୃଦ୍ଧି ଚିନ୍ତା ସୃଷ୍ଟି କରିଛି। ସରକାର କହୁଛନ୍ତି ଇଥାନଲ୍ କାରଣରୁ ଚିନିର ମୂଲ୍ୟରେ କୌଣସି ବୃଦ୍ଧି ହୋଇନି। ତଥାପି ଚିନିର ଅଭାବ ଦେଖାଦେଇଛି। ଏହି କାରଣରୁ ଯେଉଁ ଦେଶ ଥରେ ବିଶ୍ୱକୁ ଚିନି ରପ୍ତାନି କରୁଥିଲା, ସେ ଏବେ ଆମଦାନି କରିବାକୁ ଯାଉଛି। ଚିନିର ଦରଦାମ୍ ବୃଦ୍ଧି କାରଣରୁ ବିଶ୍ୱ ବଜାରରେ ଚିନ୍ତା ବଢ଼ୁଛି। ବିଶ୍ୱର ପ୍ରମୁଖ ଚିନି ଉତ୍ପାଦକ ଦେଶ ଭାରତ ଓ ବ୍ରାଜିଲରେ ପାଣିପାଗ ସମସ୍ୟା ଯୋଗୁଁ ଉତ୍ପାଦନ ଓ ଯୋଗାଣ ଉପରେ ଚାପ ସୃଷ୍ଟି ହୋଇଛି। ବିଶ୍ୱର ସର୍ବବୃହତ ଆଖୁ ଉତ୍ପାଦନକାରୀ ଦେଶ ବ୍ରାଜିଲ ମଧ୍ୟ ଏକ ଗଭୀର ଚିନି ସଙ୍କଟର ସମ୍ମୁଖୀନ ହେଉଛି। ଆମେରିକାର ବୈଦେଶିକ କୃଷି ସେବା ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ବ୍ରାଜିଲ ବିଶ୍ୱର ୨୪% ଆଖୁ ଉତ୍ପାଦନ କରେ, ତା'ପରେ ଭାରତ ୧୬% ଆଖୁ ଉତ୍ପାଦନ କରେ। ସାରା ବିଶ୍ୱକୁ ଚିନି ରପ୍ତାନି କରୁଥିବା ବ୍ରାଜିଲର କୃଷକ ଇଥାନଲ୍ ଆଡକୁ ଢଳୁଛନ୍ତି। ବ୍ରାଜିଲ ଇଥାନଲ୍ ଉତ୍ପାଦନ ପାଇଁ ଏହାର ଆଖୁକୁ ବିନିଯୋଗ କରୁଛି, ଯାହା ଫଳରେ ବ୍ରାଜିଲରେ ଚିନି ସଙ୍କଟ ଦେଖାଦେଇଛି। ବ୍ରାଜିଲର ଜାତୀୟ ଯୋଗାଣକାରୀ କମ୍ପାନୀ କୋନାବ୍ ଅନୁଯାୟୀ, ଚିନି ଉତ୍ପାଦନରେ ପ୍ରାୟ ୩% ହ୍ରାସ ହୋଇପାରେ, ଯାହାର ଅର୍ଥ ହେଉଛି ଏହି ବର୍ଷ ବ୍ରାଜିଲରେ ଚିନି ଉତ୍ପାଦନ ପ୍ରାୟ ୪୩ ମିଲିୟନ ଟନ୍ କମ୍ ହେବାର ଆଶା କରାଯାଉଛି। ଭାରତ, ୟୁରୋପୀୟ ସଂଘ (EU) ଏବଂ ଥାଇଲ୍ୟାଣ୍ଡକୁ ପ୍ରତିକୂଳ ପାଗ ପାଇଁ ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ବୋଲି କୁହାଯାଏ। ଏହି ସମୟରେ, ଉଚ୍ଚ ଅଶୋଧିତ ତୈଳ ମୂଲ୍ୟ ବ୍ରାଜିଲ ଭଳି ପ୍ରମୁଖ ଚିନି ଉତ୍ପାଦନକାରୀ ଦେଶମାନଙ୍କୁ ଚିନି ଉତ୍ପାଦନରୁ ଇଥାନଲ୍ ଉତ୍ପାଦନକୁ ଫେରାଇ ଆଣିବାକୁ ଉତ୍ସାହିତ କରୁଛି। ବ୍ରାଜିଲ ଜୁଲାଇ ଶେଷ ଭାଗରେ ବାଧ୍ୟତାମୂଳକ ଭାବେ ଇଥାନଲ୍ ମିଶ୍ରଣ ହାରକୁ ୩୨% ବୃଦ୍ଧି କରିଛି, ଯାହାକି ଏକ ମାସକ ତଳେ ୩୦% ଏବଂ ବର୍ଷେ ପୂର୍ବେ ୨୭% ଥିଲା। ଏହା ଚିନି ଉପଲବ୍ଧତାକୁ ଆହୁରି ହ୍ରାସ କରିପାରେ, ଯାହା ଫଳରେ ବିଶ୍ୱ ଚିନି ଚାହିଦା ଉପରେ ଆହୁରି ଚାପ ପକାଇପାରେ। ଭାଲୋର ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ସକ୍ରିୟ ଏଲ ନିନୋ ଚିନି ଉତ୍ପାଦନକାରୀ ଅଞ୍ଚଳଗୁଡ଼ିକ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ପାଗ ପରିବର୍ତ୍ତନ ଭାରତ ଏବଂ ଥାଇଲ୍ୟାଣ୍ଡ ଭଳି ଆଖୁ ଉତ୍ପାଦନକାରୀ ଅଞ୍ଚଳଗୁଡ଼ିକୁ ପ୍ରଭାବିତ କରୁଛି। ବିଶ୍ୱର ମୋଟ ଆଖୁର ୬% ଉତ୍ପାଦନ କରୁଥିବା ଥାଇଲ୍ୟାଣ୍ଡ ଆସନ୍ତା ସପ୍ତାହରୁ ପାଗର ନକାରାତ୍ମକ ପ୍ରଭାବ ଅନୁଭବ କରିବ। ଏଲ ନିନୋ ଯୋଗୁଁ ବର୍ଷା ହ୍ରାସ ପାଇବାର ଆଶା କରାଯାଉଛି। ଆମେରିକା କମୋଡିଟି ବଜାର ଅନୁସାରେ, ଆମେରିକୀୟ ଚିନି ଫ୍ୟୁଚର୍ସ ମୂଲ୍ୟ ପାଉଣ୍ଡ ପ୍ରତି ୧୭ ସେଣ୍ଟ ଉପରେ କାରବାର କରୁଛି ଏବଂ ମେ ୨୦୨୫ ପରଠାରୁ ଏହାର ସର୍ବୋଚ୍ଚ ସ୍ତର ନିକଟରେ ରହିଛି। ବିଶ୍ୱ ଚିନି ଯୋଗାଣ ଆହୁରି ସୀମିତ ହେବାର ସମ୍ଭାବନା ଦ୍ୱାରା ବଜାରକୁ ସପୋର୍ଟ ମିଳୁଛି। ଏହା ବ୍ୟତୀତ, ଦଶନ୍ଧି ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ଉତ୍ପାଦନ ବିପଦକୁ ବୃଦ୍ଧି କରିଛି। ବିଶ୍ଳେଷକମାନେ ୨୦୨୬/୨୭ରେ ବିଶ୍ୱରେ ଚିନି ଅଭାବ ନେଇ ଚିନ୍ତା ପ୍ରକାଶ କରିଛନ୍ତି।

## ଆମ ସହର ପରିବର୍ତ୍ତନ... ଲେଖା ଉପରେ ମତାମତ

ଆପଣଙ୍କ ମତାମତ



**ମହାଶୟ,**

ଗତ ସଂଖ୍ୟାରେ ପ୍ରକାଶିତ ଶ୍ରୀ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକଙ୍କ ଲିଖିତ ସ୍ତମ୍ଭ 'ଆମ ସହର ପରିବର୍ତ୍ତନ - ସରକାରଙ୍କର ନା ନ୍ୟାୟପାଳିକାଙ୍କର?' ପଢ଼ିବାର ସୁଯୋଗ ପାଇଲି। ଅତ୍ୟନ୍ତ ସମୟୋଚିତ ଏବଂ ତଥ୍ୟଭିତ୍ତିକ ଲେଖାଟିଏ ପାଇଁ ଲେଖକ ଓ ସମ୍ପାଦକ ଉଭୟଙ୍କୁ ଧନ୍ୟବାଦ ଜଣାଉଛି। ଏହି ପ୍ରସଙ୍ଗରେ ଜଣେ ପାଠକ ଓ ନାଗରିକ ଭାବେ ମୋର ଏକ ସନ୍ତୁଳିତ ମତାମତ ପ୍ରକାଶ କରିବାକୁ ଚାହୁଁଛି: ସହରର ସକରାତ୍ମକ ପରିବର୍ତ୍ତନ ପାଇଁ ସରକାର ଓ ନ୍ୟାୟପାଳିକା ଉଭୟ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି, ବରଂ ପରିପୂରକ ଅଟନ୍ତି। ସରକାରଙ୍କ ପାଖରେ ଯୋଜନା ଓ ପ୍ରଶାସନ ଅଛି, କିନ୍ତୁ ଅନେକ ସମୟରେ ଯେତେବେଳେ ନିଷ୍ପତ୍ତି ନେବାରେ ବିଳମ୍ବ ହୁଏ ସେତେବେଳେ ନ୍ୟାୟପାଳିକାଙ୍କୁ ଏକ ସଂଶୋଧକ ଶକ୍ତି ଭାବେ ହସ୍ତକ୍ଷେପ କରିବାକୁ ପଡେ।

ଆଜି ଯେଉଁ Odisha Land Grabbing (Prohibition) Ordinance, ୨୦୨୪ କଥା କୁହାଯାଉଛି , ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। କିନ୍ତୁ ଏହାର କାର୍ଯ୍ୟକାରିତା ସ୍ୱଚ୍ଛ ଓ ମାନବିକ ହେବା ଆବଶ୍ୟକ। କେବଳ ଛୋଟ ଗରିବ ଉଠା ଦୋକାନୀଙ୍କୁ ଉଚ୍ଛେଦ ନକରି ବଡ଼ ଜବରଦଖଲକାରୀଙ୍କ ଉପରେ ମଧ୍ୟ ସମାନ ଭାବେ ଆଇନ ଲାଗୁ ହେବା ଉଚିତ୍। ଉଚ୍ଛେଦ ସହିତ ଥଇଥାନର ବ୍ୟବସ୍ଥା ରହିବା ଜରୁରୀ।

ଶେଷରେ, ଆମେ ନାଗରିକମାନେ ମଧ୍ୟ ଆମର ଦାୟିତ୍ୱ ବୁଝିବା ଆବଶ୍ୟକ। ଆମେ ନିଜେ ଫୁଟପାଥ୍ ଓ ଡ୍ରେନ୍ ଜବରଦଖଲ କରିବା ବନ୍ଦ ନକଲେ ସହର କେବେ ବି ସବୁଜ ସୁନ୍ଦର ହୋଇପାରିବ ନାହିଁ। ଏହି ବିତର୍କକୁ ଆହୁରି ସମ୍ପୂର୍ଣ୍ଣ କରିବା ପାଇଁ ଏଠାରେ କିଛି ବିନ୍ଦୁ ଯୋଡିବାକୁ ଚାହେଁ:

୧. ସରକାର ଏବଂ ନ୍ୟାୟପାଳିକା ଉଭୟ ପରସ୍ପରର ପରିପୂରକ:ସରକାରଙ୍କ ପାଖରେ ଯୋଜନା ଓ ପ୍ରଶାସନ ଅଛି, କିନ୍ତୁ ଅନେକ ସମୟରେ ଯେତେବେଳେ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ନିଷ୍ପତ୍ତି ବିଳମ୍ବ ହୁଏ। ସେତେବେଳେ ନ୍ୟାୟପାଳିକା ଏକ ସଂଶୋଧକ ଭାବେ ଏଥିରେ ହସ୍ତକ୍ଷେପ କରନ୍ତି। ତେଣୁ ପରିବର୍ତ୍ତନ ଉଭୟଙ୍କ ମିଳିତ ସହଯୋଗରେ ହିଁ ସମ୍ଭବ।

୨. ମାନବିକ ମଡେଲର ଆବଶ୍ୟକତା: ରାସ୍ତା ପ୍ରଶସ୍ତୀକରଣ ଏବଂ ଡ୍ରେନ୍ ସଫା କରିବା ନିହାତି ଜରୁରୀ, କିନ୍ତୁ ତା' ସହିତ ସଠିକ୍ ସର୍ଭେ, ଆଗୁଆ ନୋଟିସ୍ ଏବଂ ଗରିବ ଉଠା ଦୋକାନୀ ଓ ବସ୍ତି ବାସିନ୍ଦାଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରିବା ଜରୁରୀ।

୩. ନାଗରିକଙ୍କ ଭୂମିକା:ଆମେ କେବଳ ସରକାର ବା କୋର୍ଟଙ୍କୁ ଦୋଷ ଦେଲେ ହେବନି। ଆମେ ନିଜେ ମଧ୍ୟ ଫୁଟପାଥ୍, ଡ୍ରେନ୍ ଓ ପାର୍କକୁ ଜବରଦଖଲ କରୁଛେ। RWA ଏବଂ ୱାର୍ଡ କମିଟି ମାଧ୍ୟମରେ ସଚେତନତା ବଢ଼ାଇବା ଦରକାର।

୪. ଆଇନର ସ୍ୱଚ୍ଛ କାର୍ଯ୍ୟକାରିତା: ନୂଆ Land Grabbing Ordinance ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ସ୍ୱଚ୍ଛ ଓ ସମୟବଦ୍ଧ ଭାବେ ଲାଗୁ ହେବା ଦରକାର, ଯେମିତି ବଡ଼ ଜବରଦଖଲକାରୀ ଖସିଯିବେ ନାହିଁ ଓ ଛୋଟ ଗରିବ ଲୋକ ଦଣ୍ଡ ପାଇବେ ନାହିଁ।

୫. ଭୁବନେଶ୍ୱରର ମୂଳ ମାଷ୍ଟର ପ୍ଲାନ୍: ଡଃ ଅଟୋ କୋନିଗସବର୍ଜରଙ୍କ ପରିକଳ୍ପନା ଆଧାରରେ ଯଦି ରାଜଧାନୀର ସବୁଜ ଅଞ୍ଚଳ ଓ ଡ୍ରେନେଜ୍ ବ୍ୟବସ୍ଥାକୁ ପୁନରୁଦ୍ଧାର କରାଯାଏ, ତେବେ ସହରର ଅଧା ସମସ୍ୟା ଆପେ ସମାଧାନ ହୋଇଯିବ।

ମୋଟାମୋଟି ଭାବେ, ଶ୍ରୀ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକଙ୍କ ଲେଖାଟି ଆମ ସହରର ପ୍ରଶାସନ ପାଇଁ ଏକ ଦର୍ପଣ। ଏହା ସରକାର କିମ୍ବା ନ୍ୟାୟପାଳିକାର ବିରୋଧୀ ନୁହେଁ, ବରଂ ଏହା ଏକ ସୁସଂହତ ଜନମୁଖୀ ଆଲେଖ୍ୟ।

ଏଭଳି ଜନହିତକର ପ୍ରସଙ୍ଗରେ ଆଲୋଚନାକୁ ଆପଣଙ୍କ ସମ୍ଭ୍ରାନ୍ତ ଦୈନିକରେ ସ୍ଥାନ ଦେଲେ ମୁଁ କୃତଜ୍ଞ ରହିବି।

**ଡକ୍ଟର ଶାନ୍ତନୁ ଦାସ**
**୪୨୫, ଲେନ୍-୫, ସେକ୍ଟର-୫,**
**ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧**
**ମୋ:୯୪୩୭୨୨୫୩୭୯**

# ଛୋଟ ପିଲାଙ୍କ ଥଣ୍ଡା : ସର୍ଦ୍ଦି ବା ପ୍ରତିଶ୍ୟାୟର ଆୟୁର୍ବେଦ ଚିକିତ୍ସା



**ଡା. ଦୁର୍ଗାପ୍ରସାଦ ଦାଶ**
ପ୍ରଫେସର
ଶିଶୁରୋଗ ବିଭାଗାଧକ୍ଷ,
ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ
ମୋ-୯୮୫୩୪୩୫୯୧୬

**ପରିଚୟ:** ପ୍ରତିଶ୍ୟାୟ ଆୟୁର୍ବେଦରେ ବର୍ଣ୍ଣିତ ନାସା ସମ୍ବନ୍ଧୀୟ ଏକ ସାଧାରଣ ରୋଗ। ଏଥିରେ ନାକରୁ ପାଣି ପଡ଼ିବା, ବାରମ୍ବାର ଛିଙ୍କ ହେବା, ନାକ ବନ୍ଦ ହେବା, ମୁଣ୍ଡ ଭାରି ଲାଗିବା ଏବଂ ଘ୍ରାଣଶକ୍ତି କମିଯିବା ଭଳି ଲକ୍ଷଣ ଦେଖାଯାଏ। ଯଦି ଏହାର ସଠିକ୍ ଚିକିତ୍ସା ନ କରାଯାଏ କିମ୍ବା ବାରମ୍ବାର ହୁଏ, ତେବେ ଏହା ଦୀର୍ଘକାଳୀନ ଅବସ୍ଥାକୁ ପହଞ୍ଚି ଜୀର୍ଣ୍ଣ ପ୍ରତିଶ୍ୟାୟରେ ପରିଣତ ହୋଇପାରେ। ଆଧୁନିକ ଚିକିତ୍ସାରେ ଏହାକୁ ସାଧାରଣ ସର୍ଦ୍ଦି (common cold), ରାଇନାଇଟିସ୍ କିମ୍ବା ଏଲର୍ଜିକ୍ ରାଇନାଇଟିସ୍ (allergic rhinitis)ବୋଲି କୁହାଯାଏ ।

**ପ୍ରତିଶ୍ୟାୟର କାରଣ:** ଆୟୁର୍ବେଦ ଅନୁସାରେ ଅନୁଚିତ ଆହାର ଓ ବିହାର ଦ୍ୱାରା ବାତ, ପିତ୍ତ ଓ କଫ ଦୋଷ ବିକୃତ ହୋଇ ନାସାମାର୍ଗକୁ ପ୍ରଭାବିତ କରେ। ଅଧିକ ଥଣ୍ଡା ଖାଦ୍ୟ ଓ ପାନୀୟ, ଆଇସକ୍ରିମ୍, ଫ୍ରିଜରେ ରଖା ଖାଦ୍ୟ, ରାତିରେ ଦହି ସେବନ, ଅଧିକ ମିଠା ଓ ତେଲିଆ ଖାଦ୍ୟ ଏହାର ପ୍ରମୁଖ କାରଣ। ଏହା ସହିତ ଧୂଳି, ଧୂଆଁ, ପ୍ରଦୂଷଣ, ଥଣ୍ଡା ପବନ, ଏସିରେ ଅଧିକ ସମୟ ରହିବା, ଗରମ ଯୋଗୁଁ ଝାଳ ବୋହିବା ପରେ ଥଣ୍ଡା ପାଣିରେ ସ୍ନାନ କରିବା, ଦିନରେ ଅଧିକ ଶୋଇବା ଓ ରାତିରେ ଡେରିରେ ଶୋଇବା ମଧ୍ୟ ପ୍ରତିଶ୍ୟାୟକୁ ବଢ଼ାଇଥାଏ। ମାନସିକ ଚାପ, ଚିନ୍ତା ଓ ଅପର୍ଯ୍ୟାପ୍ତ ନିଦ୍ରା ମଧ୍ୟ ଏହାର କାରଣ ହୋଇପାରେ।

**ପ୍ରତିଶ୍ୟାୟର ସୃଷ୍ଟି ପ୍ରକ୍ରିୟା:** ଅନୁଚିତ ଆହାର ଓ ବିହାର ଦ୍ୱାରା ଦୋଷଗୁଡ଼ିକ ବିକୃତ ହୋଇ ନାସାମାର୍ଗରେ ସଞ୍ଚିତ ହୁଏ। ବିଶେଷକରି କଫ ଦୋଷ ବଢ଼ି ନାସାମାର୍ଗକୁ ଅବରୋଧ କରେ ଏବଂ ବାତର ସ୍ୱାଭାବିକ ଗତିକୁ ବାଧା ଦିଏ। ଏହାର ପରିଣାମରେ ନାକରେ ସ୍ରାବ, ଛିଙ୍କ, ନାକ ବନ୍ଦ ହେବା ଓ ମୁଣ୍ଡ ଭାରି ଲାଗିବା ଭଳି ଲକ୍ଷଣ ଦେଖାଯାଏ।

**ପ୍ରତିଶ୍ୟାୟର ପ୍ରକାର:** ଆୟୁର୍ବେଦରେ ପ୍ରତିଶ୍ୟାୟକୁ ବାତଜ, ପିତ୍ତଜ, କଫଜ, ସନ୍ନିପାତଜ ଏବଂ ରକ୍ତଜ ଭାବେ ବିଭାଜନ କରାଯାଇଛି। ବାତଜ ପ୍ରତିଶ୍ୟାୟରେ ନାକ ଶୁଖିଯିବା, ମୁଣ୍ଡବ୍ୟଥା ଓ କମ୍ ସ୍ରାବ ଥାଏ। ପିତ୍ତଜ ପ୍ରତିଶ୍ୟାୟରେ ହଳଦିଆ ସ୍ରାବ, ଜ୍ୱଳନ ଓ ଜ୍ୱର ଦେଖାଯାଏ। କଫଜ ପ୍ରତିଶ୍ୟାୟରେ ଘନ ଶ୍ୱେତ ସ୍ରାବ, ନାକ ବନ୍ଦ ହେବା ଓ ମୁଣ୍ଡ ଭାରି ଲାଗିବା ପ୍ରମୁଖ ଲକ୍ଷଣ। ସନ୍ନିପାତଜ ପ୍ରତିଶ୍ୟାୟରେ ତିନୋଟି ଦୋଷର ଲକ୍ଷଣ ଏକାସାଥିରେ ଥାଏ ଏବଂ ଏହା ଅଧିକ ଗୁରୁତର ହୋଇପାରେ।

**ପ୍ରତିଶ୍ୟାୟର ଲକ୍ଷଣ:** ପ୍ରତିଶ୍ୟାୟରେ ବାରମ୍ବାର ଛିଙ୍କ ହେବା, ନାକରୁ ପାଣି ପଡ଼ିବା, ନାକ ବନ୍ଦ ହେବା, ମୁଣ୍ଡବ୍ୟଥା, ମୁଣ୍ଡ ଭାରି ଲାଗିବା, ଘ୍ରାଣଶକ୍ତି କମିଯିବା, ଆଖିରୁ ପାଣି ଆସିବା, ଗଳାରେ ଜ୍ୱଳନ, କାଶ ଓ କେବେ କେବେ ହାଲୁକା ଜ୍ୱର ହୋଇପାରେ।

ଜୀର୍ଣ୍ଣ ପ୍ରତିଶ୍ୟାୟ: ପ୍ରତିଶ୍ୟାୟ ଯଦି ଦୀର୍ଘ ସମୟ ଧରି ରହେ କିମ୍ବା ବାରମ୍ବାର ପୁନରାବୃତ୍ତି ହୁଏ, ତାହାକୁ ଜୀର୍ଣ୍ଣ ପ୍ରତିଶ୍ୟାୟ କୁହାଯାଏ। ଏହା ମାସ ମାସ ଧରି ରହିପାରେ ଏବଂ ରୋଗୀଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ। ଅପୂର୍ଣ୍ଣ ଚିକିତ୍ସା, ପୁନଃପୁନଃ ଏଲର୍ଜି, ନାକର ଭିତର ଗଠନଗତ ସମସ୍ୟା (deviated nasal septum), ନାକର ପଲିପ୍, ଧୂଳି-ଧୂଆଁ ଓ ପ୍ରଦୂଷଣରେ ଦୀର୍ଘ ସମୟ ରହିବା ଏହାର କାରଣ ହୋଇପାରେ।ଏଥିରେ ଦୀର୍ଘଦିନ ଧରି ନାକ ବନ୍ଦ ରହିବା, ଘନ ଶ୍ଳେଷ୍ମା ସ୍ରାବ, ଘ୍ରାଣଶକ୍ତି ହ୍ରାସ, ମୁହଁ ଦେଇ ଶ୍ୱାସ ନେବା, ନାକ ଓ କପାଳରେ ଭାରିପଣ, ନିଦ୍ରା ସମୟରେ ଘୁଙ୍ଗୁଡ଼ି ମାରିବା ଓ ବାରମ୍ବାର କଣ୍ଠ ସଂକ୍ରମଣ ଦେଖାଯାଏ।

**ଚିକିତ୍ସା:** ଆୟୁର୍ବେଦରେ ପ୍ରତିଶ୍ୟାୟ ଚିକିତ୍ସାର ପ୍ରଥମ ପଦକ୍ଷେପ ହେଉଛି ନିଦାନ ପରିବର୍ଜନ, ଅର୍ଥାତ୍ ଯେଉଁ କାରଣରୁ ରୋଗ ହୁଏ ସେଗୁଡ଼ିକୁ ଏଡ଼ାଇବା। ଥଣ୍ଡା ଖାଦ୍ୟ, ଦହି, ଆଇସକ୍ରିମ୍, ଧୂଳି, ଧୂଆଁ ଏବଂ ଥଣ୍ଡା ପବନରୁ ଦୂରେ ରହିବା ଉଚିତ। ସର୍ବଦା ଉଷୁମ ପାଣି ପିଇବା ଏବଂ ହାଲୁକା ଖାଦ୍ୟ ଗ୍ରହଣ କରିବା ଉପକାରୀ ହୋଇଥାଏ।ଔଷଧ ଚିକିତ୍ସାରେ ସିତୋପଲାଦି ଚୂର୍ଣ୍ଣ, ତାଳିସାଦି ଚୂର୍ଣ୍ଣ, ତ୍ରିକଟୁ ଚୂର୍ଣ୍ଣ, ହରିଦ୍ରାଖଣ୍ଡ, ବ୍ୟୋଷାଦି ବଟୀ ଏବଂ ଚ୍ୟବନପ୍ରାଶ ଇତ୍ୟାଦି ରୋଗୀର ଅବସ୍ଥା ଅନୁସାରେ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କରାଯାଏ। ନସ୍ୟ କର୍ମ ଜୀର୍ଣ୍ଣ ପ୍ରତିଶ୍ୟାୟରେ ଅତ୍ୟନ୍ତ ଉପକାରୀ ହୋଇଥାଏ। ଅଣୁ ତୈଳ କିମ୍ବା ଷଡ୍ ବିନ୍ଦୁତୈଳ ନାକରେ ପ୍ରୟୋଗ କରିବା ଦ୍ୱାରା ନାକ ବନ୍ଦ ହେବା କମିଥାଏ ଏବଂ ଘ୍ରାଣଶକ୍ତିର ଉନ୍ନତି ହୋଇଥାଏ। ବାଷ୍ପ ସ୍ୱେଦନ ମଧ୍ୟ ଶ୍ଳେଷ୍ମାକୁ ପତଳା କରି ନାସାମାର୍ଗକୁ ପରିଷ୍କାର କରିଥାଏ।

**ଘରୋଇ ଉପଚାର:** ଘରୋଇ ଉପଚାର ମଧ୍ୟରେ ତୁଳସୀ, ତେଜପତ୍ର ଓ ଅଦା ମିଶ୍ରିତ କାଢ଼ା, ମହୁ ସହିତ ଅଦା ରସ, ହଳଦୀ ଓ ମହୁର ମିଶ୍ରଣ, ଉଷୁମ ପାଣି ପିଇବା , ବାଷ୍ପ ନେବା ଏବଂ ଲୁଣ ପାଣିରେ କୁଳି କରିବା ବହୁତ ଉପକାରୀ ହୋଇଥାଏ। ଅଜବାୟନ୍(ଜୁଆଣି ), ତୁଳସୀ ଓ ଗୋଲମରିଚ ମିଶ୍ରିତ କାଢ଼ା ମଧ୍ୟ କଫ କମାଇବାରେ ସହାୟକ ହୁଏ। ଏକ ବର୍ଷରୁ କମ୍ ବୟସର ଶିଶୁଙ୍କୁ ମହୁ ଦେବା ଉଚିତ ନୁହେଁ। ପ୍ରତିଶ୍ୟାୟରେ ଉଷୁମ ପାଣି, ମୁଗ ଡାଲି, ପରିବା ସୁପ୍, ଅଦା, ରସୁଣ, ହଳଦୀ, ତୁଳସୀ ଓ ହାଲୁକା ପାଚ୍ୟ ଖାଦ୍ୟ ସେବନ କରିବା ଉଚିତ। ଆଇସକ୍ରିମ, ଥଣ୍ଡା ପାନୀୟ, ରାତିରେ ଦହି, ଅଧିକ ମିଠା, ତେଲିଆ ଓ ଭଜା ଖାଦ୍ୟ ପରିହାର କରିବା ଆବଶ୍ୟକ।

ଉପସଂହାର:ସମୟ ଅନୁସାରେ ଚିକିତ୍ସା ନ କଲେ ପ୍ରତିଶ୍ୟାୟ ଜୀର୍ଣ୍ଣ ସାଇନୁସାଇଟିସ୍, କାନର ସଂକ୍ରମଣ, ଟନସିଲାଇଟିସ୍ (ତୁଣ୍ଡିକେରି), ବ୍ରୋଙ୍କାଇଟିସ୍ (ଶ୍ୱାସ ନଳି ସୋଫ) ଏବଂ ଶ୍ୱାସ ରୋଗକୁ ବଢ଼ାଇପାରେ। ତେଣୁ ଲକ୍ଷଣ ଦୀର୍ଘଦିନ ରହିଲେ, ଉଚ୍ଚ ଜ୍ୱର, ଶ୍ୱାସକଷ୍ଟ, ମୁହଁରେ ଯନ୍ତ୍ରଣା କିମ୍ବା ଆଖି ଚାରିପାଖରେ ଫୁଲା ଦେଖାଦେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ମନେରଖିବା ଉଚିତ ଯେ, ପ୍ରତିଶ୍ୟାୟ ଏକ ସାଧାରଣ ରୋଗ କିନ୍ତୁ ଅବହେଳା କଲେ ଜଟିଳ ରୂପ ନେଇପାରୁଥିବା ରୋଗ। ଉପଯୁକ୍ତ ଖାଦ୍ୟ, ଜୀବନଶୈଳୀ, ଆୟୁର୍ବେଦୀୟ ଚିକିତ୍ସା ଏବଂ ସରଳ ଘରୋଇ ପ୍ରତିକାର ଦ୍ୱାରା ଏହାର ସଫଳ ପରିଚାଳନା ସମ୍ଭବ।

# ମୋବାଇଲ ହାତରେ, ପରିବାର ଆଖି ଆଗରେ—ତଥାପି ଆମେ କାହିଁକି ଏକା ? (୨)



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଅନେକ ଲୋକ ଆମକୁ ଜାଣିପାରନ୍ତି, କିନ୍ତୁ ଆମକୁ ବୁଝିବା ପାଇଁ ଜଣେ ମଣିଷ ଦରକାର। ଅନେକ ଲୋକ ଆମ ଲେଖା ପଢ଼ିପାରନ୍ତି, କିନ୍ତୁ ଆମ ନିରବତା ପଢ଼ିବାକୁ ଜଣେ ନିଜ ଲୋକ ଦରକାର। ଅନେକ ଲୋକ ଆମ ହସ ଦେଖିପାରନ୍ତି, କିନ୍ତୁ ଆମ ଆଖିର ଲୁହ ଚିହ୍ନିବାକୁ ଜଣେ ନିଜ ଲୋକ ଦରକାର। ଏହି ନିଜ ଲୋକଙ୍କୁ ଆମେ ନିଜ ହାତରେ ହରାଇଦେଉନାହୁଁ ତ? ଏହି ପ୍ରଶ୍ନ ଆଜି ପ୍ରତ୍ୟେକ ପରିବାରକୁ ନିଜକୁ ପଚାରିବାକୁ ହେବ। ଆମ ହାତରେ ଥିବା ଯନ୍ତ୍ର ଖରାପ ନୁହେଁ, କିନ୍ତୁ ଯଦି ତାହାର କାରଣରୁ ଆମେ ନିଜ ମାଆଙ୍କ ଡାକ ଶୁଣୁନାହୁଁ, ବାପାଙ୍କ ନିରବତା ବୁଝୁନାହୁଁ, ପିଲାର ହସ ଦେଖୁନାହୁଁ, ସ୍ୱାମୀ କିମ୍ବା ପତ୍ନୀଙ୍କ ମନର କଥା ଶୁଣୁନାହୁଁ, ତେବେ ସେହି ସୁବିଧାର ମୂଲ୍ୟ ବହୁତ ବଡ଼। ଜୀବନର ଶେଷରେ ଆମେ ଏହା ପଚାରିବୁ ନାହିଁ ଯେ ଦିନକୁ କେତେ ସମୟ ଯନ୍ତ୍ର ଦେଖିଥିଲୁ। ଆମେ ପଚାରିବୁ—ବାପାଙ୍କ ସହ କେତେ ସମୟ ବସିଥିଲୁ? ମାଆଙ୍କ ସହ କେତେଥର ହସିଥିଲୁ? ପିଲାର କାହାଣୀ କେତେଥର ଶୁଣିଥିଲୁ? ପତ୍ନୀଙ୍କ ଦୁଃଖ କେତେଥର ବୁଝିଥିଲୁ? ସ୍ୱାମୀଙ୍କ କ୍ଲାନ୍ତି କେତେଥର ଅନୁଭବ କରିଥିଲୁ? ଜୀବନର ଶେଷ ହିସାବରେ ଏହି ସମୟଗୁଡ଼ିକ ହିଁ ମୂଲ୍ୟବାନ ହେବ। ତେଣୁ ଆଜି ଯେତେବେଳେ ଆମ ଲୋକମାନେ ଆମ ପାଖରେ ଅଛନ୍ତି, ସେତେବେଳେ ତାଙ୍କୁ ସମୟ ଦେବା। ଯେଉଁ ମାଆ ଆପଣଙ୍କୁ ହାତ ଧରି ଚାଲିବା ଶିଖାଇଥିଲେ, ଆଜି ତାଙ୍କ ହାତ ଧରନ୍ତୁ। ଯେଉଁ ବାପା ଆପଣଙ୍କ ସ୍ୱପ୍ନ ପାଇଁ ନିଜ ସ୍ୱପ୍ନ ଛାଡ଼ିଥିଲେ, ଆଜି ତାଙ୍କ ପାଖରେ ବସନ୍ତୁ। ଯେଉଁ ପିଲାଟି ଆପଣଙ୍କ ମୁହଁକୁ ଚାହିଁ ଦୁନିଆକୁ ବୁଝିବା ଶିଖୁଛି, ଆଜି ତାଙ୍କ ଆଖିରେ ନିଜକୁ ଦେଖନ୍ତୁ। ଯେଉଁ ସାଥୀ ଆପଣଙ୍କ ସୁଖଦୁଃଖରେ ପାଖରେ ରହିଛନ୍ତି, ଆଜି ତାଙ୍କୁ ପଚାରନ୍ତୁ—"ତୁମେ ଭଲ ଅଛ କି?" ହୋଇପାରେ ଏହି ଛୋଟ ପ୍ରଶ୍ନର ଉତ୍ତର ଦେବାବେଳେ ତାଙ୍କ ଆଖିରେ ଲୁହ ଆସିଯିବ। ସେହି ଲୁହକୁ ଦେଖିବା ପାଇଁ ଯନ୍ତ୍ରର ପର୍ଦ୍ଦାକୁ ନୁହେଁ, ତାଙ୍କ ମୁହଁକୁ ଚାହିଁବାକୁ ହେବ। ଆମେ ଦୁନିଆକୁ ନିକଟ କରିବା ପାଇଁ ଅନେକ ନୂଆ ସାଧନ ତିଆରି କରିଛୁ, କିନ୍ତୁ ନିଜ ମଣିଷକୁ ନିଜ ପାଖରେ ରଖିବାର ସବୁଠାରୁ ପୁରୁଣା ସାଧନ—ସମୟ—କୁ ହରାଇଦେଇଛୁ।

ଏବେ ସେହି ସମୟକୁ ଫେରାଇ ଆଣିବାର ସମୟ। ଆମକୁ ଯନ୍ତ୍ର ବିରୋଧରେ ଯୁଦ୍ଧ କରିବାକୁ ନାହିଁ; ଆମକୁ ନିଜ ଅଭ୍ୟାସ ସହ ଯୁଦ୍ଧ କରିବାକୁ ହେବ। ଆମକୁ ନିଜକୁ ପଚାରିବାକୁ ହେବ—ଯେଉଁ ଯନ୍ତ୍ରଟି ମୋତେ ସମଗ୍ର ଦୁନିଆ ସହ ଯୋଡୁଛି, ସେହି ଯନ୍ତ୍ରଟି କି ମୋତେ ମୋ ନିଜ ପରିବାରଠାରୁ ଦୂରେଇ ଦେଉଛି? ଯଦି ଉତ୍ତର "ହଁ" ହୁଏ, ତେବେ ଆଜିଠାରୁ କିଛି ବଦଳାଇବାକୁ ହେବ। କାରଣ ଘରର ଲୋକମାନେ ଆମକୁ ଅପେକ୍ଷା କରୁଛନ୍ତି। ମାଆ ଅପେକ୍ଷା କରୁଛନ୍ତି ଆମେ ତାଙ୍କ ସହ ଦୁଇ କଥା କହିବୁ। ବାପା ଅପେକ୍ଷା କରୁଛନ୍ତି ଆମେ ତାଙ୍କ ପାଖରେ କିଛି ସମୟ ବସିବୁ। ପିଲା ଅପେକ୍ଷା କରୁଛି ଆମେ ତାଙ୍କ ଖେଳରେ ସାଥୀ ହେବୁ। ସ୍ୱାମୀ କିମ୍ବା ପତ୍ନୀ ଅପେକ୍ଷା କରୁଛନ୍ତି ଆମେ ତାଙ୍କ ମନର କଥା ଶୁଣିବୁ। ଏହି ଅପେକ୍ଷାର କୌଣସି ମୂଲ୍ୟ ନାହିଁ, କାରଣ ଏହାକୁ ଟଙ୍କାରେ କିଣାଯାଇପାରେ ନାହିଁ। ଆମେ ଯଦି ଆଜି ସେହି ଅପେକ୍ଷାକୁ ସମ୍ମାନ ଦେବା, ତେବେ ଆମ ଘର ପୁଣି ହସିବ। ଯଦି ଆମେ ନଦେବା, ତେବେ ହୋଇପାରେ ଆମ ଘରରେ ସବୁକିଛି ଥିବ—ସୁବିଧା ଥିବ, ଧନ ଥିବ, ସୁନ୍ଦର ଘର ଥିବ, ଆଧୁନିକ ଯନ୍ତ୍ର ଥିବ—କିନ୍ତୁ ମଣିଷର ଉଷ୍ମତା ନଥିବ। ତା'ପରେ ଆମେ ନିଜକୁ ପଚାରିବୁ—"ମୋବାଇଲ ହାତରେ, ପରିବାର ଆଖି ଆଗରେ, ତଥାପି ମୁଁ କାହିଁକି ଏକା?" ଉତ୍ତର ହୁଏତ ଆମ ହାତରେ ହିଁ ରହିଛି। ଆମେ ଯେଉଁ ମୁହୂର୍ତ୍ତରେ ପର୍ଦ୍ଦାଠାରୁ ଆଖି ଉଠାଇ ନିଜ ଲୋକଙ୍କ ଆଖିକୁ ଚାହିଁବୁ, ସେହି ମୁହୂର୍ତ୍ତରୁ ଏକାକୀପଣର ଦିୱାର ଭାଙ୍ଗିବା ଆରମ୍ଭ ହେବ। ତେଣୁ ଆଜି ନିଜ ଘରକୁ ଫେରନ୍ତୁ। କେବଳ ଦୁଆର ଖୋଲି ଘରକୁ ପ୍ରବେଶ କରନ୍ତୁ ନାହିଁ; ନିଜ ଲୋକଙ୍କ ଜୀବନକୁ ପ୍ରବେଶ କରନ୍ତୁ। ହାତରେ ଥିବା ଯନ୍ତ୍ରଟିକୁ କିଛି ସମୟ ପାଇଁ ରଖିଦିଅନ୍ତୁ। ମାଆଙ୍କ ପାଖରେ ବସନ୍ତୁ। ବାପାଙ୍କ ହାତ ଧରନ୍ତୁ। ପିଲାକୁ ଆଲିଙ୍ଗନ କରନ୍ତୁ। ଜୀବନସାଥୀଙ୍କୁ ହସିକି ଚାହନ୍ତୁ। ହୋଇପାରେ ଏହି ଛୋଟ ପରିବର୍ତ୍ତନ ଆପଣଙ୍କ ଘରର ନିରବତାକୁ ଭାଙ୍ଗିଦେବ। ହୋଇପାରେ ଜଣେ ବୃଦ୍ଧଙ୍କ ମୁହଁରେ ପୁଣି ହସ ଫେରିବ। ହୋଇପାରେ ଜଣେ ପିଲା ନିଜ କଥା ପୁଣି ମାଆବାପାଙ୍କୁ କହିବ। ହୋଇପାରେ ଜଣେ ସ୍ୱାମୀ ପତ୍ନୀଙ୍କ ମନର ଯନ୍ତ୍ରଣା ବୁଝିବେ। ଏବଂ ହୋଇପାରେ ଆମେ ବୁଝିପାରିବୁ—ଆମକୁ ଦୁନିଆ ସହ ଯୋଡ଼ିବା ପାଇଁ ଯନ୍ତ୍ର ଦରକାର, କିନ୍ତୁ ଆମକୁ ମଣିଷ ସହ ଯୋଡ଼ିବା ପାଇଁ ଦରକାର କେବଳ ଏକ ମନ, ଦୁଇଟି ଆଖି ଓ କିଛି ସତ୍ୟ ସମୟ। ଆମ ହାତରେ ଥିବା ଯନ୍ତ୍ରଟିକୁ ଆମେ ଯେତେବେଳେ ତଳେ ରଖିବୁ, ସେତେବେଳେ ହୁଏତ ଆମ ଘରର ମଣିଷମାନେ ପୁଣି ଆମ ହାତ ଧରିବେ।

# ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ଓ ଅଖଣ୍ଡ ଭାରତ-ବୋଧ



**ଗୋପାଳ ମହାପାତ୍ର**
**ରାମଚନ୍ଦ୍ରପୁର, ରଣପୁର**
**ମୋ-୯୪୩୮୪୮୫୦୯୪**

ଶ୍ରୀ ଅରବିନ୍ଦ ୧୯୪୭ ମସିହା ଅଗଷ୍ଟ ୧୫କୁ ନେଇ ଲେଖିଥିଲେ 'ଭାରତ ଏବେ ସ୍ୱାଧିନ, କନ୍ତୁ ଏକତା ପ୍ରାପ୍ତ କରିନାହିଁ, କେବଳ ଏକ ଖଣ୍ଡିତ ସ୍ୱାଧିନତା ପ୍ରାପ୍ତ କରିଛି'। ୧୯୪୭ ମସିହା ଅଗଷ୍ଟ ୧୫ ସ୍ୱାଧନତାର ଦିନ ଥିଲା ଏବଂ ସେଦିନ ଥିଲା ଶ୍ରୀଅରବିନ୍ଦଙ୍କ ୭୫ ତମ ଜନ୍ମ ଦିବସ। ଏହି ଐତିହାସିକ ଅବସରରେ ସେ ତାଙ୍କର ସନ୍ଦେଶରେ ୫ଟି ସ୍ୱପ୍ନର କଥା ଉଲ୍ଲେଖ କରିଥିଲେ। ତାଙ୍କର ପ୍ରଥମ ସ୍ୱପ୍ନ ଥିଲା ଭାରତର ସ୍ୱାଧିନତା ଏବଂ ଏକତା। ଶ୍ରୀ ଅରବିନ୍ଦ ସ୍ୱାଧିନତାକୁ ସ୍ୱାଗତ କରିଥିଲେ କିନ୍ତୁ ବିଭାଜନକୁ ଭାରତର ଅନ୍ତିମ ନିୟତି ବା ଭାଗ୍ୟ ବୋଲି ମାନି ନଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ବିଭାଜନ ସମାପ୍ତ ହେବା ଉଚିତ୍ ଓ ଭାରତର ଏକତା ପୁନଃ ସ୍ଥାପିତ ହେବା ଆବଶ୍ୟକ। ଏଣୁ ବିଭାଜନ ବିଭୀଷିକା ସ୍ମୃତି ଦିବସ କେବଳ ୧୯୪୭ର ବିଭୀଷିକାର ସ୍ମରଣ ନୁହେଁ ବରଂ ଭାରତର ଏକତା ଉପରେ ପୁନଃବିଚାର କରିବାର ଅବସର ଅଟେ। ବିଭାଜନର ପୀଡାକୁ ବୁଝିବା ପାଇଁ ଶ୍ରୀ ଅରବିନ୍ଦଙ୍କ ରାଷ୍ଟ୍ର ବୋଧ ମହତ୍ୱପୂର୍ଣ୍ଣ ଅଟେ। ସେ ପଚାରୁଥିଲେ- ରାଷ୍ଟ୍ର କ'ଣ? ଆମ ଜନ୍ମଭୂମି କ'ଣ? ତାଙ୍କ ପାଇଁ ରାଷ୍ଟ୍ର ଭୂଖଣ୍ଡ, କୌଣସି ନାମ ଅଥବା ମନର କଳ୍ପନା ନୁହେଁ ବରଂ କୋଟି କୋଟି ଲୋକଙ୍କର ସମ୍ମିଳିତ ଜୀବନ୍ତ ଶକ୍ତି ଅଟେ ଯେଉଁଥିରେ ରାଷ୍ଟ୍ର ନିର୍ମିତ ହୋଇଥାଏ। ଏହି ଦୃଷ୍ଟିରୁ ୧୯୪୭ର ବିଭାଜନ କେବଳ ଭୂଖଣ୍ଡର ବଣ୍ଟନ ନୁହେଁ, ଭାରତର ସଭ୍ୟତାଗତ ଚେତନାକୁ ମଧ୍ୟ ଆଘାତ କରିଥିଲା। ଏଥିପାଇଁ ଅଖଣ୍ଡତାର ପ୍ରଶ୍ନ ଭୂଗୋଳ ସହ ଭାରତ- ବୋଧର ଅଖଣ୍ଡତା ମଧ୍ୟ ପ୍ରଶ୍ନ ଅଟେ।

ବିଭାଜନର କାହାଣୀ ୧୯୪୭ରେ ଆରମ୍ଭ ହୋଇ ନଥିଲା। ୧୯୪୨ରେ କ୍ରିପ୍ସ କମିଶନ ଏହାର ପ୍ରଥମ ପର୍ଯ୍ୟାୟ ଥିଲା। ୧୯୪୨ ମସିହା ମାର୍ଚ୍ଚ ୩୧ ତାରିଖରେ ଶ୍ରୀ ଅରବିନ୍ଦ ସାର କ୍ଷେଫର୍ଡଙ୍କୁ ସନ୍ଦେଶ ପଠାଇ ଭାରତର ଏକତା ପ୍ରସଙ୍ଗରେ ପରାମର୍ଶ ଦେଇଥିଲେ। ଶ୍ରୀ ଅରବିନ୍ଦ ମହାତ୍ମାଗାନ୍ଧୀ, ନେହେରୁ ଏବଂ ସି.ରାଜଗୋପାଳଚାରୀଙ୍କୁ ମଧ୍ୟ ତାଙ୍କ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରୀ ଅରବିନ୍ଦ ଭାରତର ସ୍ୱାଧିନତା ସହ ଏକତାକୁ ମଧ୍ୟ ଦେଖୁଥିଲେ। କ୍ରିପ୍ସ କମିଶନ ବିଫଳ ହୋଇଥିଲା। ଏଣୁ ଇତିହାସରେ ଏକ ପ୍ରଶ୍ନବାଚୀ ରହିଯାଇଛି ଯେ କ'ଣ ୧୯୪୨ରେ ଭାରତକୁ ଅବସର ବା ବିଭାଜନକୁ ଏଡ଼ାଇବା ପାଇଁ ସମ୍ଭାବନା ଥିଲା? ଏହାକୁ ନିଶ୍ଚିତ ନିଷ୍କର୍ଷ ବଦଳରେ ଗମ୍ଭୀର ଐତିହାସିକ ପ୍ରଶ୍ନ ଭାବରେ ଦେଖାଯିବା ଉଚିତ୍। ୧୯୪୬ର ନୂଆଖାଳି ଆସିବାକୁ ଥିବା ବିଭିଷିକାର ଭୟାବହ ଚେତାବନୀ ଥିଲା। ଏଣୁ ବିଭାଜନ ସ୍ମୃତିଦିବସର ଉଦେଶ୍ୟ କୌଣସି ସମୁଦାୟ ବିରୋଧରେ ଆକ୍ରୋଶ ଉତ୍ପନ୍ନ କରିବାର ଦିନ ନୁହେଁ ବରଂ ବିଭାଜନକାରୀ ମାନସିକତାକୁ ଚିହ୍ନିବା ଏବଂ ଅସ୍ୱୀକାର କରିବା ଯିଏ ଭାରତୀୟଙ୍କୁ ଭାରତୀୟଙ୍କ ବିରୁଦ୍ଧରେ ଲଢେଇଥିଲା।

ଡ଼କ୍ଟର ଭୀମ ରାଓ ଆମ୍ବେଦକର ପାକିସ୍ଥାନର ପ୍ରଶ୍ନକୁ ରାଜନୈତିକ ଯଥାର୍ଥର ଆଧାରରେ ବିଶ୍ଳେଷଣ କରିଥିଲେ। ତାଙ୍କର ପ୍ରଶ୍ନ ଥିଲା ଯେ ଯଦି ଧର୍ମ ଆଧାରରେ ଦେଶ ବିଭାଜନ ହେଉଛି ତେବେ ଦୁଇ ଭୂଖଣ୍ଡରେ ରହୁଥିବା ସଂଖ୍ୟାଲଘୁଙ୍କ ଭବିଷ୍ୟତ କ'ଣ ହେବ? ଆମ୍ବେଦକର ଜନସଂଖ୍ୟାର ହସ୍ତାନ୍ତରଣର ବିକଳ୍ପ ଉପରେ ଗମ୍ଭୀର ଭାବେ ବିଚାର କରିଥିଲେ। ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍ ଦୁଇ ରାଷ୍ଟ୍ର ସିଦ୍ଧାନ୍ତକୁ ପାକିସ୍ଥାନ ଦାବିର ରାନୈତିକ ଆଧାର କରିଥିଲା। ବିନାୟକ ଦାମୋଦର ସାବରକର ମଧ୍ୟ ଦୁଇରାଷ୍ଟ୍ର ବିଚାରର ପ୍ରଖର ସମର୍ଥକ ଥିଲେ। ହିନ୍ଦୁ ଏବଂ ମୁସଲମାନଙ୍କ ପାଇଁ ଅଲଗା ରାନୈତିକ ସାଂସ୍କୃତିକ ରାଷ୍ଟ୍ର କଥାକୁ ସେ ଗୁରୁତ୍ୱ ଦେଉଥିଲେ । କ'ଣ ପାକିସ୍ଥାନ ଗଠନ ପରେ ରାଷ୍ଟ୍ରୀୟ ପରିଚୟ ଏବଂ ସମ୍ପ୍ରଦାୟିକ ବିଭାଜନର ସମସ୍ୟା ଶେଷ ହୋଇ ଯାଇଛି?

ଶ୍ରୀ ଅରବିନ୍ଦ ହିନ୍ଦୁ ମୁସଲିମ ପ୍ରଶ୍ନକୁ କେବଳ ରାଜନୈତିକ ପ୍ରସଙ୍ଗ ବୋଲି ମାନୁନଥିଲେ। ତାଙ୍କ ମତରେ ବାସ୍ତବିକ ସମସ୍ୟା ଦୁଇଟି ଐତିହାସିକ ସଭ୍ୟତାର ସମ୍ବନ୍ଧର କଥାଥିଲା। ସେ ଏହାର ଦୁଇଟି ସମ୍ଭାବିତ ସମାଧାନର ପନ୍ଥା ମଧ୍ୟ ଦେଖିଥିଲେ। ପ୍ରଥମଟି ହେଉଛି ଉଚ୍ଚତର ଆଧ୍ୟାତ୍ମିକ ସିଦ୍ଧାନ୍ତ ଯାହା ଉଭୟଙ୍କ ମଧ୍ୟରେ ସମନ୍ୱୟ ସ୍ଥାପିତ କରିପାରିବ ଓ ଦ୍ୱିତୀୟ ହେଉଛି ଏଭଳି ରାଜନୈତିକ ଦେଶଭକ୍ତି ଯାହା ଧାର୍ମିକ ସଂଘର୍ଷରୁ ଉର୍ଦ୍ଧ୍ୱରେ ରହି ଉଭୟ ସମୁଦାୟକୁ ରାଷ୍ଟ୍ରୀୟ ଚେତନା ମଧ୍ୟରେ ବାନ୍ଧି ରଖି ପାରିବ। ଶ୍ରୀ ଅରବିନ୍ଦଙ୍କ ଏହି ବିଚାର ବିଭାଜନ ସ୍ମୃତି ଦିବସକୁ ବର୍ତ୍ତମାନ ସହ ଯୋଡିଦେଉଛି - ବିଭାଜନକୁ ମନେ ପକାଇବାର ଉଦେଶ୍ୟ ନୁହେଁ ପୁଣି ନୂଆ ବିଭାଜନ ସୃଷ୍ଟି କରିବା ବରଂ ସେଇ କାରଣକୁ ଖୋଜିବା ଯିଏ ଭାରତକୁ ବିଭାଜିତ କରିଥିଲା।

ମଧ୍ୟକାଳୀନ ଇତିହାସକୁ ହିନ୍ଦୁ-ମୁସଲିମ ଦ୍ୱନ୍ଦ୍ୱରେ ବଣ୍ଟାଯାଇ ପାରିବ ନାହିଁ। ମୁସଲିମ ସମାଜରେ ମଧ୍ୟ ସମନ୍ୱୟ ଏବଂ ପୃଥକତା ଭଳି ଦୁଇ ଧାରାଥିଲା। ମୁସଲିମ ସମାଜରେ ଆକବର ଏବଂ ଦାରା ସିକୋହଙ୍କ ଭଳି ବ୍ୟକ୍ତି ଥିଲେ ଏବଂ ଧାର୍ମିକ ପୃଥକତାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ମଧ୍ୟ ଥିଲେ। ଦାରା ସିକୋହ ଉପନିଷଦର ଅନୁବାଦ କରାଇଥିଲେ ଓ ମଜମା-ଉଲ-ବହରେନ- ଦୁଇ ସମୁଦ୍ରର ସଙ୍ଗମରେ ହିନ୍ଦୁ ଏବଂ ଇସଲାମି ଆଧ୍ୟାତ୍ମିକ ପରମ୍ପରା ମଧ୍ୟରେ ସମ୍ବନ୍ଧ ଖୋଜିଥିଲେ। ଏଣୁ ଦାରା ଭାରତୀୟ ସଭ୍ୟତାଗତ ସମନ୍ୱୟର ମହତ୍ୱପୂର୍ଣ୍ଣ ପ୍ରତୀକ ଅଟନ୍ତି। ଏହାର ବିପରୀତ ଆଉରଙ୍ଗଜେବଙ୍କ ସହ ଯୋଡିହୋଇଥିବା ସ୍ମୃତିକୁ ଗୋଟିଏ ପକ୍ଷ ଧାର୍ମିକ ରୁଢିବାଦର ଆଖ୍ୟାଦେଉଛନ୍ତି। ବିଭାଜନ ବିଭିଷିକା ସ୍ମୃତି ଦିବସ ପ୍ରତିଶୋଧର ନୁହେ, ସ୍ମୃତି, ଆତ୍ମମନ୍ଥନ ଏବଂ ରାଷ୍ଟ୍ରୀୟ ସଂକଳ୍ପର ଦିବସ ଅଟେ। ବିଭାଜନରୁ ଶିକ୍ଷା ମିଳୁଛି ଯେ ସାଂପ୍ରଦାୟିକ ପୃଥକ୍‌ବାଦ, ଅବିଶ୍ୱାସ ଏବଂ ରାଜନୈତିକ ବିଖଣ୍ଡନର ମୂଲ୍ୟ ସାଧାରଣ ଜନତା ବା ଲୋକଙ୍କୁ ଦେବାକୁ ପଡୁଛି।

ଅଖଣ୍ଡ ଭାରତକୁ କେବଳ ଭୂଗୋଳର ପୁନଃ କଳ୍ପନା ବୁଝିବା ଉଚିତ୍ ନୁହେଁ। ପ୍ରଥମେ ଏହା ଅଖଣ୍ଡ ଭାରତ-ବୋଧର ପୁନଃ ସ୍ଥାପନା ଅଟେ- ଏଭଳି ଏକ ଚେତନା ଯେଉଁଥିରେ ବିବିଧତା ଥିବ କିନ୍ତୁ ବିଖଣ୍ଡନ ନଥିବ, ଧାର୍ମିକ ଆସ୍ଥା ଥିବ କନ୍ତୁ ପୃଥକତାବାଦ ନଥିବ ଏବଂ ଇତିହାସର ସ୍ମୃତି ଥିବ କିଂୁ ପ୍ରତିଶୋଧ ନଥିବ। ସିଧା ଅର୍ଥରେ ଅଖଣ୍ଡ ଭାରତ-ବୋଧରେ ଦାରା ସିକୋହଙ୍କ ସମନ୍ୱୟ ଚେତନାର ପୁନଃ ଜାଗରଣ ଏବଂ ଆଉରଙ୍ଗଜେବୀ ଅସହିଷ୍ଣୁତାର ନିଷ୍କାସନ ଥିବ। ୧୯୪୭ ଅଗଷ୍ଟ ୧୫ ବିଭାଜନର ପୀଡା ମଧ୍ୟରେ ବି ଶ୍ରୀ ଅରବିନ୍ଦ ନିରାଶ ହୋଇନଥିଲେ ବରଂ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖାଇଥିଲେ- ସ୍ୱାଧୀନ ଏବଂ ପୁନଃ ଏକ ଭାରତର ସ୍ଥାପନାର । ଏଣୁ ବିଭାଜନକୁ ସ୍ମରଣ କରାଯିବା ଆବଶ୍ୟକ ଓ ଏଥିରୁ ଶିକ୍ଷାଲାଭ କରି ପୃଥକତାବାଦୀ ମାନସିକତାକୁ ଅସ୍ୱୀକାର କରିବା ଦିଗରେ ଯତ୍ନବାନ ହେବା ଉଚିତ୍। ବିଭାଜନ ଇତିହାସର ପୀଡା ଅଟେ। ଅଖଣ୍ଡ ଭାରତ ବୋଧ ଭବିଷ୍ୟତର ସଂକଳ୍ପ ହେବା ଉଚିତ୍।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅଗଷ୍ଟ ୨୦୨୬ ମଙ୍ଗଳବାର





## ଚୋରଦାରେ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଆରମ୍ଭ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

କଳି କଲୁଷ ସମାଜରୁ ରକ୍ଷା କରିବା ପାଇଁ କୃଷ୍ଣ ନାମ ହିଁ ସାର, ଦ୍ୱାପର ଯୁଗରେ ଭଗବାନ ଶ୍ରୀ କୃଷ୍ଣ କଦମ୍ବ ବନ ବୃନ୍ଦାବନର ରାଧାଙ୍କ ସହ ରାହାସ କରିଥିଲେ। ଦିବ୍ୟଦ୍ରଷ୍ଟା ଅଚ୍ୟୁତାନନ୍ଦ ମହାପୁରୁଷ ଭକ୍ତ କବି ଜୟଦେବ ରାଧାକୃଷ୍ଣଙ୍କ ରାହାସକୁ ଭକ୍ତିଭାବରେ ମିଳନ ରାହାସକୁ ଭକ୍ତି ଭାବରେ ରଚନା କରିଥିଲେ । ସେହି ଯୁଗରୁ ଝୁଲଣ ରାହାସକୁ ବୈଷ୍ଣବ ସମ୍ପ୍ରଦାୟ ଶ୍ରୀ ଚୈତନ୍ୟ ଅନୁଗାମୀ ମାନେ ରାଧାକୃଷ୍ଣଙ୍କ ମନ୍ଦିରରେ ରାଧା ବିଭାନରେ କୃଷ୍ଣଙ୍କୁ ଝୁଲାଇ ସଂକୀର୍ତ୍ତନରେ ମର୍ଜୀ ଯାଇଥାନ୍ତି । ସେହିପରି ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦର ଚୋରଦା ଗ୍ରାମ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଥିବା ରାଧାକୃଷ୍ଣ ମନ୍ଦିରରେ ଚୋରଦା ଗୌରଭକ୍ତ ମାନଙ୍କ ଦ୍ୱାରା ପାଞ୍ଚଦିନ ଧରି ବିଭାନକୁ ସୁସଜ୍ଜିତ କରି ବିଭାନ୍‌ରେ ରାଧାକୃଷ୍ଣଙ୍କୁ ତୀର୍ଥ ସୁବାସିତ ଜଳରେ ମହାସ୍ନାନ କରାଯାଇ ଷୋଡସ ଉପଚାର ପୂଜା କରାଯାଇ ଓ ବଡ ସିଂହାର ବେଶ କରି ରାଧାକୃଷ୍ଣଙ୍କୁ ଝୁଲାଇ ନାମ ସଂକୀର୍ତ୍ତନରେ ମଜ୍ଜିଯାଇ ଝୁଲଣ ଯାତ୍ରା ଆରମ୍ଭ କରିଥିଲେ । କର୍ମଣୀ ଶ୍ରୋତୀୟ ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱନି ଓ ଘଣ୍ଟ, ଶଙ୍ଖ ବାଦନରେ ଚୋରଦା ଗ୍ରାମରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ବିଭିନ୍ନ ଚୋରଦା ଗୌର ହରି ଭକ୍ତଙ୍କ ଦ୍ୱାରା ସାନ୍ଧ୍ୟାରେ ହରିନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା ।

## ଜୟପୁରରେ ନକଲି ପନିର କାରବାର:ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ବଢୁଛି ପାଉଡର ପନିର କାରବାର। ଜିଲ୍ଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ ସୁନାବେଢା, ଦାମନଯୋଡିରେ ପାଉଡର ପନିରର ବ୍ୟବସାୟ ଚାଲୁଥିବା ଅଭିଯୋଗ ହେଉଛି। ଆଉ କିଛି ଦିନ ପରେ ବହୁ ପ୍ରତୀକ୍ଷିତ ରାକ୍ଷୀ ପୂର୍ଣ୍ଣିମା । ପରମ୍ପରା ଅନୁଯାୟୀ ଏହି ପର୍ବରେ ଘରେ ଘରେ ପିଠାପଣାର ଆସର ଜମିଥାଏ। ବର୍ତ୍ତମାନ ଭଉଣୀମାନେ ଭାଇକୁ ରାକ୍ଷୀ ବାନ୍ଧିବା ବେଳେ ପାରମ୍ପରିକ ପିଠା ବଦଳରେ ସୁସ୍ୱାଦୁ ମିଠା ଖୁଆଇବାକୁ ପସନ୍ଦ କରୁଛନ୍ତି କିନ୍ତୁ ଏହି ମିଠାଗୁଡ଼ିକ କେଉଁ ଉପାଦାନରୁ ପ୍ରସ୍ତୁତ ହେଉଛି, ତାହା ପ୍ରାୟ ଲୋକେ ଜାଣନ୍ତିନାହିଁ । ଏବେ ବଜାରରେ ପାଉଡର କ୍ଷୀରରୁ ପ୍ରସ୍ତୁତ ଛେନା, ପନିର ମିଳୁଛି । ଯାହା ଜହର ଠାରୁ କୌଣସି ଗୁଣରେ କମ୍ ନୁହେଁ । ସେଗୁଡ଼ିକର ବିକ୍ରି ଉପରେ ନିଷେଧାଜ୍ଞା ଜାରି କରାଯାଇଛି । କିଛି ବ୍ୟବସାୟୀ ଏହାକୁ ଲୁଚାଛପାରେ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ମାତ୍ର ସେଗୁଡ଼ିକ ଉପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ନିୟମିତ ଚଢ଼ଉ ହେଉନାହିଁ । ଫଳରେ ପ୍ରତ୍ୟେକ ଦିନ ସହରକୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପାଉଡରରୁ ତିଆରି ଛେନା ଆସୁଛି । ସେଭଳି କିଛି ଛେନା ମଧ ବାହାର ରାଜ୍ୟରୁ ଆସୁଛି । ଏହି ପାଉଡର ଛେନାରୁ ପ୍ରସ୍ତୁତ ମିଠା ଜାତୀୟ ଖାଦ୍ୟ ପଦାର୍ଥ ଖାଇ ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି । କୋରାପୁଟ ଜିଲ୍ଲା ଜୟପୁର ସହରରେ ପ୍ରତିଦିନ ଯେତିକି ମିଠା ଜାତୀୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ ସେଥିରୁ ପ୍ରାୟ ୭୦ ପ୍ରତିଶତ ପାଉଡର କ୍ଷୀରରୁ ପ୍ରସ୍ତୁତ ହୋଇଥାଏ କିନ୍ତୁ ରାକ୍ଷୀ ପୂର୍ଣ୍ଣିମା ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ । ପ୍ରତ୍ୟେକ ଦିନ ଯେତିକି ମିଠା ପ୍ରସ୍ତୁତ ହୋଇଥାଏ । କେବଳ ରାକ୍ଷୀ ପୂର୍ଣ୍ଣିମା ଦିନ ଏହାଠାରୁ ପ୍ରାୟ ଶହେ ଗୁଣ ଅଧିକ ମିଠା ଜାତୀୟ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ହୋଇଥାଏ । ରାକ୍ଷୀ ପୂର୍ଣ୍ଣିମା ଦିନ ମିଠାର ଚାହିଦା ବେଶ୍ ବଢ଼ିଯାଇଥାଏ । ଏହି ଚାହିଦାକୁ ମେଣ୍ଟାଇବା ପାଇଁ ବ୍ୟବସାୟୀମାନେ ପାଉଡର୍ କ୍ଷୀରର ସହାୟତା ନେଇଥାନ୍ତି। ଏନେଇ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଖବର ଥାଇ ମଧ ନିୟମିତ ଚଢ଼ଉ ହେଉନାହିଁ । ଏହି ବେଆଇନ୍ ପାଉଡର କ୍ଷୀର ବ୍ୟବସାୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗାଈ କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ବଦଳରେ ପାଉଡ଼ର୍ କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ପେଟରୋଗ ବଢ଼ିଥାଏ । ଲୋକେ ଏଭଳି ଭେଜାଲ୍ ଖାଦ୍ୟକୁ ବର୍ଜନ କରିବା ସହ ପାରମ୍ପରିକ ମିଠାକୁ ଆପଣାଇ ପାରିଲେ ଶରୀର ସୁସ୍ଥ ରହିବା ସହ ଆମ ପରମ୍ପରା ମଧ ବଞ୍ଚିରହିପାରିବ ବୋଲି ସଚେତନ ନାଗରିକମାନେ ମତ ପ୍ରକାଶ କରିଛନ୍ତି । ରାକ୍ଷୀ ପୂର୍ଣ୍ଣିମା ପାଇଁ ବେଆଇନ୍ ପାଉଡରରୁ ପ୍ରସ୍ତୁତ କ୍ଷୀର, ଛେନା, ପନିର ଏବଂ ମିଠା ଜାତୀୟ ଖାଦ୍ୟ ପଦାର୍ଥ ଉପରେ କଡା ନଜର ରଖିବା ସହ ଚଢଉକୁ ଜୋରସୋର୍ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ନେରଡ଼ାରେ କୃତ୍ରିମ ବନ୍ୟା:ଶତାଧିକ ପରିବାର ଜଳ ଘେରରେ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଶାଳପଡା ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଯୋଗୁ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନେରଡା ଗାଁର ତିନି ଗୋଟି ୱାର୍ଡର ବାସିନ୍ଦା ଦୁଇ ଦିନ ହେବ ଜଳ ଘେରରେ ରହିଛନ୍ତି । ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ପରିବାରକୁ କେନାଲରୁ ସୃଷ୍ଟି କୃତ୍ରିମ ବନ୍ୟା ଘେରି ଯାଇଛି। ସୂଚନା ମୁତାବକ ଗତ ଗୁରୁବାର ଠାରୁ ଗାଁ ପାଖ ଦେଇ ଯାଇଥିବା ମୁଖ୍ୟ କେନାଲ୍‌ରେ ପାଣି ଆସିଥିଲା। ପୂର୍ବରୁ ରହିଥିବା କେନାଲ ଘାଇ ମରାମତି ବିନା ଜଳସମ୍ପଦ ବିଭାଗ ଦାୟିତ୍ୱହୀନ ଭାବେ ପାଣି ଛାଡ଼ିଦେଇଥିଲା । ଏହାଛଡା ମାତ୍ରାଧିକ ପାଣି ଆସିବା ଯୋଗୁ କେତେକ ସ୍ଥାନରେ କେନାଲ ବନ୍ଧ ବୁଡି ଯାଇଥିଲା। ତେଣୁ ଗାଁକୁ ସିଧାସଳଖ ପାଣି ପ୍ରବେଶ କରିଛି। ଗୁରୁବାର ଠାରୁ ଶୁକ୍ରବାର ସନ୍ଧ୍ୟା ଯାଏଁ ଲୋକମାନେ ପାଣି ଘେରରେ ରହିଥିବା ବେଳେ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିପାରିନାହିଁ। ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ସ୍ଥାନୀୟ ଯୁବକମାନେ ଜଳ ନିଷ୍କାସନ ପାଇଁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇନାହିଁ। କିଛି ଲୋକଙ୍କ ବାସଗୃହର କାନ୍ଥ ମଧ ପଡିଗଲାଣି। ଦୁଇ ଦିନ ହେବ ଅନେକ ପରିବାରରେ ଚୁଲି ଜଳୁ ନାହିଁ। ଗାଈଗୋରୁ ମଧ ବାହାରେ ବୁଲୁଛନ୍ତି। ଅନେକଙ୍କ ବାସଗୃହରେ ପାଣି ଲହଡି ମାରୁଥିବାବେଳେ ଗୃହସ୍ଥମାନେ ଛୁଆପିଲାଙ୍କୁ ଧରି ଖଟ ଉପରେ ବସି ରହିଛନ୍ତି। କେନାଲ ପାଣି ଯୋଗୁ ଗ୍ରାମର ଜେନା ସାହି, ଭାରତୀ ସାହି ଓ କୁମ୍ଭାର ସାହିର ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳବାହିତ ରୋଗ ଥଣ୍ଡା ଜ୍ୱର ବ୍ୟାପିବାର ଆଶଙ୍କା ଦେଖା ଦେଇଛି। ସ୍ଥାନୀୟ ବିଡିଓ, ତହସିଲଦାର ଓ ଜଳସମ୍ପଦ ବିଭାଗ ଅଧିକାରୀମାନେ ଏଯାଏଁ କ୍ଷେତ୍ରକୁ ଯାଇ ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ନେଉନାହାଁନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ବନ୍ୟା ବିପନ୍ନଙ୍କୁ ବିଜେପି ମହିଳା ମୋର୍ଚ୍ଚାର ସହାୟତା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ତରଫରୁ ପଟ୍ଟାମୁଣ୍ଡାଇ ବ୍ଲକ ବନ୍ୟା ବିପନ୍ନଙ୍କୁ ବିଜେପି ଜିଲ୍ଲା ସଭାନେତ୍ରୀ ଡକ୍ଟର ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ରିଲିଫ୍ ବଣ୍ଟନ କରାଯାଇଛି। ବିପନ୍ନ ମାନଙ୍କ ପାଇଁ ଚୁଡା, ଚିନି, ବିସ୍କୁଟ, ଅମୁଲ୍, ଓଆର୍‌ଏସ୍, ମିକ୍ସଚର, ପିଇବା ପାଣି ବୋତଲ, ପାଉଁରୁଟି ଇତ୍ୟାଦି ବଣ୍ଟନ କରାଯାଇଛି। ଏହି ଅବସରରେ ଡକ୍ଟର ଜେନା ବନ୍ୟା ପାଣି ଭିତରେ ପଶି ଲୋକମାନଙ୍କ ଭଲ ମନ୍ଦ ବୁଝିବା ସହିତ ବିପନ୍ନଙ୍କ ପରିବାରରେ କିଛି ସମୟ କଟାଇଥିଲେ। ଜିଲ୍ଲା ପ୍ରଶାସନ ଏ ନେଇ ଡକ୍ଟର ଜେନାଙ୍କୁ ତିନିଗୋଟି ଡଙ୍ଗା ଯୋଗାଇ ଦେଇଥିଲା। ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ ରିଲିଫ୍ ସାମଗ୍ରୀ ଡଙ୍ଗାରେ ନେଇ ବିପନ୍ନଙ୍କ ପାଖରେ ପହଞ୍ଚାଇଥିଲେ। ଡକ୍ଟର ଜେନା ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ତାଙ୍କର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଭରତ ଭୂଷଣ ଦାସ, ଗିରିଜାଶଙ୍କର ଦାସ, ବନ୍ଦନାରାଣୀ ରାଉତରାୟ, ରଶ୍ମିତା ସାହୁ, ପ୍ରିୟଙ୍କା ଶତପଥୀ, ମିନାରାଣୀ ଦାସ, ମଧୁସ୍ମିତା ମଲ୍ଲ, ପଙ୍କଜିନୀ ସାମଲ, ସୁଷମା ଭୂୟାଁ, ହିମାଂଶୁ ଲେଙ୍କା, ରଶ୍ମିରଂଜନ ରାଉତ, ଅନିଲ୍ ସ୍ୱାଇଁ, ପଙ୍କଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ବ୍ୟକ୍ତିଗତ ଭିଡ଼ିଓ ଦେଖାଇ ଧମକ:ଜଣେ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ମାମଲା ନମ୍ବର ଚାରିଶହ ପଞ୍ଚାଳିଶରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ମାନସ ବେହେରା (୨୯)। ତାଙ୍କ ଘର ଗୋଳନ୍ଥରା ଥାନା ଅନ୍ତର୍ଗତ କେ. ସୁବାଣୀ ଗ୍ରାମରେ । ଅଭିଯୋଗକାରିଣୀ ବ୍ରହ୍ମପୁରର ବାସିନ୍ଦା। ଅଭିଯୁକ୍ତ ତାଙ୍କର ପିଲାଦିନର ପରିଚିତ। ସେ ତାଙ୍କର ବ୍ୟକ୍ତିଗତ ଭିଡିଓ କଲ୍ ଗୁପ୍ତରେ ରେକର୍ଡ କରିଥିଲା। ଏକୋଇଶ ଅଗଷ୍ଟରେ ସେ ତାଙ୍କ ଘରକୁ ଆସି ଅଶ୍ଳୀଳ ଭାଷାରେ ଗାଳି କରି ନିଜ ମୋବାଇଲ୍‌ରେ ସେହି ଭିଡିଓ ଦେଖାଇ ଭାଇରାଲ୍ କରିବ ବୋଲି ମହିଳାଙ୍କୁ ଧମକ ଦେଇଥିଲା। ଅଭିଯୁକ୍ତ ଓ ଅଭିଯୋଗକାରିଣୀଙ୍କ ମୋବାଇଲ୍ ଓ ଅଭିଯୁକ୍ତର ଗୋଟିଏ ଟାବ୍‌ଲେଟ୍ ଜବତ ହୋଇଛି। ତା' ଫୋନ୍‌ରୁ ଭିଡିଓର ପ୍ରମାଣ ମିଳିଛି। ଏହି ଅଭିଯୁକ୍ତ ପୂର୍ବରୁ ଏହି ମହିଳାଙ୍କୁ ମାଡ଼ ମାରିବା ମାମଲାରେ ନୋଟିସ୍ ପାଇଥିଲେ ମଧ ପୁଣି ଏପରି କାଣ୍ଡ କରିଛି। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।





## ଇନ୍‌ଟେକ୍ ତରଫରୁ ଜାତୀୟ ଐତିହ୍ୟ କୁଇଜ୍-୨୦୨୬ ପ୍ରତିଯୋଗିତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନ୍‌ଟାକ୍‌ର ସୋନପୁର ଚ୍ୟାପ୍ଟର ତରଫରୁ ଜାତୀୟ ଐତିହ୍ୟ କୁଇଜ୍ ୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହାରା ଟ୍ରଷ୍ଟ ହାଇସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ହାଇସ୍କୁଲ, ଆଇଡିଏଲ୍ ପବ୍ଲିକ୍ ସ୍କୁଲ୍, ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲ, କୋଶଳ ହାଇସ୍କୁଲ, ସେଣ୍ଟ ଆନିସ୍ କନ୍‌ଭେଣ୍ଟ ସ୍କୁଲ, ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୁକାନ୍ତି ଇଣ୍ଟରନେସ୍‌ନାଲ୍ ସ୍କୁଲ, ଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପିଏମ୍‌ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ଆଦି ସ୍କୁଲରୁ ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର ଅତିଥିଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇଣ୍ଟାକ୍ ଦ୍ୱାରା ଶ୍ରେଣୀ ୭ ରୁ ୧୦ ପର୍ଯ୍ୟନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଏହି ସର୍ବ ଭାରତୀୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଇଛି । ପ୍ରତିଯୋଗିତାରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସତିଶ କୁମାର ନାୟକ ଏବଂ ରମାଶିଷ ପ୍ରଧାନ ପ୍ରଥମ, ସାହାରା ଟ୍ରଷ୍ଟ ହାଇସ୍କୁଲର ତ୍ରିଲୋଚନ ପେରା ଏବଂ ସଂକେତ ହୋତା ଦ୍ୱିତୀୟ, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଯଶୋସିକ୍ତା ପଟେଲ, ଅଭିଲିପ୍ସା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସାହାରା ଟ୍ରଷ୍ଟ ହାଇସ୍କୁଲର ଆଲିସାନ ଖମାରୀ ଓ ଅନିମେଶ ପଧାନ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ଏଥିସହିତ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଆଗାମୀ ଦିନରେ ରାଜ୍ୟ ସ୍ତରରେ ହେବାକୁଥିବା ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପ୍ରତିଯୋଗିତା ପରେ ଇନ୍‌ଟାକ୍ ସୋନପୁର ଚାପ୍ଟରର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଇନ୍‌ଟାକ୍‌ର ସହ ଆବାହକ ବନମାଳି ପଣ୍ଡା, ଆଜୀବନ ସଦସ୍ୟ ବେଣୁଧର ପ୍ରଧାନ, ଦେବକୀ ନନ୍ଦନ ମିଶ୍ର, ଗତିକୃଷ୍ଣ ବଣିଆଁ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## ନଦୀରେ ଭାସିଯାଉଥିବା ୩ ଯୁବତୀଙ୍କ ଜୀବନ ରକ୍ଷା କଲେ ଅଟୋ ଡ୍ରାଇଭର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ରେବ ନଦୀର ସ୍ରୋତରେ ଭାସିଯାଇ ଜଣେ ଯୁବତୀଙ୍କର ମୃତ୍ୟୁ ଘଟିଛି। ମୃତ ଯୁବତୀ ହେଉଛନ୍ତି ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଗ୍ରାମର ଇପ୍ସିତା ନାଥ (୧୮)। ଏହି ଘଟଣାରେ ଜଣେ ଅଟୋ ଡ୍ରାଇଭରଙ୍କ ଦ୍ୱାରା ଅନ୍ୟ ତିନିଜଣ ଉଦ୍ଧାର ହୋଇଛନ୍ତି। ରବିବାର ଖୁଦୁରୁକୁଣୀ ପୂଜା ଥିବାବେଳେ ନାରାୟଣପୁର ଗ୍ରାମର ଚକ୍ରଧର ନାଥଙ୍କ ଝିଅ ଇପ୍ସିତା ଏବଂ ତାଙ୍କର ତିନି ଜଣ ସାଙ୍ଗ ଶୁଭଶ୍ରୀ ଅର୍ପିତା ଏବଂ ରାଧା ମିଶି ନିକଟସ୍ଥ ରେବ ନଦୀକୁ ଗାଧୋଇବା ପାଇଁ ଆସିଥିଲେ। ସମସ୍ତେ ଗାଧୋଇ ସାରି ଖୁଦୁରୁକୁଣୀ ପୂଜା କରିଥାନ୍ତେ। ହେଲେ ବିଧିର ବିଧାନ କିଛି ଅଲଗା ଥିଲା। ଏବେ ନଦୀରେ ଅଧିକ ପାଣି ସହିତ ପ୍ରଖର ସ୍ରୋତ ଥିବାବେଳେ ଗାଧୋଉଥିବା ଚାରି ସାଙ୍ଗ ଭାସି ଯାଇଥିଲେ। ଶୁଭଶ୍ରୀ ଅର୍ପିତା ଏବଂ ରାଧା ନଦୀରେ ଥିବା ଛୋଟ ଛୋଟ ଗଛକୁ ଧରି କୌଣସି ପ୍ରକାର ଅଟକି ରହିଥିବା ବେଳେ ଇପ୍ସିତା କିନ୍ତୁ ଭାସି ଯାଇଥିଲେ। ଗଛକୁ ଧରି ପାଣିରେ ବୁଡି ରହିଥିବା ତିନି ଜଣ ବଞ୍ଚାଇବା ପାଇଁ ଚିତ୍କାର କରୁଥିଲା ବେଳେ ସେହି ସମୟରେ ନିକଟସ୍ଥ ତାଳସିଠା ଅଞ୍ଚଳର ଜଣେ ଅଟୋ ଚାଳକ ଏହା ଶୁଣି ଅଟକି ଯାଇଥିଲେ ଏବଂ ସେ ଉପସ୍ଥିତ ବୁଦ୍ଧି ଖଟାଇ ତିନି ସାଙ୍ଗଙ୍କୁ ନଦୀରୁ ଉଦ୍ଧାର କରିଥିଲେ। ଇପ୍ସିତା ଭାସି ଯାଇଥିବା ଖବରପାଇ ସ୍ଥାନୀୟ ଲୋକମାନେ ଖୋଜାଖୋଜି କରିଥିଲେ ଏବଂ ପ୍ରାୟ ଘଣ୍ଟାଏ ପରେ ତାଙ୍କୁ ନଦୀର ଦଳ ଭର୍ତ୍ତି ଏକ ସ୍ଥାନରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଇପ୍ସିତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଇପ୍ସିତା ଧାମନଗର ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଥିଲେ। ଏନେଇ ଧାମନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଇପ୍ସିତାଙ୍କ ଆକସ୍ମିକ ମୃତ୍ୟୁରେ ପୁରା ଗାଁ ସ୍ତବ୍ଧ ହୋଇଯାଇଛି। ଝିଅମାନଙ୍କର ଖୁଦୁରୁକୁଣୀ ପୂଜା ମଧ ବନ୍ଦ ରହିଛି। ପାଣିରେ ବୁଡି ଯାଇ ଅଳ୍ପକେ ବଞ୍ଚି ଯାଇଥିବା ଅନ୍ୟ ତିନି ଜଣ ଝିଅ ସୁସ୍ଥ ଥିବା ଜଣାଯାଇଛି। ଇପ୍ସିତାଙ୍କ ମୃତ୍ୟୁରେ ଧାମନଗର ବିଧାୟକ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୋକ ପ୍ରକାଶ କରିଛନ୍ତି।

## ହତ୍ୟା ଉଦ୍ୟମ ମାମଲା:ଦୁଇ ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ଗୋସାଇଁନୁଆଗାଁ ଥାନା ମାମଲା ନମ୍ବର ତିନିଶହ ଅଠରରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଶତ୍ରୁଘ୍ନ ଗୌଡ଼ (୨୮), ପିତା ବାବୁଲା ଗୌଡ଼ ଏବଂ ବାବି ଜେନା ଓରଫ ବାସୁଦେବ ଜେନା (୩୩), ପିତା ସ୍ୱର୍ଗତ ସହଦେବ ଜେନା। ଉଭୟ ଗୋଠବନ୍ଧର, ସଦର ଥାନା ଅଞ୍ଚଳର। ଅଭିଯୋଗକାରୀଙ୍କ ଅଭିଯୋଗ ଅନୁସାରେ, ଅଗଷ୍ଟ ୧୯ ତାରିଖରେ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଓ ହତ୍ୟା ଧମକ ଦେଇଥିଲେ। ଅଗଷ୍ଟ ୨୧ ତାରିଖ ରାତି ଆଠଟାରେ ସେ ଚଣ୍ଡୀ ମନ୍ଦିର ସାହିରେ ସାଙ୍ଗ ସହ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତମାନେ କାର୍‌ରେ ଆସି ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ତାଙ୍କ ସାଙ୍ଗର ବାମ ହାତରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା ଓ ହାତ କାର୍ କବାଟରେ ଚାପି ହୋଇ ଜଖମ ହୋଇଯାଇଥିଲା। ପୂର୍ବ ଶତ୍ରୁତା ଯୋଗୁ ଏହି ଆକ୍ରମଣ ହୋଇଛି। ଘଟଣାରେ ବ୍ୟବହୃତ ସୁଜୁକି ଡିଜାୟର୍ କାର୍ ଜବତ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।

## ପୁନର୍ବାସ ପକ୍ଷରୁ 'ମନନ' କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ଏକମାତ୍ର ଭିନ୍ନକ୍ଷମ କ୍ଷେତ୍ରରେ ଥେରାପି ଚିକିତ୍ସା ସେବା ଓ ସଚେତନ ପ୍ରଦାନ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ମନନ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଶିଶୁ ବ୍ୟକ୍ତି ବିଶେଷଙ୍କ ପ୍ରଯତ୍ନ ଶିକ୍ଷା ଓ ଥେରାପିଗତ ହସ୍ତକ୍ଷେପ ପ୍ରଭୃତିରେ ରହିଥିବା ବିବିଧତା ଏବଂ ଅବଧାରଣା ସମ୍ପର୍କିତ ଜ୍ଞାନକୁ ପରିପ୍ରସାର କରାଇବା ଏହି ମାସିକ ମନନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଡକ୍ଟର ବିରଜା ରାଉତରାୟ ପ୍ରକାଶ କରିଛନ୍ତି। ଆଗକୁ ଏହି କାର୍ଯ୍ୟକ୍ରମ ଜିଲ୍ଲାର ସ୍ୱତନ୍ତ୍ର ବିଦ୍ୟାଳୟ, ଦିବ୍ୟାଙ୍ଗ ଶିଶୁମାନଙ୍କ ଅଭିଭାବକ, କର୍ମଚାରୀ ମାନଙ୍କୁ ପର୍ଯ୍ୟାୟକ୍ରମେ ନିମନ୍ତ୍ରିତ କରାଯିବ ବୋଲି ସୂଚନା ଦେଇଛନ୍ତି। ପୁନର୍ବାସ ପରିସରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବରିଷ୍ଠ ଅକ୍ୟୁପେସନାଲ୍ ଥେରାପିଷ୍ଟ ଗିରିଜା ଶଙ୍କର ଖୁଣ୍ଟିଆ, ଡିସପ୍ରାକ୍ସିଆ ଏହାର ଜଟିଳ ସ୍ୱରୂପ ପରିଚାଳନା ବିଷୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥେରାପିଷ୍ଟ କୀର୍ତ୍ତି ଦାସ, ତପସ୍ୱିନୀ ରଥ, ଆବୃତି ବେହେରା, ଏସ୍‌କେ ମୁବାସିର୍, କମଳାକାନ୍ତ ବିଶ୍ୱାଳ, ସାଇଶ୍ରୀତା ମେକାପ, ନିତୁରାଣୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଅର ମୃତ୍ୟୁ ପରେ ହୃଦଘାତରେ ଚାଲିଗଲା ମାଆଙ୍କ ଜୀବନ

### ଗାଁ ଶ୍ମଶାନରେ ଏକାଠି ହେଲା ଶେଷକୃତ୍ୟ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପୁଅର ମୃତ୍ୟୁ ମାଆ ଶୁଣିପାରିଲେନି କି ଦେଖିପାରିଲେନି। ଦୁଃଖ ଆସିବା କ୍ଷଣିକ ମଧରେ ନିଜେ ଆଖି ବୁଜିଦେଲେ । ଆଗପଛ ହୋଇ ମାତ୍ର କିଛି ଘଣ୍ଟା ବ୍ୟବଧାନରେ ଚାଲିଗଲେ ମାଆ ଓ ପୁଅ । ଗୋଟିଏ ଦିନରେ ପରିବାରର ଦୁଇ ଜଣକୁ ହରାଇ ଭାଙ୍ଗି ପଡିଛି ପରିବାର । ଏକମାତ୍ର ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଥିବା ମାଆର ବି କିଛି ଘଣ୍ଟା ପରେ ମୃତ୍ୟୁ ହୋଇଥିଲା। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ଗାଁରେ ମୃତକ ହେଲେ ଗ୍ରାମର ହରେକୃଷ୍ଣ ମହାକୁଡ ୭୦ ବର୍ଷୀୟା ପତ୍ନୀ ମରୁଆ ମହାକୁଡ ଏବଂ ତାଙ୍କ ୪୨ ବର୍ଷୀୟ ପୁଅ ଦାମୋଦର ମହାକୁଡ। ଦାମୋଦର ଅସୁସ୍ଥ ଥିବାରୁ ଶୁକ୍ରବାର ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଦାମୋଦରଙ୍କ ମୃତଦେହକୁ ଗାଁକୁ ଅଣାଯାଇଥିଲା । ପରେ ଗାଁ ଶ୍ମଶାନରେ ମୃତଦେହକୁ ଅଣାଯାଇଥିଲା । ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ହେଲେ ପୁଅର ଶବ ସତ୍କାର ସରିବା ପୂର୍ବରୁ ପରିବାରକୁ ମିଳିଲା ଆଉ ଏକ ଦାରୁଣ ଖବର । ପୁଅର ଅନ୍ତିମ ସଂସ୍କାର ସାରି ଘରକୁ ଫେରୁଥିବା ସମୟରେ ହଠାତ ମା ମରୁଆ ମହାକୁଡଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା । ମାଆଙ୍କ ମୃତ୍ୟୁପରେ ପୁଣିଥରେ ଶୋକାକୁଳ ପରିବାରକୁ ଗାଁ ଶ୍ମଶାନକୁ ଯିବାକୁ ପଡିଥିଲା । ଯେଉଁ ଶ୍ମଶାନରେ କିଛି ସମୟ ପୂର୍ବରୁ ପୁଅର ସତ୍କାର କରାଯାଇଥିଲା । ସେହିଠାରେ ପୁଣି ମାଆଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା । ଘଟଣାଟି କଣ୍ଟିଆପଡା ଗାଁରେ ଶୋକର ଛାୟା ଖେଳାଇ ଦେଇଛି । ଏହି ଘଟଣା ସାରା ଗାଁକୁ ନିରବ କରିଦେଇଛି ।

## 'ବୈଜ୍ଞାନିକ ହେବାର ପ୍ରେରଣା ବିଜ୍ଞାନ ମେଳା ହିଁ ପ୍ରଦାନ କରିଥାଏ'

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଶାନ୍ତିନଗର, ଭୀମଭୋଇ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ୧୮ତମ ବିଜ୍ଞାନ ମେଳାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିଖିଳ ଉତ୍କଳ ପ୍ରାଥମିକ ସଂଘ, ଓଡ଼ିଶାର ସମ୍ପାଦକ ବବ୍ରୁବାହାନ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କହିଥିଲେ ବୈଜ୍ଞାନିକ ହେବାର ପ୍ରେରଣା ଦିଏ ବିଜ୍ଞାନ ମେଳା, ବିକାଶର ମୂଳ ଉତ୍ସ ବିଜ୍ଞାନ, ବିଜ୍ଞାନ ବିନା ଦେଶର ପ୍ରଗତି ଅସମ୍ଭବ। ସ୍କୁଲ ସ୍ତରରୁ ଛାତ୍ର ଛାତ୍ରୀଙ୍କ ମନରେ ବୈଜ୍ଞାନିକ ହେବାର ପ୍ରେରଣା ବିଜ୍ଞାନ ମେଳା ହିଁ ପ୍ରଦାନ କରିଥାଏ ବୋଲି ଛାତ୍ର ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ବିଦ୍ୟାଳୟର ମୋଟ୍ ୪୨ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା । ଏମାନଙ୍କ ମଧ୍ୟରୁ ଜୁନିୟରରେ ୩ ଜଣ ଓ ସିନିୟରରେ ୩ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥୀଙ୍କଠୁ ପୁରସ୍କୃତ ହୋଇଥିଲେ । ଏହି ପିଲାମାନେ ଆସନ୍ତା ସେପ୍ଟେମ୍ବର ମାସ ୧୨ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି । ମେଳାର ଉଜ୍ଜାପନୀ ଅବସରରେ ଅତିଥି ଭାବରେ ଆଇନଜୀବୀ ଜୟକୃଷ୍ଣ ବେହେରା ଓ ସନ୍ତୋଷ କୁମାର ପଟେଲ ଉପସ୍ଥିତ ଥିଲେ। ଏହି ମେଳାର ନିରୀକ୍ଷକ ଭାବରେ ଶିକ୍ଷକ ମଦନ ମୋହନ ମାଝୀ ଓ ସିଦ୍ଧାର୍ଥ କୁମାର ପ୍ରଧାନ ଯୋଗଦାନ କରି ମୂଲ୍ୟାଙ୍କନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପଣ୍ଡା, ସଂଯୁକ୍ତା ପାତ୍ରୀ, ହାସ୍ୟମୟୀ ବେହେରା, ଆରତୀ ସାହୁ, ଗୀତାରାଣୀ ମିର୍ଦ୍ଧା, ରୀନା ଦ୍ୱାରୀ, ନମିତା ପ୍ରଧାନ, ସଞ୍ଜୟ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମହିଳା ସଶକ୍ତି କରଣ ଅଭିଯାନରେ ଖଲିକୋଟ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଏକ ସାତଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଗ୍ରାଣ୍ଡମାଷ୍ଟର ଦୀପ୍ତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଖଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ ଏହାକୁ ଉଦ୍ଘାଟନ କରି ବଦଳୁଥିବା ସମୟ ଅନୁସାରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣରେ ସହଯୋଗ କରିଥିଲେ ପିମପୁନା ସାହୁ ଓ ସୁରେଶ ସାହୁ। ଅଧ୍ୟାପିକା ବିଦ୍ୟୁତପ୍ରଭା ରଥ, ସୁସ୍ମିତା ପଟ୍ଟନାୟକ, ସସ୍ମିତା ବଳିଆରସିଂ, ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଚଳିତ ମାସ ୧୬ରୁ ଆରମ୍ଭ ହୋଇ ୨୩ରେ ଉଦ୍‌ଯାପିତ ହୋଇଥିବା ଏହି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣରେ ଶହେ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଚମକ ହରାଉଛି ଦୁର୍ଗାରାମ ଧୋବିଘାଟ:ପ୍ରଶାସନର ଦୃଷ୍ଟିପଡୁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦୁର୍ଗାରାମ ଧୋବିଘାଟ ୫ ଦଶନ୍ଧି ପୁରୁଣା । ସହରରେ ଏକମାତ୍ର କିନ୍ତୁ ଅବ୍ୟବସ୍ଥିତ । ଦିନେ ଲୋକଙ୍କ କପଡ଼ାକୁ ଚମକାଉଥିବା ଧୋବିଘାଟ ଏବେ ଚମକ ହରାଇଲାଣି। ଶତାଧିକ ପରିବାରର ସାହାରା ଥିଲା କିନ୍ତୁ ଆବଶ୍ୟକ ସୁବିଧା ଅଭାବରୁ ସମସ୍ତେ ଏଠାରୁ ମୁହଁ ଫେରାଇଲେଣି । ଏବେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ସରଞ୍ଜାମ ଥିବା ଧୋବି ଘାଟର ଆବଶ୍ୟକତା ରହିଛି। ଏହାକୁ ନିର୍ମାଣ ଦିଗରେ ବିଏମ୍‌ସି ଓ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି କର୍ମକର୍ତ୍ତା କହିଛନ୍ତି । ବୈକୁଣ୍ଠନଗରରେ ରହିଛି ସହରର ଏକମାତ୍ର ଓ ସର୍ବ ପୁରାତନ ଧୋବିଘାଟ । ବ୍ରହ୍ମପୁର ରଜକ ସମାଜ ପକ୍ଷରୁ ପରିଚାଳିତ ଏହି ଘାଟ ପ୍ରାୟ ୫ ଦଶନ୍ଧି ପୂର୍ବରୁ ତିଆରି ହୋଇଥିଲା । ଆର୍. ବାୟାନ୍ନାଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ଏହି ଘାଟ ଏବେବି କାର୍ଯ୍ୟକ୍ଷମ ରହିଛି । ଏହାକୁ ୧୯୯୪ରେ ବ୍ୟବସ୍ଥିତ କରାଯାଇଥିଲା । ପାଣି ବ୍ୟବସ୍ଥା ସହ ୧୨ଟି କୁଣ୍ଡ ତିଆରି ହୋଇଥିଲା । ତେବେ ଦୀର୍ଘ ବର୍ଷ ଧରି ଖୋଲା ଆକାଶ ତଳେ ସଭିଏଁ କାମ କରୁଥିଲେ । ୨୦୧୬ରେ ସେଠାରେ ଛାତ ପଡ଼ିଲା। ଦୁଇ ବର୍ଷ ଆଗରୁ ପରିସରକୁ ସଫା ରଖିବା ପାଇଁ ଫେଭର ବ୍ଲକ୍ ପଡ଼ିଛି । ଦେଖିଲେ ଲାଗୁଛି ନିର୍ମାଣ କାମ କେହି ଅଧାରେ ଛାଡ଼ି ଚାଲିଯାଇଛି । ଏହି ଘାଟ ଉପରେ ଷ୍ଟେସନ୍ ରୋଡ୍, ଗେଟ୍ ବଜାର, ଭାପୁର ବଜାର ସମେତ ୪ଟି ସାହିର ଲୋକ ନିର୍ଭରଶୀଳ । ଉକ୍ତ ସାହିରେ ପ୍ରାୟ ୩ ଶହ ପରିବାର ବସବାସ କରୁଛନ୍ତି । କିନ୍ତୁ ସମାଜର ସଦସ୍ୟ ସଂଖ୍ୟା ବଢ଼ିଥିବା ବେଳେ ଆବଶ୍ୟକ ଜାଗା, କୁଣ୍ଡ ମିଳିଲା ନାହିଁ । ଏବେ ଜୀବିକା ନିର୍ବାହ ପାଇଁ ଅନ୍ୟ ମାଧ୍ୟମ ସଭିଏଁ ଖୋଜିଲେଣି । ୧୨ଟି କୁଣ୍ଡରୁ ୪ଟି ଏବେ କାମ କରୁନି । ବାକି କୁଣ୍ଡକୁ ନିଜେ ସଫା କରି ରଜକ ସମାଜର ଲୋକେ ବ୍ୟବହାର କରୁଛନ୍ତି। ସେହି କୁଣ୍ଡରେ ସଫା କରିବା ପରେ ସଭିଏଁ ନିଜ ଘର ନିକଟରେ କପଡ଼ା ନେଇ ଶୁଖାଉଛନ୍ତି, ଘରେ ଇସ୍ତ୍ରୀ କରି ଗ୍ରାହକଙ୍କୁ ଦେଉଥିବା ଜଣାପଡ଼ିଛି । ଘାଟର ଜଣେ ସଦସ୍ୟ କହିଛନ୍ତି ପାଣି ସୁବିଧା ଥିବାରୁ ଏହାକୁ ବ୍ୟବହାର କରୁଛୁ। ନଚେତ୍ ଅନ୍ୟ କୌଣସି ସୁବିଧା ନାହିଁ । ପୂର୍ବରୁ ପ୍ରାୟ ୬୦ ରୁ ୮୦ ପରିବାର ଦୈନିକ ଏଠାକୁ ଆସୁଥିଲେ । ଏବେ ୧୦ ରୁ ୧୫ ଜଣ ଆସୁଛନ୍ତି । ଓଲଟି ଘାଟ ଖୋଲୁଥିବା ବେଳେ ମଧ୍ୟାହ୍ନ ପୂର୍ବରୁ ପୁରା ବନ୍ଦ ରହୁଛି । ରଜକ ସମାଜର କମିଟି ସଦସ୍ୟ କେ. ରମେଶ କହିଛନ୍ତି ୪ ସାହିର ଶତାଧିକ ପରିବାର ଏହାରି ଉପରେ ନିର୍ଭରଶୀଳ । କିନ୍ତୁ ଆବଶ୍ୟକ ଭିତ୍ତିଭୂମି ନାହିଁ । ପୂର୍ବରୁ ବ୍ରଜ ନଗର ଧୋବା ନାଳ ନିକଟରେ ଜାଗା ମିଳିଥିଲା। ଏବେ ତାହାକୁ ଅନ୍ୟ ଲୋକ ମାଡ଼ି ବସିଲେଣି । ଫଳରେ ଏହି ଗୋଟିଏ ସ୍ଥାନ ଆମ ପାଇଁ ରହିଛି । ଏଠାରେ ଆବଶ୍ୟକ ସୁବିଧା ଯୋଗାଇବା ଦ୍ୱାରା ଏହା ସ୍ଥାନୀୟ ଲୋକଙ୍କ ସେବାରେ ଲାଗି ପାରିବ ବୋଲି ସେ କହିଛନ୍ତି । ସ୍ଥାନୀୟ କର୍ପୋରେଟର ଦୁର୍ଗା ଲାୟକ କହିଛନ୍ତି ୨୦୧୬ରେ ତାହାର ଛାତ ପଡ଼ିଥିଲା। ଦୁଇ ବର୍ଷ ପୂର୍ବେ ପରିସରରେ ପେଭର ବ୍ଲକ୍ ପକାଯାଇଛି ।

## ନିଜର ଐତିହ୍ୟ ଓ ପରମ୍ପରା ସହ ଛାତ୍ରଛାତ୍ରୀମାନେ ପରିଚିତ ହୁଅନ୍ତୁ





**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆନ୍ ନ୍ୟାସ୍‌ନାଲ୍ ଟ୍ରଷ୍ଟ ଫର୍ ଆର୍ଟ ଏଣ୍ଡ କଲ୍‌ଚୁରାଲ୍ ହେରିଟେଜ୍ (ଇନ୍‌ଟାକ୍) ଆନୁକୂଲ୍ୟରେ ଜାତୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କନ୍‌ଭେନ୍‌ର ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ପୌରୋହିତ୍ୟରେ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ବାଳିକା ବିଦ୍ୟାଳୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ୍ ୧୨ ଗୋଟି ସ୍କୁଲ୍‌ର ୧୩୮ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ଦୁଇ ଜଣିଆ ଦଳରେ ବିଭକ୍ତ ହୋଇ ଲିଖିତ ରାଉଣ୍ଡରେ ଭାଗ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ମନୋନୀତ ୪ ଗୋଟି ଦଳ ଅଡିଓ ଭିଜୁଆଲ୍ ରାଉଣ୍ଡରେ ଅଂଶ ଗ୍ରହଣ କରିବେ ଏବଂ ଶ୍ରେଷ୍ଠ ବିବେଚିତ ଦଳ ରାଜ୍ୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନର କୋ-କନ୍‌ଭେନର୍ ଶ୍ୟାମସୁନ୍ଦର ଦାସ ସୂଚନା ଦେଇଛନ୍ତି। ଭାରତ ଐତିହ୍ୟର ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ଇନ୍‌ଟାକ୍ ପ୍ରତି ବର୍ଷ ସମଗ୍ର ଦେଶରେ ଏହି ପ୍ରତିଯୋଗିତାର ଆୟୋଜନ କରିଥାଏ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜର ଐତିହ୍ୟ ଏବଂ ପରମ୍ପରାକୁ ପରିଚିତ କରି ଏହାର ସଂରକ୍ଷଣ ସକାଶେ ସମ୍ବେଦନଶୀଳତାକୁ ଉଦ୍ରେକ କରିବା ପାଇଁ ଏହାର ମୂଳ ଲକ୍ଷ୍ୟ ବୋଲି ଇନ୍‌ଟାକ୍ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ପାଣି, ବସନ୍ତ ପାତ୍ର, ସନ୍ତୋଷ କୁମାର କାଷ୍ଠା, ନଳୀନ କୁମାର ଚୌଧୁରୀ, ସରୋଜ ମିଶ୍ର, ପ୍ରଦୀପ ନାୟକ, ବିଭୁଦତ୍ତ ଦାସ ପ୍ରମୁଖ ପ୍ରତିଯୋଗିତାର ପରିଚାଳନା କରିଥିଲେ।

# ପଡ଼ିକଲ୍‌ଙ୍କ ପରେ ଧ୍ରୁବ ଜୁରେଲଙ୍କ ଚମତ୍କାର ଶତକ : ବ୍ୟାକ୍‌ଫୁଟ୍‌ରେ ଶ୍ରୀଲଙ୍କା

**କଲମ୍ବୋ**

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କଲୋମ୍ବୋରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଅତ୍ୟନ୍ତ ରୋମାଞ୍ଚକର ରହିଥିଲା। ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍ ହରାଇ ୫୦୩ ରନ୍ ସଂଗ୍ରହ କରିଥିଲା। ଯାହା ପରେ ଅଧିନାୟକ ଶୁବମନ ଗିଲ୍ ଇନିଂସ୍ ସମାପ୍ତି ଘୋଷଣା କରିଥିଲେ। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ଦଳ ମାତ୍ର ୩ ଓଭର ଖେଳି ନିଜର ମୂଲ୍ୟବାନ ଦୁଇଟି ୱିକେଟ୍ ହରାଇଛି।

ରବିବାର ଦିନ ଟସ୍ ଜିତି ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଭାରତୀୟ ଦଳ ୩୭ ରନ୍‌ର ସ୍କୋରରେ କେ.ଏଲ୍. ରାହୁଲଙ୍କ ୱିକେଟ୍ ହରାଇଥିଲା। ଯିଏକି ୩୩ଟି ବଲ୍‌ରୁ ୧୮ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ଦେବଦତ୍ତ ପଡ଼ିକଲ୍ ମୋର୍ଚ୍ଚା ସମ୍ଭାଳିଥିଲେ। ପଡ଼ିକଲ୍ ଓ ଯଶସ୍ୱୀ ଜୈସୱାଲ ଦ୍ୱିତୀୟ ୱିକେଟ୍ ପାଇଁ ୨୯ ରନ୍ ଯୋଡ଼ିଥିଲେ। ଜୈସୱାଲ ୫୩ଟି ବଲ୍‌ରୁ ୯ଟି ଚୌକା ସହ ୪୫ ରନ୍ କରି ଆଉଟ୍ ହୋଇଥିଲେ।

ଏହାପରେ ପଡ଼ିକଲ୍ ଅଧିନାୟକ ଶୁବମନ ଗିଲ୍‌ଙ୍କ ସହ ତୃତୀୟ ୱିକେଟ୍ ପାଇଁ ୧୨୦ ରନ୍ ଯୋଡ଼ି ଦଳୀୟ ସ୍କୋରକୁ ୧୮୬ ପର୍ଯ୍ୟନ୍ତ ପହଞ୍ଚାଇଥିଲେ। ଗିଲ୍ ୬ଟି ଚୌକା ସହ ୫୦ ରନ୍ କରି ଆଉଟ୍ ହୋଇଥିଲେ। ପନ୍ତ ପଞ୍ଚମ ନମ୍ବରରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ, କିନ୍ତୁ ମାତ୍ର ୧୫ଟି ବଲ୍‌ର ସାମ୍ନା କରିପାରିଥିଲେ। ୫୮ତମ ଓଭରରେ ଲହିରୁ କୁମାରାଙ୍କ ଏକ ବଲ୍ ତାଙ୍କ ବାମ ହାତର ମଣିବନ୍ଧରେ ବାଜିଥିଲା। ଯାହା ପରେ ପ୍ରବଳ ଯନ୍ତ୍ରଣା ଯୋଗୁଁ ସେ ରିଟାୟର୍ଡ ହର୍ଟ ହୋଇ ପଡ଼ିଆ ଛାଡ଼ିଥିଲେ। ସେହି ସମୟ ପର୍ଯ୍ୟନ୍ତ ପନ୍ତଙ୍କ ଖାତାରେ ମାତ୍ର ୩ ରନ୍ ଥିଲା।




ଏହା ପରେ ରବୀନ୍ଦ୍ର ଜାଡ଼େଜା ତାଙ୍କ ସ୍ଥାନରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ ଏବଂ ଦଳୀୟ ସ୍କୋରରେ ୪୩ ରନ୍‌ର ଯୋଗଦାନ ଦେଇଥିଲେ। ପ୍ରଥମ ଦିନର ଖେଳ ଶେଷ ହେବା ପୂର୍ବରୁ ପଡ଼ିକଲ୍ ମଧ୍ୟ ନିଜ ୱିକେଟ୍ ହରାଇଥିଲେ, ଯିଏ କି ୧୨ଟି ଚୌକା ସହ ୧୧୭ ରନ୍‌ର ଏକ ଦମ୍‌ଦାର ପାଳି ଖେଳିଥିଲେ। ପ୍ରଥମ ଦିନର ସମାପ୍ତି ସୁଦ୍ଧା ଭାରତ ୮୫ ଓଭର ଖେଳି ୫ ୱିକେଟ୍ ବିନିମୟରେ ୩୦୦ ରନ୍ ସଂଗ୍ରହ କରିଥିଲା।

ଦ୍ୱିତୀୟ ଦିନର ପ୍ରଥମ ସେସନ୍‌ରେ ପନ୍ତ ପୁଣି ଥରେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିଲେ। ସେ ଧ୍ରୁବ ଜୁରେଲଙ୍କ ସହ ମିଶି ୧୧୨ ରନ୍ ଯୋଡ଼ିଥିଲେ, କିନ୍ତୁ ଦ୍ୱିତୀୟ ସେସନ୍‌ର ପ୍ରଥମ ବଲ୍‌ରେ (୧୧୨.୧ ଓଭର) କେଶରା ନୁୱାନଥାଙ୍କ ଶିକାର ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ପନ୍ତ ୨ଟି ଛକା ଏବଂ ୪ଟି ଚୌକା ସହ ୬୩ ରନ୍ କରିଥିଲେ।

୧୨୫ତମ ଓଭରର ଚତୁର୍ଥ ବଲ୍‌ରେ ଦଳ ମାନବ ସୁଥାର (୧୮)ଙ୍କ ୱିକେଟ୍ ହରାଇଥିଲା। ଭାରତ ୧୩୧.୨ ଓଭରରେ ୮ ୱିକେଟ୍ ହରାଇ ୪୭୫ ରନ୍ ସଂଗ୍ରହ କରିସାରିବା ପରେ ବର୍ଷା ଯୋଗୁଁ ଖେଳ ସ୍ଥଗିତ ରହିଥିଲା। ଖେଳ ପୁଣି ଆରମ୍ଭ ହେବା ପରେ, ୧୩୭ତମ ଓଭରର ପ୍ରଥମ ବଲ୍‌ରେ ମହମ୍ମଦ ସିରାଜ (୩) ଆଉଟ୍ ହୋଇଥିଲେ। ସିରାଜ ଏବଂ ଧ୍ରୁବ ଜୁରେଲଙ୍କ ମଧ୍ୟରେ ୩୧ ରନ୍‌ର ଭାଗୀଦାରୀ ହୋଇଥିଲା। ଏହାର ୧୧ଟି ବଲ୍ ପରେ ଟିମ୍ ଇଣ୍ଡିଆ ନିଜର ଇନିଂସ୍ ସମାପ୍ତି ଘୋଷଣା କରିଥିଲା।

ଜୁରେଲ ୨ଟି ଛକା ଏବଂ ୯ଟି ଚୌକା ସହ ୧୧୫ ରନ୍ କରି ଅପରାଜିତ ରହିଥିବା ବେଳେ, ପ୍ରସିଦ୍ଧ କ୍ରିଷ୍ଣା ୭ଟି ବଲ୍‌ରୁ ୪ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି ୱିକେଟ୍ ହାସଲ କରିଥିବା ବେଳେ ପ୍ରଭାତ ଜୟସୂର୍ଯ୍ୟା ଏବଂ କେଶରା ନୁୱାନଥା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଲହିରୁ କୁମାରା ଗୋଟିଏ ୱିକେଟ୍ ନେବାରେ ସଫଳ ହୋଇଥିଲେ।

ଶ୍ରୀଲଙ୍କା ଦଳ ଦ୍ୱିତୀୟ ଦିନରେ ମାତ୍ର ୩ ଓଭର ଖେଳି ଦୁଇଟି ୱିକେଟ୍ ହରାଇ ବସିଥିଲା। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଏବଂ ମାନବ ସୁଥାର ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିଲେ। ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଶ୍ରୀଲଙ୍କା ୨ ୱିକେଟ୍ ହରାଇ ୮ ରନ୍ କରିଛି ଏବଂ ଦଳ ବର୍ତ୍ତମାନ ମଧ୍ୟ ୪୯୫ ରନ୍‌ରେ ପଛୁଆ ରହିଛି।

## ଆର୍ଜେଣ୍ଟିନାଠାରୁ ଲଜ୍ଜାଜନକ ପରାଜୟ ପରେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲା ଭାରତୀୟ ପୁରୁଷ ହକି ଦଳ



**ନୂଆଦିଲ୍ଲୀ**

ଭାରତୀୟ ଦଳ ୨୦୨୬ ହକି ବିଶ୍ୱକପ୍‌ରେ ସୋମବାର (୨୪ ଅଗଷ୍ଟ) ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍‌ରେ ୫–୩ ଗୋଲ୍‌ରେ ଲଜ୍ଜାଜନକ ପରାଜୟର ସାମ୍ନା କରିଛି। ଆମ୍ସଟେଲଭିନର ୱାଗନର ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ଟିମ୍ ଇଣ୍ଡିଆ ପାଇଁ 'କର ବା ମର' ମୁକାବିଲା ଥିଲା। ପରବର୍ତ୍ତୀ ରାଉଣ୍ଡକୁ ଯିବା ପାଇଁ ଭାରତକୁ ଏହି ମ୍ୟାଚ୍ ଜିତିବା ଆବଶ୍ୟକ ଥିଲା। କିନ୍ତୁ ପରାଜୟ ସହ ଭାରତ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି। ଏହି ହାର୍ ସହ ଭାରତୀୟ ଦଳର ୫୧ ବର୍ଷର ବିଶ୍ୱକପ୍ ଟାଇଟଲରେ ମରୁଡ଼ି ଜାରି ରହିଛି।

ଭାରତୀୟ ପୁରୁଷ ହକି ଦଳ ଏପର୍ଯ୍ୟନ୍ତ କେବଳ ଥରେ ବିଶ୍ୱକପ ଟାଇଟଲ ଜିତିଛି। ୧୯୭୫ରେ ଭାରତ ଏହି ଟାଇଟଲ ହାସଲ କରିଥିଲା। ୫୧ ବର୍ଷ ଧରି ଚାଲିଥିବା ବିଶ୍ୱକପ ଟାଇଟଲ ମରୁଡ଼ି ଏଥର ଶେଷ ହେବ ବୋଲି ପ୍ରଶଂସକମାନେ ଆଶା ରଖିଥିଲେ। କିନ୍ତୁ ତାହା ସମ୍ଭବ ହୋଇନାହିଁ।

ଆର୍ଜେଣ୍ଟିନା ଆରମ୍ଭରୁ ହିଁ ଜବରଦସ୍ତ ପ୍ରଦର୍ଶନ କରିଥିଲା। ଦଳ ପକ୍ଷରୁ ଜୋଆକ୍ୱିନ ଟୋସ୍କାନି ପ୍ରଥମ ମିନିଟ୍‌ରେ ଗୋଲ କରିଥିଲେ। ଏହା ସହ ଆର୍ଜେଣ୍ଟିନା ଖାତା ଖୋଲିଥିଲା। ପ୍ରଥମ ଗୋଲ୍‌ରେ କିଛି ସମୟ ପରେ ଦଳ ପାଇଁ ଡେଲା ଟୋରେ ନିକୋଲାସ ଷଷ୍ଠ ମିନିଟ୍‌ରେ ଆଉ ଏକ ଗୋଲ୍ କରିଥିଲେ।

## ଶ୍ରୀଲଙ୍କା ବୋଲରଙ୍କ ସହ ଝଗଡ଼ା : ଜୟସ୍ୱାଲ, ଫର୍ଣ୍ଣାଣ୍ଡୋଙ୍କୁ ଦଣ୍ଡିତ କଲା ଆଇସିସି



**କଲମ୍ବୋ**

ଯଶସ୍ୱୀ ଜୈସୱାଲଙ୍କ ଉପରେ ଆଇସିସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କଲୋମ୍ବୋଠାରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଜୈସୱାଲ ଏବଂ ଶ୍ରୀଲଙ୍କାର ଅସିଥା ଫର୍ଣ୍ଣାଣ୍ଡୋ ଝଗଡ଼ା ହୋଇଥିଲେ। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ସମୟରେ ଅମ୍ପାୟାର ଓ ଅନ୍ୟ ଖେଳାଳିମାନେ ଆସି ମଧ୍ୟସ୍ଥତା କରିଥିଲେ। ବର୍ତ୍ତମାନ ଆଇସିସି ଏହି ସମ୍ପୂର୍ଣ୍ଣ ମାମଲାକୁ ଗମ୍ଭୀରତାର ସହ ନେଇଛି ଏବଂ ଦୁହିଁଙ୍କ ଉପରେ ଜରିମାନା ଲଗାଇଛି। ତେବେ ଆଶ୍ୱସ୍ତିର କଥା ଏହା ଯେ ଜୈସୱାଲଙ୍କ ଉପରେ ଆଗାମୀ ମ୍ୟାଚ୍ ଖେଳିବା ପାଇଁ କୌଣସି ବ୍ୟାନ୍ ଲଗାଯାଇ ନାହିଁ।

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ଟେଷ୍ଟ ମ୍ୟାଚ୍ ସିରିଜ୍‌ର ଦ୍ୱିତୀୟ ମୁକାବିଲା ବର୍ତ୍ତମାନ କଲୋମ୍ବୋଠାରେ ଖେଳାଯାଉଛି। ମ୍ୟାଚ୍‌ର ପ୍ରଥମ ଦିନରେ ଭାରତର ଓପନର୍ ଯଶସ୍ୱୀ ଜୈସୱାଲ ଏବଂ ଶ୍ରୀଲଙ୍କାର ଦ୍ରୁତ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ପରସ୍ପର ସହ ଝଗଡ଼ା କରିଥିଲେ। ଆଇସିସି ଏହି ମାମଲାରେ କୋଡ୍ ଅଫ୍ କଣ୍ଡକ୍ଟର ଆର୍ଟିକିଲ୍ ୨.୧୨ ଉଲ୍ଲଂଘନ କରିଥିବା ନେଇ ଦୋଷୀ ସାବ୍ୟସ୍ତ କରିଛି।

ଏହି ନିୟମ ଖେଳାଳି, ସପୋର୍ଟ ଷ୍ଟାଫ୍, ଅମ୍ପାୟାର, ମ୍ୟାଚ୍ ରେଫରି କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ସହ ଶାରୀରିକ ଆକ୍ରମଣ କରିବା ସହ ଜଡ଼ିତ। ଆଇସିସି ଘୋଷଣା କରିଛି ଯେ ଯଶସ୍ୱୀ ଜୈସୱାଲ ଏବଂ ଅସିଥା ଫର୍ଣ୍ଣାଣ୍ଡୋଙ୍କ ଉପରେ ସେମାନଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା ଲଗାଯାଇଛି। ଏହା ସହ ଦୁହିଁଙ୍କୁ ଗୋଟିଏ ଲେଖାଏଁ ଡିମେରିଟ୍ ପଏଣ୍ଟ ଦିଆଯାଇଛି। ଏହା କୁହାଯାଇଛି ଯେ ଦଣ୍ଡ ଏଥିପାଇଁ କମ୍ ହୋଇଛି, କାରଣ ଗତ ୨୪ ମାସ ମଧ୍ୟରେ ଦୁଇ ଖେଳାଳି କୌଣସି ଭୁଲ୍ କରିନଥିଲେ।

## ମହିଳା ହକି ବିଶ୍ୱକପ୍ ୨୦୨୬

# ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଡ୍ର' ସହ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲା ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**

ମହିଳା ହକି ବିଶ୍ୱକପ୍ ୨୦୨୬ରେ ଭାରତୀୟ ଦଳର ଚାମ୍ପିଅନ୍ ହେବାର ସ୍ୱପ୍ନ ଭାଙ୍ଗିଯାଇଛି। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଗୋଲ୍ ଶୂନ୍ୟ ଯୋଗୁଁ ଡ୍ର' ରହିଥିଲା। ଭାରତ ନିଜର ଦୃଢ଼ ରକ୍ଷଣଭାଗ ବଳରେ ଅଷ୍ଟ୍ରେଲିଆକୁ ଗୋଲ୍ କରିବାକୁ ଦେଇନଥିଲା, କିନ୍ତୁ ଦଳକୁ ମିଳିଥିବା ସୁଯୋଗଗୁଡ଼ିକୁ ଗୋଲ୍‌ରେ ପରିଣତ କରିପାରିନଥିଲା। ଶେଷରେ ଟୁର୍ଣ୍ଣାମେଣ୍ଟରେ ଅଧିକ ଗୋଲ୍ ସ୍କୋର କରିବା ଆଧାରରେ ଅଷ୍ଟ୍ରେଲିଆ ସେମିଫାଇନାଲ୍ ଟିକେଟ୍ ହାସଲ କରିନେଇଛି। ଅନ୍ୟପଟେ ଭାରତ ବିଶ୍ୱକପ୍ ସେମିଫାଇନାଲ୍ ଦୌଡ଼ରୁ ବାଦ୍ ପଡ଼ିଛି।

ମ୍ୟାଚ୍ ପରେ ଭାରତୀୟ ଅଧିନାୟିକା ସଲିମା ଟେଟେ ବହୁତ ନିରାଶ ନଜର ଆସିଥିଲେ। ସେ ସ୍ୱୀକାର କରିଛନ୍ତି ଯେ ଦଳ ମିଳିଥିବା ସୁଯୋଗର ଫାଇଦା ଉଠାଇପାରିଲା ନାହିଁ। ସଲିମା କହିଛନ୍ତି, 'ଆମକୁ ଆଦୌ ଭଲ ଲାଗୁନାହିଁ। ଆମେ ବିଜୟର ବହୁତ ନିକଟତର ହୋଇଯାଇଥିଲୁ, କିନ୍ତୁ ଆମେ ଏହି




ମ୍ୟାଚ୍‌କୁ ହାତଛଡ଼ା କରିଦେଲୁ। ଆମକୁ ଏଥିରୁ ଶିଖିବାକୁ ହେବ। ଏହା ଆମ ପାଇଁ ଏକ କଠିନ ମୁକାବିଲା ଥିଲା। ଆମ ପାଖକୁ ସୁଯୋଗ ଆସିଥିଲା, କିନ୍ତୁ ଆମେ ସେଗୁଡ଼ିକୁ ଗୋଲ୍‌ରେ ପରିଣତ କରିପାରିଲୁ ନାହିଁ।'

ଭାରତକୁ ସେମିଫାଇନାଲ୍‌ରେ ପହଞ୍ଚିବା ପାଇଁ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟର ଆବଶ୍ୟକତା ଥିଲା। ଦଳ ଏଥିପାଇଁ ଅନେକ ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା, କିନ୍ତୁ ଗୋଲ୍ କରିବାରେ ବିଫଳ ହୋଇଥିଲା। ପ୍ରଥମ ହାଫ୍‌ର ଶେଷ ଭାଗରେ ଭାରତକୁ ଏକ ବଡ଼ ସୁଯୋଗ ମିଳିଥିଲା। ପେନାଲ୍ଟି କର୍ଣ୍ଣର ସମୟରେ ଆପଣାଯାଇଥିବା କୌଶଳ ଯୋଗୁଁ ବଲ୍ ନିକ୍କିଙ୍କ ପାଖରେ ପହଞ୍ଚିଥିଲା ଏବଂ ସେ ଗୋଲ୍ ପୋଷ୍ଟ ସମ୍ମୁଖରେ ସମ୍ପୂର୍ଣ୍ଣ ଖୋଲା ସ୍ଥିତିରେ ଥିଲେ, କିନ୍ତୁ ତାଙ୍କର ସେହି ପ୍ରୟାସ ସଫଳ ହୋଇପାରିନଥିଲା।

ଅଷ୍ଟ୍ରେଲିଆ ମଧ୍ୟ ଭାରତୀୟ ଗୋଲ୍‌ପୋଷ୍ଟ ଉପରେ ଚାପ ପକାଇଥିଲା ଏବଂ ଦୁଇ ଥର ବଲ୍‌କୁ ନେଟ୍ ଭିତରକୁ ପଠାଇଥିଲା, କିନ୍ତୁ ଭାରତର ସଫଳ ରେଫରାଲ୍ ପରେ ଉଭୟ ଗୋଲ୍‌କୁ ରଦ୍ଦ କରିଦିଆଯାଇଥିଲା। ଏହାଦ୍ୱାରା ଭାରତକୁ ମୁକାବିଲାରେ ବଜାୟ ରହିବାର ସୁଯୋଗ ମିଳିଥିଲା, ମାତ୍ର ଦଳ ଅନ୍ୟ ପଟେ ଆବଶ୍ୟକୀୟ ଗୋଲ୍ ହାସଲ କରିପାରିନଥିଲା। ଶେଷ ପାଞ୍ଚ ମିନିଟ୍‌ରେ ଭାରତ ଏକ ବଡ଼ ବାଜି ଖେଳି ଗୋଲ୍‌କିପର ବିଚ୍ଛୁ ଦେବୀଙ୍କୁ ପଡ଼ିଆରୁ ବାହାରକୁ ଡାକି ଜଣେ ଅତିରିକ୍ତ ଆଉଟ୍‌ଫିଲ୍ଡ ଖେଳାଳିଙ୍କୁ ମଇଦାନକୁ ଓହ୍ଲାଇଥିଲା। ଏହା ସତ୍ତ୍ୱେ ଅଷ୍ଟ୍ରେଲିଆର ରକ୍ଷଣଭାଗକୁ ଭାଙ୍ଗିବାର କୌଣସି ରାସ୍ତା ମିଳିନଥିଲା ଏବଂ ମୁକାବିଲା ୦–୦ରେ ଶେଷ ହୋଇଥିଲା।

ସେମିଫାଇନାଲ୍ ଆଶା ଭାଙ୍ଗିଯିବା ସତ୍ତ୍ୱେ ଅଧିନାୟିକା ସଲିମା ଟେଟେ ସ୍ପଷ୍ଟ କରିଛନ୍ତି ଯେ ଭାରତର ବିଶ୍ୱକପ୍ ଅଭିଯାନ ବର୍ତ୍ତମାନ ବି ଶେଷ ହୋଇନାହିଁ। ସେ କହିଛନ୍ତି, 'ଆମେ ଏକ ଦଳ ହିସାବରେ ହାରିଥାଉ। ବର୍ତ୍ତମାନ ଆମେ ପଞ୍ଚମ ସ୍ଥାନ ପାଇଁ ଲଢ଼ିବୁ। ଆମ ପାଇଁ ଏହି ବିଶ୍ୱକପ୍ ବର୍ତ୍ତମାନ ଶେଷ ହୋଇନାହିଁ।'

ଚୀନ୍ ବିପକ୍ଷରେ ୨–୨ ଗୋଲରେ ଡ୍ର' ସହ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟର ଆରମ୍ଭ କରିଥିଲା। ଏହାପରେ ଦକ୍ଷିଣ ଆଫ୍ରିକାକୁ ୬–୧ ରେ ପରାଜୟ ଦେଇଥିଲା ଏବଂ ଇଂଲଣ୍ଡ ବିପକ୍ଷ ମୁକାବିଲା ୦–୦ ରେ ଡ୍ର ରହିଥିଲା। ନେଦରଲାଣ୍ଡସ ହାତରୁ ୦–୨ ରେ ହାରିବା ପରେ ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲା ଅତ୍ୟନ୍ତ ନିର୍ଣ୍ଣାୟକ ପାଲଟିଯାଇଥିଲା।

## କେମରଙ୍କୁ ହରାଇ ଫାଇନାଲର ନିକଟତର ହେଲେ ପ୍ରଜ୍ଞାନନ୍ଦ



**ସେଣ୍ଟ ଲୁଇସ୍**

ଜର୍ମାନୀର ଗ୍ରାଣ୍ଡ ମାଷ୍ଟର ଭିନସେଣ୍ଟ କେମରଙ୍କୁ ପରାସ୍ତ କରି ଭାରତୀୟ ତାରକା ଆର. ପ୍ରଜ୍ଞାନନ୍ଦ ଗ୍ରାଣ୍ଡ ଚେସ୍ ଟୁର୍‌ର ଚୂଡ଼ାନ୍ତ ଇଭେଣ୍ଟ ଫାଇନାଲର ନିକଟତର ହୋଇଛନ୍ତି। ପ୍ରଜ୍ଞାନନ୍ଦ ସେମିଫାଇନାଲ୍ ମ୍ୟାଚ୍‌ରେ ୯–୩ ପଏଣ୍ଟରେ ଆଗୁଆ ରହିଛନ୍ତି।

ସେଣ୍ଟ ଲୁଇସ୍‌ରେ ଖେଳାଯାଇଥିବା ମୁକାବିଲାଟି ଆରମ୍ଭରୁ ରୋମାଞ୍ଚକ ରହିଥିଲା। ଧଳା ଘୋଡ଼ାରେ ଖେଳୁଥିବା ପ୍ରଜ୍ଞାନନ୍ଦଙ୍କ ପ୍ରାରମ୍ଭିକ ଚାଲ୍‌ରେ କିଛି ତ୍ରୁଟି ଦେଖାଯାଇଥିଲା। କେମର ଏହାର ଫାଇଦା ଉଠାଇ ପ୍ରଜ୍ଞାନନ୍ଦଙ୍କ ରାଜା ଉପରେ ଚାପ ବଢ଼ାଇଥିଲେ। ତେବେ କେମର ଏକ ରଣନୈତିକ ଭୁଲ୍ କରିବା ପରେ ଖେଳର ଗତି ଭାରତୀୟ ଗ୍ରାଣ୍ଡମାଷ୍ଟରଙ୍କ ସପକ୍ଷରେ ଯାଇଥିଲା। ଦ୍ୱିତୀୟ ଟାଇମ୍ କଣ୍ଟ୍ରୋଲ୍ ପରେ ପ୍ରଜ୍ଞାନନ୍ଦ ନିଜ ଆକ୍ରମଣକୁ ଆହୁରି ତୀବ୍ର କରିଥିଲେ। ସେ କେମରଙ୍କ ରାଜାକୁ ମାତ୍ ଦେବାର ଖୁବ୍ ନିକଟରେ ପହଞ୍ଚିବା ପରେ ୫୫ତମ ଚାଲ୍‌ରେ ଜର୍ମାନ ଖେଳାଳି ପରାଜୟ ସ୍ୱୀକାର କରିଥିଲେ। ଏହି ବିଜୟ ପରେ ୪.୫ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ଯିବା ପାଇଁ ପ୍ରଜ୍ଞାନନ୍ଦ ଆଉ ମାତ୍ର ୬ ପଏଣ୍ଟ ଦୂରରେ ଅଛନ୍ତି। ଟୁର୍ଣ୍ଣାମେଣ୍ଟ ବିଜେତାଙ୍କ ପାଇଁ ୨ ଲକ୍ଷ ଡଲାର ପୁରସ୍କାର ରହିଛି।

ଏହାପରେ ଆହୁରି ଦୁଇଟି ରାପିଡ୍ ଗେମ୍ ଖେଳାଯିବ। ରାପିଡ୍‌ରେ ଗୋଟିଏ ବିଜୟ ପାଇଁ ୪ ପଏଣ୍ଟ ମିଳିବ। ଏହାପରେ ୪ଟି ବ୍ଲିଜ୍ ଗେମ୍ ରହିଛି ଏବଂ ପ୍ରତ୍ୟେକ ବିଜୟ ପାଇଁ ୨ ପଏଣ୍ଟ ଦିଆଯିବ। ଏହି ହିସାବରେ ୯–୩ର ଅଗ୍ରଣୀ ପ୍ରଜ୍ଞାନନ୍ଦାଙ୍କୁ ଫାଇନାଲରେ ପହଞ୍ଚିବା ପାଇଁ ଦୃଢ଼ ସ୍ଥିତିରେ ରଖିଛି। ଅନ୍ୟ ସେମିଫାଇନାଲରେ ଆମେରିକାର ଫାବିଆନୋ କାରୁଆନା ନିଜ ଦେଶର ୱେସ୍‌ଲି ସୋ'ଙ୍କ ବିପକ୍ଷରେ ଜିତିବା ଭଳି ସ୍ଥିତିରେ ଥାଇ ମଧ୍ୟ ସୁଯୋଗ ହାତଛଡ଼ା କରିଛନ୍ତି।

## ଭାରତ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଦଳ ଘୋଷଣା କଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ**

ଅଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି–୨୦ ସିରିଜ୍ ପାଇଁ ଦଳ ଘୋଷଣା କରିଛି। ଏହି ସିରିଜ୍ ୧୩ ରୁ ୧୭ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଭାରତରେ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ସିରିଜ୍‌ର ଆୟୋଜନ କରିବାର ଅଧିକାର ଅଫଗାନିସ୍ତାନ ପାଖରେ ରହିଛି। ଭାରତୀୟ ଦଳ ନିଜ ଦେଶରେ ଥାଇ ମଧ୍ୟ ଏହି ସିରିଜ୍‌ରେ ଅତିଥି ଦଳ ଭାବରେ ଖେଳିବ। ଇତିହାସରେ ପ୍ରଥମ ଥର ପାଇଁ ଏପରି ହେବ, ଯେତେବେଳେ ଭାରତୀୟ ଦଳ ନିଜ ଘରୋଇ ପଡ଼ିଆରେ ହିଁ ଅତିଥି ଦଳ ସାଜିବ।

ଅଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଏକ ୧୫ ଜଣିଆ ଦଳ ଚୟନ କରିଥିବା ବେଳେ ୩ ଜଣ ଖେଳାଳିଙ୍କୁ ରିଜର୍ଭ ଭାବେ ଦଳରେ ସ୍ଥାନ ଦେଇଛି। ଏହି ସିରିଜ୍‌ରେ ଅଫଗାନିସ୍ତାନ ଦଳର ଅଧିନାୟକ ଇବ୍ରାହିମ ଜାଦ୍ରାନ ହେବେ। ଇବ୍ରାହିମ ଜାଦ୍ରାନ ପ୍ରଥମ ଥର ପାଇଁ ଅଫଗାନିସ୍ତାନର ଫୁଲ୍-ଟାଇମ୍ କ୍ୟାପଟେନ୍ ଭାବରେ ପଡ଼ିଆକୁ ଓହ୍ଲାଇବେ। ୧୩ ସେପ୍ଟେମ୍ବରରେ ପ୍ରଥମ ମୁକାବିଲା ଖେଳାଯିବାକୁ ଥିବା ବେଳେ ୧୫ ସେପ୍ଟେମ୍ବରରେ ଦ୍ୱିତୀୟ ଏବଂ ୧୭ ସେପ୍ଟେମ୍ବରରେ ସିରିଜ୍‌ର ଶେଷ ମୁକାବିଲା ଆୟୋଜିତ ହେବ।

ସିରିଜ୍‌ର ପ୍ରଥମ ମ୍ୟାଚ୍ ୧୩ ସେପ୍ଟେମ୍ବରରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ୍ ୧୫ ସେପ୍ଟେମ୍ବର ଏବଂ




ତୃତୀୟ ତଥା ଶେଷ ମ୍ୟାଚ୍ ୧୭ ସେପ୍ଟେମ୍ବରରେ ଖେଳାଯିବ। ତେବେ ଏହା ମଧ୍ୟରେ ଖବର ଆସିଥିଲା ଯେ ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇପାରେ। ଆଶା କରାଯାଉଛି ଯେ ଗଣେଶ ଚତୁର୍ଥୀ ଦିନ ମଧ୍ୟ ଏକ ମ୍ୟାଚ୍ ଖେଳାଯାଇପାରେ, ଯାହାକି ଏଥର ୧୪ ସେପ୍ଟେମ୍ବରରେ ପାଳନ କରାଯିବ। କିନ୍ତୁ ଏହାକୁ ନେଇ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ସୂଚନା ଆସିନାହିଁ।

ଆଫଗାନିସ୍ତାନ ସ୍କ୍ୱାଡ୍: ଇବ୍ରାହିମ ଜାଦ୍ରାନ (ଅଧିନାୟକ), ରହମାନୁଲ୍ଲା ଗୁରବାଜ (ୱିକେଟ୍ କିପର), ନୂର ରହମାନ (ୱିକେଟ୍ କିପର), ସେଦିକୁଲ୍ଲା ଅଟଲ୍, ଦରବିଶ ରସୁଲି, ଅଜମତୁଲ୍ଲା ଓମରଜଇ, ଗୁଲବଦିନ ନୈବ, ମହମ୍ମଦ ନବି, ରାଶିଦ ଖାନ୍, ନାଙ୍ଗ୍ୟାଲ ଖରୋଟି, ନୂର ଅହମ୍ମଦ, ମୁଜିବ ଉର ରହମାନ, ଫଜଲହକ୍ ଫାରୁକି, ଅବଦୁଲ୍ଲା ଅହମ୍ମଦଜଇ ଏବଂ ନବୀନ-ଉଲ୍-ହକ୍।

ରିଜର୍ଭ ଖେଳାଳି: ଇଜାଜ ଅହମ୍ମଦଜଇ, ଶାହିଦୁଲ୍ଲା କମାଲ ଏବଂ ଫରିଦ ଅହମ୍ମଦ ମଲିକ।

## ଦୀପ୍ତିରଞ୍ଜନଙ୍କ ନେତୃତ୍ୱରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମହିଳା ସଶକ୍ତିକରଣ ଅଭିଯାନରେ ଖଲିକୋଟ ମହ-ବିଦ୍ୟାଳୟର ଛାତ୍ରୀମାନଙ୍କୁ ଏକ ସାତଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗ୍ରାଣ୍ଡମାଷ୍ଟର ଦୀପ୍ତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଖଲିକୋଟ ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ ଏହାକୁ ଉଦ୍‌ଘାଟନ କରି ବଦଳୁଥିବା ସମୟ ଅନୁସାରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା



ଉପରେ ଗୁରୁତ୍ୱ ଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣରେ ସହଯୋଗ କରିଥିଲେ ପିମପୁନା ସାହୁ ଓ ସୁରେଶ ସାହୁ ଓ ଅଧ୍ୟାପିକା ବିଦ୍ୟୁତ ପ୍ରଭା ରଥ, ସୁସ୍ମିତା ପଟନାୟକ, ସସ୍ମିତା ବଳିଆରସିଂ, ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଚଳିତ ମାସ ୧୬ରୁ ଆରମ୍ଭ ହୋଇ ୨୩ରେ ଉଦ୍‌ଯାପିତ ହୋଇଥିବା ଏହି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣରେ ଶହେ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଶ୍ରାବଣର ଶେଷ ସୋମବାରରେ ଦୁଇ ଶୈବ ପୀଠରେ ରକ୍ତଦାନ ଶିବିର : ୭୬ ୟୁନିଟ୍ ରକ୍ତ ସଂଗୃହୀତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଉକ୍ତ ରକ୍ତାଭାବକୁ କିଛି ପରିମାଣରେ ଦୂର କରିବା ପାଇଁ ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ପ୍ରୟାସ। ପବିତ୍ର ଶ୍ରାବଣ ମାସ ଅବସରରେ ବରଗଡ଼ ଜିଲ୍ଲାର ଗାଇସିମା ଠାରେ ଅବସ୍ଥିତ ଅଷ୍ଟଶମ୍ଭୁ ଶୈବ ପୀଠ ଶ୍ରୀ ଶ୍ରୀ ବାବା ବରାଡ଼ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିଷ୍ଠା ପରିବାର ଓ ମନ୍ଦିର ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଯୁବ ସରପଞ୍ଚ ଧିରେନ ମହାପାତ୍ର ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ସର୍ବମୋଟ ୪୩ ୟୁନିଟ୍ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଠିକ୍ ସେହିପରି ଝାଡ଼େଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଅନୁରୂପ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଝଡ଼େଶ୍ୱର ଶିବ ମନ୍ଦିରର ବରିଷ୍ଠ କମିଟି ସଦସ୍ୟ ରୋହିତ ଭୋଇ, ସଭାପତି ଅମିୟ ଭୋଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ସର୍ବମୋଟ ୩୩ ୟୁନିଟ୍ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଉଭୟ ଶିବିରରୁ ସର୍ବମୋଟ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶ୍ରାବଣ ମାସର ଶେଷ ସୋମବାର ଅବସରରେ ମନ୍ଦିରକୁ ପ୍ରଭୁଙ୍କ ପୂଜାର୍ଚ୍ଚନା ପାଇଁ ଆସୁଥିବା ଭକ୍ତମାନେ ସ୍ୱତଃ ରକ୍ତ ଦାନ କରିଥିଲେ। ଉଭୟ ଶିବିରରେ ରକ୍ତ ଦାନ କରିଥିବା ରକ୍ତ ଦାତା, ସହଯୋଗୀ ଓ ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ। ଉଭୟ ଶିବିରକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟାମାନେ ପରିଚାଳନା କରିଥିଲେ।



## ବ୍ୟାସନଗର ପୌର ପାଳିକାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଓ.ଜେ.ସି ପକ୍ଷରୁ ଘେରାଉ




**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ୟାସନଗର ପୌରପାଳିକାର ବ୍ୟାପକ ଅନିୟମିତତା ପ୍ରତିବାଦରେ ଓଡ଼ିଶା ଜନତା କଂଗ୍ରେସ (ଓ.ଜେ.ସି) ପକ୍ଷରୁ ସୋମବାର ସ୍ଥାନୀୟ ଗୋପବନ୍ଧୁ ଛକ ଠାରେ ବିଭିନ୍ନ ୱାର୍ଡ଼ରୁ ଶତାଧିକ ମହିଳା ଓ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ପ୍ରଥମେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଭାରୀ ସୋମନାଥ ରାଉତ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଉପସ୍ଥିତ ନେତୃମଣ୍ଡଳୀ ମଧ୍ୟ ପୁଷ୍ପ ଅର୍ପଣ କରିଥିଲେ। ସେଠାରୁ ଏକ ବିଶାଳ ଶୋଭଯାତ୍ରାରେ ପୌର ପାଳିକାର ବିଫଳତାର ୧୧ ଦଫା ଦାବିର ତୁରନ୍ତ ସମାଧାନ ନିମନ୍ତେ ସ୍ଲୋଗାନ ଦେଇ ପୌର କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ପ୍ରଭାରୀ ସୋମନାଥ ରାଉତ, ନଜିବୁର୍ ରେହମାନ ଖାନ୍, ରାଜ୍ୟ ଉପ-ସଭାନେତ୍ରୀ ରଞ୍ଜିତା ରାଉତ, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ରାୟ, ପ୍ରମୁଖ ସମୟବେତ କାର୍ଯ୍ୟକର୍ତ୍ତାମାନଙ୍କୁ ନିଜ ନିଜର ବକ୍ତବ୍ୟରେ କହିଲେ କି ଓଡ଼ିଶାରେ ପୁରସ୍କୃତ ହୋଇଥିବା ଏହି ପୌରପାଳିକା ତା'ର ଗୌରବ ଓ ଗରିମା କ୍ଷୁଣ୍ଣ କରିଛି ଯାହା ପୌରବାସୀଙ୍କ ମୌଳିକ ଅଧିକାର ଯଥା– ପିଇବା ପାଣି, ରାସ୍ତାଆଲୋକ, ସ୍ୱାସ୍ଥ୍ୟ ସେବା, ସ୍ୱେରେଜ୍ ବ୍ୟବସ୍ଥାର ବିଫଳତା, ରାସନ୍ ବଣ୍ଟନରେ ଅନିୟମିତତା ଓ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ସମେତ ୧୧ଦଫା ଦାବିର ବିଫଳତା ଉପରେ ବିଜେପି ସରକାରକୁ ଦୃଢ଼ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓ.ଜେ.ସି ମହିଳା ନେତ୍ରୀ ପ୍ରଣତୀ ତ୍ରିପାଠୀ, ଜ୍ୟୋସ୍ନାମୟୀ ରାୟ, ଜାନକୀ ସିଂ, ପ୍ରମିଳା ଜେନା, ସିମା ପାତ୍ର ଓ ପ୍ରତାପ ଦାସ, ସେକ୍ ବଦ୍ରିଉଦ୍ଦିନ୍, ବିଦ୍ୟାଧର ଜେନା (ଟୁଟୁ), ପ୍ରଦୀପ ସେଠୀ, ପ୍ରମୁଖ ଦୃଢ଼ ସମାଲୋଚନା କରିଥିଲେ ଶେଷରେ ଯୁବନେତା ମନୋରଞ୍ଜନ ନାୟକ ଧନ୍ୟବାଦ୍ ପ୍ରସ୍ତାବ ଆଗତ କରିଥିଲେ।

**OFFICE OF THE SUPERINTENDING ENGINEER**
**RURAL WORKS DIVISION, PADAMPUR**
25001/1012/2627

1st Corrigendum to
Tender call notice No. Online 05 of 2026-27

A. Due to some Textual Discrepancy, the bidders are hereby informed to read "Online 05 of 2026-27" instead of "Online 04 of 2026-27" as notice no. Online 04 of 2026-27 has already been published.

All other terms and conditions remains unchanged.

Sd/- Superintending Engineer
Rural Works Division, Padmapur
OIPR-25001/25069/1/26-27/0007

**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**
25001/1006/2627

2nd CORRIGENDUM

No. 3643 Date 20.08.2026

In continuation to this office bid identification No. Online Tender 07/MOHANA/2026-27 Invited vide this office letter no.3091 did 22.07.2026, partial modification of TCN has been made as follows.

| Sl. No. | Item | Time schedule as per Original TCN | Time schedule as per Corrigendum Notice |
|---|---|---|---|
| 1. | Availability to tender online for bidding | Dt. 18.08.2026 at 11.00 A.M. to Dt. 28.08.2026 Up to 5.00 P.M. | Dt. 24.08.2026 at 11.00 A.M. to Dt. 02.09.2026 Up to 5.00 P.M. |
| 2 | Date & time of seeking tender clarification if any | Dt. 31.08.2026 up to 5.00 P.M. | Dt. 31.08.2026 Up to 5.00 P.M. |
| 3 | Date & time of opening of tender (Price Bid) | Dt. 29.08.2026 at 11.00 A.M. | Dt. 03.09.2026 at 11.00 A.M |

All other terms and conditions are remain unchanged.

Sd/- Executive Engineer
RW Division, Mohana
OIPR-25001/25148/1/26-27/0014

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୫ ଅଗଷ୍ଟ ୨୦୨୬ ମଙ୍ଗଳବାର





# ଆଦିତ୍ୟ ଆଲୁମିନିୟମ ସହାୟତାରେ ମାଛ ଚାଷରେ ଆତ୍ମନିର୍ଭର ହେବେ ମହିଳା

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ମାଛ ଚାଷ ଏକ ଲାଭଜନକ ଚାଷ। ଅଳ୍ପ ପୁଞ୍ଜିରେ ଅଧିକ ଲାଭ ମିଳିପାରିବ। ଏହି ଲକ୍ଷ୍ୟକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।



ସୂଚନା ଅନୁସାରେ, କମ୍ପାନୀର ପ୍ରକଳ୍ପ ଅଞ୍ଚଳର ୫ ଗୋଟି ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ସହିତ ପର୍ଯ୍ୟାୟ କ୍ରମେ ବୈଠକ କରାଯାଇଥିଲା। ବୈଠକ ପରେ ମାଛ ଚାଷ ସହ ଜଡିତ ୧୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୟନ କରାଯାଇଛି । ଏହାପରେ ବ୍ଲକ ଫିସେରୀ ଅଫିସରଙ୍କ ସହ ମିଳିତ ଫିଲ୍ଡ ଭିଜିଟ କରାଯାଇଥିଲା। ଭିଜିଟ ସମୟରେ ଜଣାପଡିଲା ଯେ, ମହିଳାମାନେ ପଞ୍ଚାୟତ ପୋଖରୀ ନିଲାମ ନେଇ ମାଛ ଚାଷ କରୁଛନ୍ତି ଏବଂ ସରକାରୀ ସବସିଡି ପାଇବାକୁ ଯୋଗ୍ୟ ହୋଇପାରୁନାହାଁନ୍ତି, ବୈଷୟିକ ତାଲିମ ଅଭାବରୁ ସଠିକ ପରିମାଣରେ ଜାଆଁଳ ଛାଡିବା, ଦାନା ଦେବା ଓ ପାଣି ଟ୍ରିଟମେଣ୍ଟ କରିପାରୁ ନଥିବାରୁ ଆଶାନୁରୂପ ଲାଭ ପାଇ ପାରୁନାହାଁନ୍ତି।

ଏହି ସମସ୍ୟାକୁ ଦୂର କରିବା ପାଇଁ ବ୍ଲକ ଫିସେରୀ ବିଭାଗର ସହଯୋଗରେ ଆର୍ ଆର୍ କଲୋନୀ, ଲୁଧାପାଲି ଠାରେ ୫୦ ଜଣ ଅଗ୍ରଣୀ ମହିଳା ଚାଷୀଙ୍କୁ ନେଇ ଏକ ସ୍ୱତନ୍ତ୍ର ତାଲିମ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମାଛ ଚାଷର ଆଧୁନିକ ପଦ୍ଧତି ସମ୍ପର୍କରେ ତାଲିମ ଦିଆଯିବା ସହ ସେମାନଙ୍କ ସମସ୍ୟା ଗୁଡିକୁ ଚିହ୍ନଟ କରାଯାଇଥିଲା।

ବର୍ତ୍ତମାନ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସେମାନଙ୍କୁ ସବସିଡି ଯୋଗ୍ୟ କରାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କମ୍ପାନୀ ପକ୍ଷରୁ ପୋଖରୀ ପାଣି ସଫା ପାଇଁ ଚୂନ, ଉନ୍ନତ ମାନର ମାଛ ଜାଆଁଳ, ଦାନା, ଜାଲ, ଟ୍ରେ ଇତ୍ୟାଦି ସହାୟତା ଯୋଗାଇ ଦିଆଯିବ। ଏଥିସହ ଏନଏଫଡିପି ସ୍କିମ, କୋଅପରେଟିଭ ସୋସାଇଟି, ବାୟୋଫ୍ଲକ, ବରଫ କାରଖାନା, ଡ୍ରାଇଙ୍ଗ ମେସିନ ଭଳି ସରକାରୀ ଯୋଜନାକୁ କିପରି ଗାଁ ସ୍ତରରେ କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ବ୍ଲକ ଫିସେରୀ ଅଫିସରଙ୍କ ତତ୍ତ୍ୱାବଧାନରେ ଏକ ସରକାରୀ ସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଆସନ୍ତା ସପ୍ତାହରେ ପ୍ରଥମ ପର୍ଯ୍ୟାୟରେ ଚୂନ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜାଆଁଳ, ଜାଲ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯିବ ବୋଲି ସ୍ଥିର ହୋଇଛି। ଏହି ସହାୟତା ପାଇବା ପରେ ଅଧିକ ଲାଭ ପାଇବେ ବୋଲି ଆଶା ନେଇ ମହିଳା ମହଲରେ ଖୁସିର ବାତାବରଣ ଦେଖାଦେଇଛି।

# ଶ୍ରାବଣ ମାସର ଶେଷ ସୋମବାର:ଜଳଲାଗି ପାଇଁ ଶୈବପୀଠରେ କାଉଡିଆଙ୍କ ଭିଡ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଶ୍ରାବଣ ମାସର ଶେଷ ସୋମବାର। ଶିବଲିଙ୍ଗରେ ଜଳଲାଗି ପାଇଁ ପବିତ୍ର ଜଳାଶୟରୁ ଜଳ ସଂଗ୍ରହ କରିଛନ୍ତି କାଉଡିଆ । ଏବଂ ରାତି ଅଧରୁ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ ଜମିଛି । ବୋଲବମ୍ ଓ ହରହର ବମ୍ ନାରାରେ କମ୍ପୁଛି ବିଭିନ୍ନ ନଦୀଘାଟ ଓ ବିଭିନ୍ନ ଶୈବପୀଠ।

ହିନ୍ଦୁ ଧର୍ମରେ ଶ୍ରାବଣ ମାସ ଏବଂ ସୋମବାର ବ୍ରତର ବିଶେଷ ମହତ୍ତ୍ୱ ରହିଛି। ଦେବ ଦେବ ମହାଦେବଙ୍କୁ ପ୍ରସନ୍ନ କରିବା ପାଇଁ ଆଜିର ଦିନରେ ଭକ୍ତମାନେ ବ୍ରତ ରଖିବା ସହ ପୂଜାର୍ଚ୍ଚନା କରିଥାନ୍ତି। ମାନ୍ୟତା ରହିଛି ଯେ ଏହି ଦିନ ନିଷ୍ଠାର ସହ ଭଗବାନ ଶିବଙ୍କୁ ଆରାଧନା କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ। ଶ୍ରାବଣ ମାସ ଭଗବାନ ଶିବଙ୍କର ଅତ୍ୟନ୍ତ ପ୍ରିୟ ମାସ ବୋଲି ବିବେଚନା କରାଯାଏ। ଏହି ମାସର ପ୍ରତ୍ୟେକ ସୋମବାରରେ ମହାଦେବଙ୍କୁ ଜଳାଭିଷେକ ଏବଂ ରୁଦ୍ରାଭିଷେକ କରିବାର ବିଧାନ ରହିଛି।



ଶିବଲିଙ୍ଗରେ ଜଳଲାଗି ପାଇଁ ଭୁବନେଶ୍ୱରରେ ଲିଙ୍ଗରାଜ, କଟକର ଧବଳେଶ୍ୱର, ଢେଙ୍କାନାଳର କପିଳାସ, ଭଦ୍ରକର ବାବା ଆରଡି, କୋରାପୁଟର ଗୁପ୍ତେଶ୍ୱର, ନୟାଗଡର ଲଡୁବାବା ପରି ପ୍ରମୁଖ ପୀଠଗୁଡିକରେ ଭକ୍ତଙ୍କ ଭିଡ ଜମିଛି । ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ପ୍ରସାଶନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବ୍ୟାରିକେଡ ଦେଇ ଭକ୍ତମାନେ ସୁରୁଖୁରୁରେ କିପରି ଜଳଲାଗି କରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି ।

# ପୁରୀ ରେଳ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ସେବାରେ ପରିବର୍ତ୍ତନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୁରୀ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୫ ଓ ୬ର ଉନ୍ନତିକରଣ କାର୍ଯ୍ୟ ପରିପ୍ରେକ୍ଷୀରେ, ପୂର୍ବତଟ ରେଳପଥ ପକ୍ଷରୁ ୨୫ ଅଗଷ୍ଟ ୨୦୨୬ରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ କେତେକ ଟ୍ରେନ୍‌ର ସେବାରେ ସାମୟିକ ପରିବର୍ତ୍ତନ କରାଯାଇଛି। ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟକୁ ସୁରକ୍ଷିତ ଓ ସୁଗମ ଭାବେ ସମ୍ପାଦନ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। ଟ୍ରେନ୍ ବାତିଲ : ଟ୍ରେନ୍ ନମ୍ବର ୬୮୪୦୯ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବାତିଲ ରହିବ। ଏହାର ଫେରନ୍ତା ଟ୍ରେନ୍ ଟ୍ରେନ୍ ନମ୍ବର ୬୮୪୧୦ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ ମଧ ଏହି ସମୟ ମଧ୍ୟରେ ବାତିଲ ରହିବ। ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପୁରୀ ପରିବର୍ତ୍ତେ ଅନ୍ୟ ଷ୍ଟେସନରେ ଯାତ୍ରା ସମାପ୍ତ କରିବ: ଟ୍ରେନ୍ ନମ୍ବର ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ — ଖୋର୍ଦ୍ଧା ରୋଡ୍‌ରେ ୨୦:୩୦ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୬୮୪୪୧ ଜଳେଶ୍ୱର-ପୁରୀ ଗରଗଟ — ଖୋର୍ଦ୍ଧା ରୋଡ୍‌ରେ ୧୧:୦୫ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୬୮୪୧୩ ତାଳଚେର-ପୁରୀ ମେମୁ — ଖୋର୍ଦ୍ଧା ରୋଡ୍‌ରେ ୧୦:୦୫ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୧୮୦୩୯ ଶାଳିମାର-ପୁରୀ ଏକ୍ସପ୍ରେସ — ଖୋର୍ଦ୍ଧା ରୋଡ୍‌ରେ ୦୪:୫୫ ଘଣ୍ଟାରେ; ଅଗଷ୍ଟ ୩୦, ସେପ୍ଟେମ୍ବର ୬, ୧୩, ୨୦ ଓ ୨୭ ଏବଂ ଅକ୍ଟୋବର ୪, ୧୧, ୧୮ ଓ ୨୫, ୨୦୨୬। ଟ୍ରେନ୍ ନମ୍ବର ୧୮୦୧୭ ଭଞ୍ଜପୁର-ପୁରୀ ଏକ୍ସପ୍ରେସ—ଖୋର୍ଦ୍ଧା ରୋଡ୍‌ରେ ୦୪:୪୦ ଘଣ୍ଟାରେ ; ଅଗଷ୍ଟ ୨୭ ଓ ୨୯; ସେପ୍ଟେମ୍ବର ୩, ୫, ୧୦, ୧୨, ୧୭, ୧୯, ୨୪ ଓ ୨୬; ଏବଂ ଅକ୍ଟୋବର ୧, ୩, ୮, ୧୦, ୧୫ ଓ ୧୭, ୨୦୨୬। ଟ୍ରେନ୍ ନମ୍ବର ୧୮୩୦୩ ସମ୍ବଲପୁର-ପୁରୀ ଏକ୍ସପ୍ରେସ — ସାକ୍ଷୀଗୋପାଳରେ ୧୩:୧୫ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୧୭୪୮୦ ତିରୁପତି-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୧୪:୪୦ ଘଣ୍ଟାରେ; ଅଗଷ୍ଟ ୨୫, ୨୬, ୨୮, ୨୯ ଓ ୩୧; ସେପ୍ଟେମ୍ବର ୧, ୨, ୪, ୫, ୭, ୮, ୯, ୧୧, ୧୨, ୧୪, ୧୫, ୧୬, ୧୮, ୧୯, ୨୧, ୨୨, ୨୩, ୨୫, ୨୬, ୨୮, ୨୯ ଓ ୩୦; ଏବଂ ଅକ୍ଟୋବର ୧, ୩, ୫, ୬, ୭, ୯, ୧୦, ୧୨, ୧୩, ୧୪, ୧୬, ୧୭, ୧୯ ଓ ୨୦, ୨୦୨୬। ଟ୍ରେନ୍ ନମ୍ବର ୨୨୨୦୧ ସିଆଲଦାହ-ପୁରୀ ଦୁରନ୍ତୋ ଏକ୍ସପ୍ରେସ — ମାଳତୀପାଟପୁରରେ ୦୪:୦୦ ଘଣ୍ଟାରେ; ଅଗଷ୍ଟ ୨୬, ୨୮ ଓ ୩୧; ସେପ୍ଟେମ୍ବର ୨, ୪, ୭, ୯, ୧୧, ୧୪, ୧୬, ୧୮, ୨୧, ୨୩, ୨୫, ୨୮ ଓ ୩୦; ଏବଂ ଅକ୍ଟୋବର ୨, ୫, ୭, ୯, ୧୨, ୧୪, ୧୬ ଓ ୧୯, ୨୦୨୬। ଟ୍ରେନ୍ ନମ୍ବର ୧୨୧୪୫ ଲୋକମାନ୍ୟ ତିଳକ ଟର୍ମିନସ୍-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୦୬:୨୫ ଘଣ୍ଟାରେ; ଅଗଷ୍ଟ ୩୦; ସେପ୍ଟେମ୍ବର ୬, ୧୩, ୨୦ ଓ ୨୭; ଏବଂ ଅକ୍ଟୋବର ୪, ୧୧ ଓ ୧୮, ୨୦୨୬। ଟ୍ରେନ୍ ନମ୍ବର ୧୫୬୪୪ କାମାଖ୍ୟା-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୦୭:୩୦ ଘଣ୍ଟାରେ; ଅଗଷ୍ଟ ୨୭; ସେପ୍ଟେମ୍ବର ୩, ୧୦, ୧୭ ଓ ୨୪; ଏବଂ ଅକ୍ଟୋବର ୧, ୮ ଓ ୧୫, ୨୦୨୬। ଟ୍ରେନ୍ ନମ୍ବର ୧୫୬୪୦ କାମାଖ୍ୟା-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୦୨:୪୫ ଘଣ୍ଟାରେ; ଅଗଷ୍ଟ ୩୦; ସେପ୍ଟେମ୍ବର ୬, ୧୩, ୨୦ ଓ ୨୭; ଏବଂ ଅକ୍ଟୋବର ୪, ୧୧ ଓ ୧୮, ୨୦୨୬। ଟ୍ରେନ୍ ନମ୍ବର ୨୦୯୧୭ ଇନ୍ଦୋର ଜଙ୍କସନ୍-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୧୮:୩୦ ଘଣ୍ଟାରେ; ଅଗଷ୍ଟ ୨୫; ସେପ୍ଟେମ୍ବର ୧, ୮, ୧୫, ୨୨ ଓ ୨୯; ଏବଂ ଅକ୍ଟୋବର ୬ ଓ ୧୩, ୨୦୨୬। ଟ୍ରେନ୍ ନମ୍ବର ୨୨୯୦୯ ଭଲସାଡ-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୦୯:୩୦ ଘଣ୍ଟାରେ; ଅଗଷ୍ଟ ୨୭; ସେପ୍ଟେମ୍ବର ୩, ୧୦, ୧୭ ଓ ୨୪; ଏବଂ ଅକ୍ଟୋବର ୧, ୮ ଓ ୧୫, ୨୦୨୬। ଟ୍ରେନ୍ ନମ୍ବର ୨୦୪୭୧ ଶ୍ରୀଗଙ୍ଗାନଗର-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୦୯:୪୦ ଘଣ୍ଟାରେ; ଅଗଷ୍ଟ ୩୦; ସେପ୍ଟେମ୍ବର ୬, ୧୩, ୨୦ ଓ ୨୭; ଏବଂ ଅକ୍ଟୋବର ୪, ୧୧ ଓ ୧୮, ୨୦୨୬। ଟ୍ରେନ୍ ନମ୍ବର ୨୨୯୭୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୦୭:୫୦ ଘଣ୍ଟାରେ; ଅଗଷ୍ଟ ୨୬; ସେପ୍ଟେମ୍ବର ୨, ୯, ୧୬, ୨୩ ଓ ୩୦; ଏବଂ ଅକ୍ଟୋବର ୭ ଓ ୧୪, ୨୦୨୬। ଟ୍ରେନ୍ ନମ୍ବର ୧୨୯୯୩ ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ — ମାଳତୀପାଟପୁରରେ ୧୪:୨୫ ଘଣ୍ଟାରେ; ଅଗଷ୍ଟ ୨୮; ସେପ୍ଟେମ୍ବର ୪, ୧୧, ୧୮ ଓ ୨୫; ଏବଂ ଅକ୍ଟୋବର ୨, ୯ ଓ ୧୬, ୨୦୨୬। ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ପୁରୀ ପରିବର୍ତ୍ତେ ଅନ୍ୟ ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ: ଟ୍ରେନ୍ ନମ୍ବର ୧୮୧୨୬ ପୁରୀ-



ରାଉରକେଲା ଏକ୍ସପ୍ରେସ — ଖୋର୍ଦ୍ଧା ରୋଡ୍‌ରୁ ୦୫:୪୫ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୬୮୪୪୨ ପୁରୀ-ଜଳେଶ୍ୱର ଗରଗଟ — ଖୋର୍ଦ୍ଧା ରୋଡ୍‌ରୁ ୧୩:୪୫ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୧୮୩୦୪ ପୁରୀ-ସମ୍ବଲପୁର ଏକ୍ସପ୍ରେସ — ସାକ୍ଷୀଗୋପାଳରୁ ୧୬:୦୫ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୬୮୪୧୪ ପୁରୀ-ତାଳଚେର ଗରଗଟ — ଖୋର୍ଦ୍ଧା ରୋଡ୍‌ରୁ ୧୮:୧୦ ଘଣ୍ଟାରେ, ୨୫ ଅଗଷ୍ଟରୁ ୨୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ। ଟ୍ରେନ୍ ନମ୍ବର ୧୮୦୪୦ ପୁରୀ-ଶାଳିମାର ଏକ୍ସପ୍ରେସ — ଖୋର୍ଦ୍ଧା ରୋଡ୍‌ରୁ ୦୦:୪୫ ଘଣ୍ଟାରେ; ଅଗଷ୍ଟ ୩୧; ସେପ୍ଟେମ୍ବର ୭, ୧୪, ୨୧ ଓ ୨୮; ଏବଂ ଅକ୍ଟୋବର ୫, ୧୨ ଓ ୧୯, ୨୦୨୬। ଟ୍ରେନ୍ ନମ୍ବର ୧୮୦୧୮ ପୁରୀ-ଭଞ୍ଜପୁର ଏକ୍ସପ୍ରେସ — ଖୋର୍ଦ୍ଧା ରୋଡ୍‌ରୁ ୦୦:୫୦ ଘଣ୍ଟାରେ; ଅଗଷ୍ଟ ୨୮ ଓ ୩୦; ସେପ୍ଟେମ୍ବର ୪, ୬, ୧୧, ୧୩, ୧୮, ୨୦, ୨୫ ଓ ୨୭; ଏବଂ ଅକ୍ଟୋବର ୨, ୪, ୯, ୧୧, ୧୬ ଓ ୧୮, ୨୦୨୬। ଟ୍ରେନ୍ ନମ୍ବର ୧୭୪୭୯ ପୁରୀ-ତିରୁପତି ଏକ୍ସପ୍ରେସ — ମାଳତୀପାଟପୁରରୁ ୧୮:୪୦ ଘଣ୍ଟାରେ; ଅଗଷ୍ଟ ୨୬, ୨୭, ୨୮, ୩୦ ଓ ୩୧; ସେପ୍ଟେମ୍ବର ୨, ୩, ୪, ୬, ୭, ୯, ୧୦, ୧୧, ୧୩, ୧୪, ୧୬, ୧୭, ୧୮, ୨୦, ୨୧, ୨୩, ୨୪, ୨୫, ୨୭, ୨୮ ଓ ୩୦; ଏବଂ ଅକ୍ଟୋବର ୧, ୨, ୪, ୫, ୭, ୮, ୯, ୧୧, ୧୨, ୧୪, ୧୫, ୧୬, ୧୮ ଓ ୧୯, ୨୦୨୬। ଟ୍ରେନ୍ ନମ୍ବର ୨୨୨୦୨ ପୁରୀ-ସିଆଲଦାହ ଦୁରନ୍ତୋ ଏକ୍ସପ୍ରେସ — ମାଳତୀପାଟପୁରରୁ ୧୯:୩୫ ଘଣ୍ଟାରେ; ଅଗଷ୍ଟ ୨୫, ୨୭ ଓ ୨୯; ସେପ୍ଟେମ୍ବର ୧, ୩, ୫, ୮, ୧୦, ୧୨, ୧୫, ୧୭, ୧୯, ୨୨, ୨୪, ୨୬ ଓ ୨୯; ଏବଂ ଅକ୍ଟୋବର ୧, ୩, ୬, ୮, ୧୦, ୧୩, ୧୫, ୧୭ ଓ ୨୦, ୨୦୨୬। ଟ୍ରେନ୍ ନମ୍ବର ୧୨୧୪୬ ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ ଏକ୍ସପ୍ରେସ — ମାଳତୀପାଟପୁରରୁ ୨୧:୫୦ ଘଣ୍ଟାରେ; ଅଗଷ୍ଟ ୨୫; ସେପ୍ଟେମ୍ବର ୧, ୮, ୧୫, ୨୨ ଓ ୨୯; ଏବଂ ଅକ୍ଟୋବର ୬, ୧୩ ଓ ୨୦, ୨୦୨୬। ଟ୍ରେନ୍ ନମ୍ବର ୧୫୬୪୩ ପୁରୀ-କାମାଖ୍ୟା ଏକ୍ସପ୍ରେସ — ମାଳତୀପାଟପୁରରୁ ୨୨:୨୦ ଘଣ୍ଟାରେ; ଅଗଷ୍ଟ ୨୯; ସେପ୍ଟେମ୍ବର ୫, ୧୨, ୧୯ ଓ ୨୬; ଏବଂ ଅକ୍ଟୋବର ୩, ୧୦ ଓ ୧୭, ୨୦୨୬। ଟ୍ରେନ୍ ନମ୍ବର ୧୫୬୩୯ ପୁରୀ-କାମାଖ୍ୟା ଏକ୍ସପ୍ରେସ — ମାଳତୀପାଟପୁରରୁ ୧୫:୦୫ ଘଣ୍ଟାରେ; ଅଗଷ୍ଟ ୨୫; ସେପ୍ଟେମ୍ବର ୧, ୮, ୧୫, ୨୨ ଓ ୨୯; ଏବଂ ଅକ୍ଟୋବର ୬, ୧୩ ଓ ୨୦, ୨୦୨୬। ଟ୍ରେନ୍ ନମ୍ବର ୨୦୯୧୮ ପୁରୀ-ଇନ୍ଦୋର ଜଙ୍କସନ୍ ଏକ୍ସପ୍ରେସ — ମାଳତୀପାଟପୁରରୁ ୦୦:୪୦ ଘଣ୍ଟାରେ; ଅଗଷ୍ଟ ୨୭; ସେପ୍ଟେମ୍ବର ୩, ୧୦, ୧୭ ଓ ୨୪; ଏବଂ ଅକ୍ଟୋବର ୧, ୮ ଓ ୧୫, ୨୦୨୬। ଟ୍ରେନ୍ ନମ୍ବର ୨୨୯୧୦ ପୁରୀ-ଭଲସାଡ ଏକ୍ସପ୍ରେସ — ମାଳତୀପାଟପୁରରୁ ୦୦:୪୦ ଘଣ୍ଟାରେ; ଅଗଷ୍ଟ ୩୦; ସେପ୍ଟେମ୍ବର ୬, ୧୩, ୨୦ ଓ ୨୭; ଏବଂ ଅକ୍ଟୋବର ୪, ୧୧ ଓ ୧୮, ୨୦୨୬। ଟ୍ରେନ୍ ନମ୍ବର ୨୦୪୭୨ ପୁରୀ-ଶ୍ରୀଗଙ୍ଗାନଗର ଏକ୍ସପ୍ରେସ — ମାଳତୀପାଟପୁରରୁ ୦୬:୫୦ ଘଣ୍ଟାରେ; ଅଗଷ୍ଟ ୨୬; ସେପ୍ଟେମ୍ବର ୨, ୯, ୧୬, ୨୩ ଓ ୩୦; ଏବଂ ଅକ୍ଟୋବର ୭ ଓ ୧୪, ୨୦୨୬। ଟ୍ରେନ୍ ନମ୍ବର ୨୨୯୭୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ — ମାଳତୀପାଟପୁରରୁ ୧୧:୨୫ ଘଣ୍ଟାରେ; ଅଗଷ୍ଟ ୨୯; ସେପ୍ଟେମ୍ବର ୫, ୧୨, ୧୯ ଓ ୨୬; ଏବଂ ଅକ୍ଟୋବର ୩, ୧୦ ଓ ୧୭, ୨୦୨୬। ଟ୍ରେନ୍ ନମ୍ବର ୧୨୯୯୪ ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ — ମାଳତୀପାଟପୁରରୁ ୧୯:୫୫ ଘଣ୍ଟାରେ; ଅଗଷ୍ଟ ୩୧; ସେପ୍ଟେମ୍ବର ୭, ୧୪, ୨୧ ଓ ୨୮; ଏବଂ ଅକ୍ଟୋବର ୫, ୧୨ ଓ ୧୯, ୨୦୨୬। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆମ ସାହିତ୍ୟରେ...

କୃତୀ ଗୁଡିକ ମଧ୍ୟ କାଳଖଣ୍ଡକୁ ପଛରେ ପକାଇ ଆଜିବି ସେମାନଙ୍କର ଶ୍ରେଷ୍ଠତାକୁ ବଜାୟ ରଖିଛନ୍ତି । ଏହି ପାଠକୀୟ ରୁଚିଶୀଳତାଟି ମଣିଷ ଜୀବନର ରହସ୍ୟଘନ ଅବବୋଧ, ଶବ୍ଦସଂଭ୍ରମତା, ସାମାଜିକ ଅଙ୍ଗୀକାର ବଦ୍ଧତାକୁ ପାରଦର୍ଶୀ କରାଇବାରେ ଓ ତାହାକୁ ଆନନ୍ଦମୟ ଉପଭୋଗ କରିବାରେ ସମର୍ଥ ହେତୁ ପାଠକଟିଏ ସେହି ଲେଖକଙ୍କ ପ୍ରତି ଲେଶମାତ୍ର ଅବିଚାର କରନ୍ତି ନାହିଁ । ସେଇଥି ପାଇଁ ସେ ସମୟ ଖଣ୍ଡର ସାହିତ୍ୟ ସାଧକମାନଙ୍କର କୃତୀ ଓ କୀର୍ତ୍ତିର ଅମୃତଫଳ ଗରିମାମୟ ହୋଇଥିବାରୁ ବୋଧହୁଏ ଏବର ସାହିତ୍ୟିକର ସୃଷ୍ଟି ସର୍ଜନାକୁ ଅଳିଆ ଗଦାରେ ଫିଙ୍ଗି ଦେବା ସହ ପାଠକୀୟ ଉଦାସୀନତାରେ ବର୍ତ୍ତମାନର ସାହିତ୍ୟ ବିମୁଖତା ଆଣିଦେବାରେ ସକ୍ଷମ ହୋଇଛି । ବିଜ୍ଞ ପାଠକ ବର୍ଗ ବିଗତ ତିନି ଦଶନ୍ଧି ଧରି ସେପରି କୌଣସି ଚିତ୍ତହରଣକାରୀ ସମ୍ବେଦନଶୀଳ ପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟ ରଚନା ପଢି ନାହାନ୍ତି ବୋଲି ମଧ୍ୟ ସ୍ୱୀକାର କରିଛନ୍ତି । ବିଜ୍ଞ ପାଠକଗଣ ଓଡ଼ିଆ ସାହିତ୍ୟ ପଠନରେ ପାଠକୀୟ ବିମୁଖତାକୁ ନେଇ ଯେଉଁ ଚିନ୍ତା ପ୍ରକଟ କରିଛନ୍ତି ତାହା ବାସ୍ତବିକ କ୍ଷେତ୍ରରେ ପ୍ରମାଦ ପୂର୍ଣ୍ଣ ଏକ ଜାତୀୟପୀଡା ବୋଲି ଆମକୁ ସ୍ୱୀକାର କରିବାକୁ ହେବ । ଏହି ପାଠକୀୟ ବିମୁଖତା ପାଇଁ ନିଜେ ସର୍ଜନାମଗ୍ନ ସାହିତ୍ୟକାର ଜଣକ ବିଶେଷ ଭାବରେ ଦାୟୀ । ସାହିତ୍ୟକାର ଜଣକ ସମାଜ ମନସ୍କ ନହୋଇ ନିଜର ଆତ୍ମପ୍ରୌଢି ଓ ବ୍ୟକ୍ତି କୈନ୍ଦ୍ରିକ କୃତୀ ବିକ୍ରୟଧାରୀ ମଧ୍ୟସ୍ଥ ହୋଇ ସମ୍ପଦ ଆହାରଣରେ ଉପଯୋଗ କରିବା ଦ୍ୱାରା ବିଚରା ସାଧାରଣ ପାଠକଟିଏ ସାହିତ୍ୟ ଓ ସାହିତ୍ୟକାର ଠାରୁ ମୁହଁ ଫେରାଇ ନେଇ ଚୁପଚାପ୍ ହୋଇ ରହିବାକୁ ପସନ୍ଦ କରିଛି, ଯାହାର ପ୍ରତିଫଳନ ଏବର ସାହିତ୍ୟ ସଭାମାନଙ୍କରେ ଦେଖିବାକୁ ମିଳିଥାଏ ଯେ, ଉପସ୍ଥିତ ଶ୍ରୋତାମାନଙ୍କ ମଧ୍ୟରେ ନବେ ଶତାଂଶ କେବଳ ଗଳ୍ପ କବିତା ଲେଖୁଥିବା ବ୍ୟକ୍ତିବିଶେଷମାନେ ଅନ୍ୟମନସ୍କ ହୋଇ ବାଧ୍ୟବାଧକତାରେ ବାହାନା କରି ବସି ରହିଥାନ୍ତି । ଅନ୍ୟ ପ୍ରସଙ୍ଗଟି ହେଲା ସାହିତ୍ୟକୁ ଏକ ସହଜ-ସୁଲଭ ନାମକରା ମାଧ୍ୟମ ବିଚାରି ବହୁ ଅଜ୍ଞାତ ତଥା ସାହିତ୍ୟର ବିନ୍ଦୁ ବିସର୍ଗ ଜାଣିନଥିବା ବ୍ୟକ୍ତିମାନେ ଏବେ ପକ୍ଷଧର ସାଜିଛନ୍ତି । ସାହିତ୍ୟ ପ୍ରତି ମନନଶୀଳତା ଓ ପାରଦର୍ଶୀ ଅଧ୍ୟୟନ, ସ୍ୱଚ୍ଛଳ ଦୃଷ୍ଟି ଭଙ୍ଗୀ ଆଦି ବିଶେଷ ଗୁଣଗୁଡିକ ନଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟକାର ହେବା ଆଦୌ ସମ୍ଭବ ନୁହେଁ । ଏହି ଦୁଇଟି କାରଣକୁ ଆଡେଇ ଦେଇ ଏବର ଲେଖକଟି ବହୁ କ୍ଷେତ୍ରରେ ନିଜ ମନଗହନର ଗୋପନ ଅଭିଳାଷ, ଅନ୍ୟପ୍ରତି ଆରୋପ ପ୍ରତ୍ୟାରୋପ ଭଳି ସମାଜ ଅନିଷ୍ଟକାରୀ ତତ୍ତ୍ୱମାନଙ୍କୁ ଲୋକ ଲୋଚନକୁ ଆଣିବା ଫଳରେ ସାହିତ୍ୟ ପ୍ରତି ପାଠକୀୟ ଅଭିରୁଚି ହ୍ରାସ ପାଇଛି !

(ଅବଶିଷ୍ଟାଂଶ ଆରଥରକୁ...)

## ୧୬ ଦୂରାରୋଗ୍ୟ ...

ସଫଳ ସମାଧାନ କରାଯାଇସାରିଛି। ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଜିଲ୍ଲାସ୍ତରରେ ଅନେକ ସମସ୍ୟାର ସମାଧାନ ହୋଇଯାଉଥିବାରୁ ଲୋକଙ୍କୁ ଆଉ ଅଯଥା ହଇରାଣ ହେବାକୁ ପଡୁନାହିଁ। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ଫଳରେ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଭରସା ଓ ଆସ୍ଥା ବହୁଗୁଣିତ ହୋଇଛି। ସବୁଥର ପରି ସୋମବାର ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## କୋରାପୁଟ,...

ଲଗାଣ ବର୍ଷା ଯୋଗୁଁ ନବରଙ୍ଗପୁର ଜିଲ୍ଲାରେ ସ୍ଥିତି ବେହାଲ ହୋଇଛି। ଗତ ଦୁଇ ଦିନ ଧରି ଜିଲ୍ଲାରେ ବର୍ଷାର ପ୍ରକୋପ ଜାରି ରହିଥିବା ବେଳେ ବେହାଲ୍ ହୋଇଛି ଗାଁ ଠୁ ସହର । ସବୁଠି ବର୍ଷା ଜଳ ପ୍ରଳୟର ଦୃଶ୍ୟ । ଅନେକଙ୍କ ମାଟି ଘର ଭାଙ୍ଗିଛି, ଘରେ ଘରେ ବର୍ଷା ଜଳ ପଶି ଯିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଏପରିକି ନବରଙ୍ଗପୁର ସହରର ବିଭିନ୍ନ ସାହି ତଥା ତଳିଆ ଅଞ୍ଚଳର ଅନେକ ଘରେ ପାଣି ପଶିଥିବା ବେଳେ ସହରର ମୁଖ୍ୟ ରାସ୍ତାରେ ମଧ ଲହଡ଼ି ଭାଙ୍ଗୁଛି ବର୍ଷା ଜଳ । ତୁରିନଦୀର ପ୍ରଭାବରେ ପାପଡାହାଣ୍ଡି ନିକଟରେ ଭାରତମାଳା ରାସ୍ତା ମଧ୍ୟ ପାଣିରେ ବୁଡ଼ି ଯାଇଛି । ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଇନ୍ଦ୍ରାବତୀ କଲୋନୀର ଅନେକ ଘରେ ପାଣି ପଶିଥିବା ଅଭିଯୋଗ ହୋଇଛି । ଘର ଭିତରେ ବର୍ଷା ଜଳ ପଶିଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏପଟେ ଇନ୍ଦ୍ରାବତୀର ମୁଖ୍ୟ ରାସ୍ତାରେ ମଧ ଜଳ ଜମି ରହିଛି । ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ଭାବେ ହୋଇନଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ପାପଡାହାଣ୍ଡି ବ୍ଲକରେ ମଧ ବର୍ଷାର ବିଭୀଷିକା ଦେଖିବାକୁ ମିଳିଛି । ସଦର ପାପଡାହାଣ୍ଡି ଠାରେ ଅନେକ ସାହି ସହ ବସଷ୍ଟାଣ୍ଡ ଛକ ନିକଟରେ ପାଣି ଜମିଛି । ଏପରି କି ଅନେକ ଦୋକାନ ଘରେ ମଧ ପାଣି ପଶିଛି । ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ କହିଛନ୍ତି,'ଜିଲ୍ଲାରେ ଗତ ଦୁଇ ଦିନ ହେଲା ଲଗାଣ ବର୍ଷା ଲାଗି ରହିଛି । ପ୍ରଶାସନ ତରଫରୁ ଆବଶ୍ୟକୀୟ ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି ।

## ଶୃଙ୍ଖଳିତ ହେବ...

ଦର୍ଶନ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ବୈଠକରେ ପୁରୀ ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ, ଧାଡ଼ି ଦର୍ଶନ ସମୟରେ ସୁରକ୍ଷା ବ୍ୟବସ୍ଥା ଏବଂ ଭକ୍ତଙ୍କ ଯାତାୟାତକୁ ସୁଗମ କରିବା ନେଇ ଅଧିକାରୀମାନେ ଆଲୋଚନା କରିଥିବା ଜଣାପଡ଼ିଛି। ଧାଡ଼ି ଦର୍ଶନ ବ୍ୟବସ୍ଥାରେ ଭକ୍ତଙ୍କୁ ଯେପରି ଅଯଥା ଅସୁବିଧା ନହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏଥିସହ ଭିଡ଼ ନିୟନ୍ତ୍ରଣ ଓ ଦର୍ଶନ ବ୍ୟବସ୍ଥା ପାଇଁ ଏକ ସ୍ପଷ୍ଟ ଏସ୍‌ଓପି ପ୍ରସ୍ତୁତ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଛି।

## ସରକାରୀ ସେବାରେ...

ମିଳିବ। ତେବେ ସରକାରଙ୍କ ଏହି ଅନଲାଇନ୍ ଅଧିକାରୀ ଧରପଗଡ଼କୁ ବିରୋଧୀ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। ବିଜେଡି କହିଛି ଏହା କେବଳ ସରକାରଙ୍କ ଚକା ଭଉଁରୀ ଖେଳ। କଂଗ୍ରେସ କହିଛି- ଉଦ୍ଦେଶ୍ୟ ଭଲ, ହେଲେ କେମିତି ସଫଳ ହେବ ତାକୁ ନେଇ ପ୍ରଶ୍ନ। ସରକାର କହିଛନ୍ତି ଲୋକଙ୍କୁ ତ୍ୱରିତ ସେବା ଦେବାରେ ଏହା ବଡ଼ ଭୂମିକା ନେବ। ବିଭିନ୍ନ ସାର୍ଟିଫିକେଟ୍ ଠାରୁ ଆରମ୍ଭ କରି ପେନସନ, ବଦଳି, କାମଗୁଡିକ ଅଟୋ ଅପିଲ୍ ମାଧ୍ୟମରେ ସୁରଖୁରରେ ହୋଇ ପାରିବ। ହ୍ୱାଟସଆପ୍ ଚାଟ୍ ବଟରେ ବିଭିନ୍ନ ବିଭାଗର ୧୪୦ ସେବା ଉପଲବ୍ଧ ରହିଛି। ତେବେ ରାଜ୍ୟରେ ପ୍ରଶାସନିକ ପାରଦର୍ଶିତା ସହ ଡିଜିଟାଲ୍ ପ୍ରଶାସନ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲୋକଙ୍କୁ ସରକାରୀ ସେବା ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏହି ପଦକ୍ଷେପ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି।

## ଋଷରେ ପୁଟିନଙ୍କୁ ...

ଋଷର ପ୍ରଥମ ଉପପ୍ରଧାନମନ୍ତ୍ରୀ ଡେନିସ୍ ମାଣ୍ଟୁରୋଭଙ୍କ ସହ ମଧ ବାଣିଜ୍ୟ ଓ ଆର୍ଥିକ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ। ଆଗାମୀ ଏସସିଓ ଶିଖର ସମ୍ମିଳନୀରେ ମୋଦୀ ପୁଟିନଙ୍କୁ ଭେଟିବେ ଏବଂ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ପୁଟିନଙ୍କୁ ଭାରତରେ ସ୍ୱାଗତ କରାଯିବ ବୋଲି ଜୟଶଙ୍କର କହିଛନ୍ତି। ପୁଟିନ୍ ସେପଟେମ୍ବର ୧୨-୧୩ରେ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଭାରତ ଆସିବେ ବୋଲି ଆଶା କରାଯାଉଛି।

## ୫ରେ ସିଜେପିର ...

ସୌରଭ ଦାସ ଏକ୍ସରେ ପ୍ରସ୍ତାବିତ ଶୋଭାଯାତ୍ରା ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ ଓ ସେମାନେ ଜେନ ଜି, ଯୁବ ବିକ୍ଷୋଭକାରୀ ଓ ପ୍ରାଣ ହରାଇଥିବା ଶିକ୍ଷାର୍ଥୀଙ୍କ ସହ ଏପରି ବିଶ୍ୱାସଘାତକୁ ସହିବେ ନାହିଁ ବୋଲି କହିଛନ୍ତି।

# ବାରବାଙ୍କ ଘାଟିରେ ଭୂସ୍ଖଳନ : ଗାଡି ଚଳାଚଳ ବାଧାପ୍ରାପ୍ତ

ଯୋଡା, ନ୍ୟୁଜ ବ୍ୟୁରୋ

ଜାତୀୟ ରାଜପଥରେ ପଡ଼ିଛି ଛୋଟ ବଡ଼ ପଥର ଖଣ୍ଡ । ପ୍ରବଳ ବର୍ଷା ଲାଗି ପାହାଡ ଉପରୁ ଅତଡା ଖସି ୫୨୦ ନମ୍ବର ଜାତୀୟ ରାଜପଥ ଉପରକୁ ମାଡ଼ିଆସିଲା ଛୋଟ ବଡ଼ ପଥର ସହ ମାଟି ଅତଡ଼ା । କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ୫୨୦ ଜାତୀୟ ରାଜପଥ ବାରବାଙ୍କ ଘାଟିରେ ଦେଖିବାକୁ ମିଳିଛି ଏହି ଘଟଣା । ରବିବାର ଅପରାହ୍ନରୁ ଲାଗି ରହିଛି ଲଗାଣ ବର୍ଷା । ପ୍ରବଳ ବର୍ଷା ଯୋଗୁଁ କେନ୍ଦୁଝର ରୁଗୁଡ଼ି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ ନମ୍ବର ବାରବାଙ୍କ ଘାଟିରେ ଭୂସ୍ଖଳନ। ଗତ ରାତିରେ ରାଜପଥରେ ଗୋଟିଏ ପାର୍ଶ୍ୱର ଅଧା ଭାଗରେ ଧସି ପଡ଼ିଛି ମାଟି ଅତଡ଼ା। ଛୋଟ ଏବଂ ବଡ଼ ପଥର ଖଣ୍ଡ ଜାତୀୟ ରାଜପଥ ଉପରେ ପଡ଼ିରହିଛି । ଫଳରେ ଗାଡ଼ି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣା ଏଡ଼ାଇବା ଏବଂ ଟ୍ରାଫିକ୍ ସ୍ୱାଭାବିକ୍ ରଖିବା ପାଇଁ ପୁଲିସ ପକ୍ଷରୁ ତତକ୍ଷଣାତ୍ ପଦକ୍ଷେପ ନିଆଯାଇଛି । ବର୍ତ୍ତମାନ ଅନ୍ୟ ପାଖ ଦୁଇ ଲେନ ରାସ୍ତା ଦେଇ ସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି ଗାଡ଼ି। ବାରବାଙ୍କ ଘାଟି ନାମରେ ନାମିତ ଏହି ରାସ୍ତା ପାର୍ଶ୍ୱରେ ଜଙ୍ଗଲକୁ ନଷ୍ଟ କରି ରାସ୍ତା ନିର୍ମାଣ, ଖଣି ଖନନ ଫଳରେ ମୃତ୍ତିକା ଅବକ୍ଷୟ ହୋଇ ଅତଡ଼ା ଖସିବା ଘଟଣା ଏ ଅଞ୍ଚଳରେ ପ୍ରଥମ। ଏହିପରି ଅନେକ ସ୍ଥାନ ରହିଛି ଯାହା ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ ଅଛି। ଏନଏଚଏଆଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜି ଥିବାନେଇ ସାଧାରଣରେ ଆଲୋଚନା ହେଉଛି ।

# ମନ୍ଦିର ଓ ମଠର ସୁପରିଚାଳନା ହେବ ଅଧିକ ସହଜ : ଆଇନ୍ ମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ ଦେବୋତର ବିଭାଗ ଅଧିନରେ ଅନେକ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନମାନ ରହିଛି । ଏଥି ମଧ୍ୟରୁ ଅନେକ ମନ୍ଦିର ଓ ମଠଗୁଡ଼ିକ ବହୁ ପୁରାତନ ହୋଇଥିବାବେଳେ ଏହାର ପରିଚାଳନା ନେଇ ସ୍ପଷ୍ଟ ନିୟମାବଳୀ ନାହିଁ। ଏହି କ୍ରମରେ ପ୍ରଚଳିତ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତର ଆଇନ ୧୯୫୧ରେ ଆବଶ୍ୟକ ସଂଶୋଧନ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଏବଂ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା। ଏଥି ସହିତ କମିଶନର, ଅତିରିକ୍ତ କମିଶନର ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ଏହି ବୈଠକରେ ଲ'କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତର କମିଶନର ସତ୍ୟ ନାରାୟଣ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ମନ୍ମଥ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସୂଚନା

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, **ବ୍ୟାଙ୍କ ଅଫ ବରୋଦା, ବରଗଡ଼ ଶାଖାର** ଅନୁରୋଧ କ୍ରମେ **ଶ୍ରୀ ପ୍ରବୀଣ କୁମାର ଲାଠ,** ପିତା: କୈଳାଶ ପ୍ରସାଦ ଲାଠଙ୍କ ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ, ଓଡ଼ିଶାକୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି।

ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥ ରହିଥାଏ, ସେମାନେ **୧୦** ଦିନ ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।

ଯଦି, **୧୦** ଦିନ ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ଏନକମ୍ବ୍ରାନ୍‌ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।

**ସମ୍ପତ୍ତିର ବିବରଣୀ** (ସର୍ଭେ ନଂ./ପରିମାଣ/ଚାରିପାର୍ଶ୍ୱ ସହିତ) **ଶ୍ରୀ ପ୍ରବୀଣ କୁମାର ଲାଠଙ୍କ** ନାମରେ ଥିବା ସମ୍ପତ୍ତି ଯାହାକି ଖାତା ନଂ.: ୧୭୫, ପ୍ଲଟ୍ ନଂ.: ୧୫୩୭, କ୍ଷେତ୍ର: ଏକର ୦.୪୨୭୫ ଡିସିମିଲି, କିସମ: ଘରବାରୀ, ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ ଓଡ଼ିଶା-୭୬୮୦୨୮, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାଲାଜୀ ସିଟି ରୋଡ, ପଶ୍ଚିମ: ବିକାଶ କୁମାର ଲାଠଙ୍କ ପ୍ଲଟ, ଉତ୍ତର: ସିତା ଦେବୀ ଲାଠଙ୍କ ପ୍ଲଟ, ଦକ୍ଷିଣ: ଗୌରୀ ଶଙ୍କର ଶର୍ମାଙ୍କ ପ୍ଲଟ। **ଶାଖା: ବ୍ୟାଙ୍କ ଅଫ୍ ବରୋଦା, ବରଗଡ ମୁଖ୍ୟ ଶାଖା, ଭଟ୍ଲି ଛକ, ଯୋଗାଯୋଗ ନଂ.: ୭୭୫୨୦୫୦୮୨୪, ଆଡଭୋକେଟ: ଅଙ୍କୁର ଜିନ୍ଦଲ, ମୋ.: ୯୮୧୦୯୭୪୫୬୫ଙ୍କ ସହ ଯୋଗାଯୋଗ କରନ୍ତୁ।**

## ସୂଚନା

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, **ବ୍ୟାଙ୍କ ଅଫ ବରୋଦା, ବରଗଡ଼ ଶାଖାର** ଅନୁରୋଧ କ୍ରମେ **ଶ୍ରୀମତୀ ସୀତା ଦେବୀ ଲାଠ,** ସ୍ୱାମୀ: କୈଳାଶ ଲାଠଙ୍କ ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ, ଓଡ଼ିଶାକୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି।

ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥ ରହିଥାଏ, ସେମାନେ **୧୦** ଦିନ ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।

ଯଦି, **୧୦** ଦିନ ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ଏନକମ୍ବ୍ରାନ୍‌ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।

**ସମ୍ପତ୍ତିର ବିବରଣୀ** (ସର୍ଭେ ନଂ./ପରିମାଣ/ଚାରିପାର୍ଶ୍ୱ ସହିତ) **ଶ୍ରୀମତୀ ସିତା ଦେବୀ ଲାଠଙ୍କ** ନାମରେ ଥିବା ସମ୍ପତ୍ତି ଯାହାକି ଖାତା ନଂ.: ୩୫୬, ପ୍ଲଟ୍ ନଂ.: ୧୫୩୪, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ଏବଂ ଖାତା ନଂ.: ୩୫୬, ପ୍ଲଟ୍ ନଂ.: ୧୫୩୫, କ୍ଷେତ୍ର: ଏକର ୦.୨୧୦ ଡିସିମିଲି, କିସମ: ଘରବାରୀ, ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ ଓଡ଼ିଶା-୭୬୮୦୨୮, ଏହାର ଚାରିପାର୍ଶ୍ୱରେ ପୂର୍ବ: ଜୟପ୍ରକାଶ ଅଗ୍ରୱାଲଙ୍କ ପ୍ଲଟ୍, ପଶ୍ଚିମ: ଭାଷ୍କରଦେବ ଡୋରାଙ୍କ ପ୍ଲଟ୍, ଉତ୍ତର: ଜାତୀୟ ରାଜପଥ:୦୬, ଦକ୍ଷିଣ: ବିକାଶ କୁମାର ଲାଠଙ୍କ ପ୍ଲଟ। **ଶାଖା: ବ୍ୟାଙ୍କ ଅଫ୍ ବରୋଦା, ବରଗଡ ମୁଖ୍ୟ ଶାଖା, ଭଟ୍ଲି ଛକ, ଯୋଗାଯୋଗ ନଂ.: ୭୭୫୨୦୫୦୮୨୪, ଆଡଭୋକେଟ: ଅଙ୍କୁର ଜିନ୍ଦଲ, ମୋ.: ୯୮୧୦୯୭୪୫୬୫ଙ୍କ ସହ ଯୋଗାଯୋଗ କରନ୍ତୁ।**

## ସୂଚନା

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, **ବ୍ୟାଙ୍କ ଅଫ ବରୋଦା, ବରଗଡ଼ ଶାଖାର** ଅନୁରୋଧ କ୍ରମେ **ଶ୍ରୀ ବିକାଶ କୁମାର ଲାଠ, ପିତା: କୈଳାଶ ପ୍ରସାଦ ଲାଠ ଏବଂ ଶ୍ରୀ କୈଳାଶ ପ୍ରସାଦ ଲାଠ, ପିତା: ଗଙ୍ଗା ପ୍ରସାଦ ଲାଠଙ୍କ** ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ, ଓଡ଼ିଶାକୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି।

ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥ ରହିଥାଏ, ସେମାନେ **୧୦** ଦିନ ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।

ଯଦି, **୧୦** ଦିନ ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ଏନକମ୍ବ୍ରାନ୍‌ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।

**ସମ୍ପତ୍ତିର ବିବରଣୀ** (ସର୍ଭେ ନଂ./ପରିମାଣ/ଚାରିପାର୍ଶ୍ୱ ସହିତ) **ବିକାଶ କୁମାର ଲାଠଙ୍କ** ନାମରେ ଥିବା ସମ୍ପତ୍ତି ଯାହାକି ଖାତା ନଂ.: ୩୮୬/୧୫୨୨, ପ୍ଲଟ୍ ନଂ.: ୧୩୩୫/୩୧୩୬, କ୍ଷେତ୍ର: ଏକର ୧.୨୮୦ ଡିସିମିଲି, କିସମ: ଘରବାରୀ, ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକାଶ କୁମାର ଲାଠ ଏବଂ ସିତା ଦେବୀ ଲାଠଙ୍କ ପ୍ଲଟ, ପଶ୍ଚିମ: ରାଜେଶ ଲାଠଙ୍କ ଜମି, ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୧୩୩୫, ଦକ୍ଷିଣ: ବିକାଶ କୁମାର ଲାଠଙ୍କ ଜମି। **ଶାଖା: ବ୍ୟାଙ୍କ ଅଫ୍ ବରୋଦା, ବରଗଡ ମୁଖ୍ୟ ଶାଖା, ଭଟ୍ଲି ଛକ, ଯୋଗାଯୋଗ ନଂ.: ୭୭୫୨୦୫୦୮୨୪, ଆଡଭୋକେଟ: ଅଙ୍କୁର ଜିନ୍ଦଲ, ମୋ.: ୯୮୧୦୯୭୪୫୬୫ଙ୍କ ସହ ଯୋଗାଯୋଗ କରନ୍ତୁ।**

## ସୂଚନା

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏହା ଅବଗତ କରାଇ ଦିଆଯାଉଅଛି ଯେ, **ବ୍ୟାଙ୍କ ଅଫ ବରୋଦା, ବରଗଡ଼ ଶାଖାର** ଅନୁରୋଧ କ୍ରମେ **ଶ୍ରୀ ବିକାଶ କୁମାର ଲାଠ, ପିତା: କୈଳାଶ ପ୍ରସାଦ ଲାଠ ଏବଂ ଶ୍ରୀମତୀ ସୀତା ଦେବୀ ଲାଠ, ସ୍ୱାମୀ: ଶ୍ରୀ କୈଳାଶ ପ୍ରସାଦ ଲାଠଙ୍କ** ନାମରେ ଥିବା ନିମ୍ନଲିଖିତ ସମ୍ପତ୍ତି: ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ, ଓଡ଼ିଶାକୁ ଋଣ ସୁବିଧା ପାଇଁ ବନ୍ଧକ ହିସାବରେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରିଅଛି।

ଯଦି କାହାର ନିମ୍ନ ଦର୍ଶିତ ସମ୍ପତ୍ତି ଉପରେ କୌଣସି ପ୍ରକାରର ମାଲିକାନା/ଅଧିକାର/ଦାବି/ସ୍ୱାର୍ଥ ରହିଥାଏ, ସେମାନେ **୧୦** ଦିନ ମଧ୍ୟରେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ନିଜ ଦାବିକୁ ପ୍ରମାଣିତ କରିବା ନିମନ୍ତେ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।

ଯଦି, **୧୦** ଦିନ ମଧ୍ୟରେ କୌଣସି ଉତ୍ତର ନମିଳେ ତେବେ ଏହା ଅନୁମାନ କରାଯିବ ଯେ ଏହି ସମ୍ପତ୍ତି ଉପରେ କାହାର କୌଣସି ପ୍ରକାରର ଅଧିକାର/ଦାବି/ଏନକମ୍ବ୍ରାନ୍‌ସେସ୍ ନାହିଁ ଏବଂ ବ୍ୟାଙ୍କ ଏହି ବନ୍ଧକ ଉପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ।

**ସମ୍ପତ୍ତିର ବିବରଣୀ** (ସର୍ଭେ ନଂ./ପରିମାଣ/ଚାରିପାର୍ଶ୍ୱ ସହିତ) **ବିକାଶ କୁମାର ଲାଠଙ୍କ** ନାମରେ ଥିବା ସମ୍ପତ୍ତି ଯାହାକି ଖାତା ନଂ.: ୨୧୫, ପ୍ଲଟ୍ ନଂ.: ୧୫୩୬, କ୍ଷେତ୍ର: ଏକର ୦.୫୧ ଡିସିମିଲି, କିସମ: ଘରବାରୀ, ମୌଜା: ବ୍ରହ୍ମଚାରୀ, ଥାନା ନଂ.: ୩୪, ଥାନା/ତହସିଲ/ଜିଲ୍ଲା: ବରଗଡ ଓଡ଼ିଶା-୭୬୮୦୨୮, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ରବୀଣ କୁମାର ଲାଠଙ୍କ ଜମି, ପଶ୍ଚିମ: ଡୋଲାମଣୀ ଡୋରାଙ୍କ ପ୍ଲଟ୍, ଉତ୍ତର: ସୀତା ଦେବୀ ଲାଠଙ୍କ ପ୍ଲଟ୍ ନଂ.: ୧୩୩୫/୩୧୩୬, ଦକ୍ଷିଣ: ଗୌରୀ ଶଙ୍କର ଶର୍ମାଙ୍କ ପ୍ଲଟ୍ । **ଶାଖା: ବ୍ୟାଙ୍କ ଅଫ୍ ବରୋଦା, ବରଗଡ ଶାଖା, ବରଗଡ ମୁଖ୍ୟ ଶାଖା, ଭଟ୍ଲି ଛକ, ଯୋଗାଯୋଗ ନଂ.: ୭୭୫୨୦୫୦୮୨୪, ଆଡଭୋକେଟ: ଅଙ୍କୁର ଜିନ୍ଦଲ, ମୋ.: ୯୮୧୦୯୭୪୫୬୫ଙ୍କ ସହ ଯୋଗାଯୋଗ କରନ୍ତୁ।**

ଭୁବନେଶ୍ୱର, ୨୫ ଅଗଷ୍ଟ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ୨୮ରେ ରକ୍ଷାବନ୍ଧନ ନୀତି : ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହେଉଛି ବିଶାଳ ପାଟରାକ୍ଷୀ



**ପୁରୀ, ୨୪/୦୮ ନ୍ୟୁଜ ବ୍ୟୁରୋ**
ଆସନ୍ତା ୨୮ ତାରିଖ (ଶୁକ୍ରବାର)ରେ ଶ୍ରୀମନ୍ଦିରରେ ପାଳିତ ହେବ ଗହ୍ମା ପୂର୍ଣ୍ଣିମା, ରକ୍ଷାବନ୍ଧନ ଓ ବଳଭଦ୍ର ଜନ୍ମ ନୀତି। ଏଥିପାଇଁ ଶ୍ରୀଜୀଉଙ୍କ ପାଇଁ ପ୍ରସ୍ତୁତ ହେଉଛି ସ୍ୱତନ୍ତ୍ର ପାଟରାକ୍ଷୀ। ଶ୍ରୀମନ୍ଦିରର ପାଟରା ବିଶୋୟୀ ସେବାୟତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ରଙ୍କ ପାଇଁ ୪ଟି ରାଖି ସହ ୪ଟି ଗୁଆମାଳ ପ୍ରସ୍ତୁତ କରୁଛନ୍ତି। ବାସୁଙ୍ଗା ପାଟରେ ଏହି ସ୍ୱତନ୍ତ୍ର ରାକ୍ଷୀ ପ୍ରସ୍ତୁତ ହେଉଛି । ଶ୍ରୀଜଗନ୍ନାଥଙ୍କ ପାଇଁ ହଳଦିଆ ଓ ନାଲି ରଙ୍ଗର ରାକ୍ଷୀ ଏବଂ ବଳଭଦ୍ରଙ୍କ ପାଇଁ ନୀଳ ଓ ବାଇଗଣୀ ରଙ୍ଗର ରାକ୍ଷୀ ପ୍ରସ୍ତୁତ କରାଯାଉଛି । ପ୍ରତ୍ୟେକ ଗୁଆମାଳରେ ୫୪ଟି ଲେଖାଏଁ ଗୁଆ ରହିବ। ପରମ୍ପରା ଅନୁଯାୟୀ, ଗହ୍ମା ପୂର୍ଣ୍ଣିମା ଅବସରରେ ଭଉଣୀ ସୁଭଦ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ଶ୍ରୀବଳଭଦ୍ରଙ୍କୁ ରାକ୍ଷୀ ବାନ୍ଧିଥାନ୍ତି । ଏହି ପରମ୍ପରାକୁ ନେଇ ଶ୍ରୀମନ୍ଦିରରେ ପ୍ରସ୍ତୁତି ଜୋରଦାର ହୋଇଛି । ରକ୍ଷାବନ୍ଧନ ତିଥିକୁ ନେଇ ରହିଥିବା ଦ୍ୱନ୍ଦ୍ୱ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ୨୮ ତାରିଖରେ ନୀତି ପାଳନ ହେବ ବୋଲି ସ୍ପଷ୍ଟ କରିଛି । ୨୮ ତାରିଖ ସୂର୍ଯ୍ୟୋଦୟ ସମୟରେ ପୂର୍ଣ୍ଣିମା ତିଥି ରହୁଥିବାରୁ ଶ୍ରୀମନ୍ଦିରରେ ସେହିଦିନ ପର୍ବ ପାଳନ କରାଯିବ। ଅନ୍ୟପଟେ, ୨୭ ତାରିଖରେ ଦିନତମାମ ପୂର୍ଣ୍ଣିମା ତିଥି ରହୁଥିବାରୁ ସାଧାରଣ ଲୋକେ ସେହିଦିନ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନ ପାଳନ କରିପାରିବେ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ କୁହାଯାଇଛି । ତେବେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ସହ ଗହ୍ମା ପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ ନୀତି ୨୮ ତାରିଖରେ ହିଁ ପାଳନ ହେବ।





ଭୁବନେଶ୍ୱର : ରମେଶ ପାଣିଙ୍କ ବିଜେବି ନଗର ସ୍ଥିତ ଘର ଛାତ ଉପରେ ଫୁଟିଥିବା ସୁନ୍ଦର ଫୁଲ ଗୁଡିକର ସମ୍ଭାର। (ଫଟୋ : ସମ୍ବାଦ କଳିକା)

# ରାଜ୍ୟପାଳଙ୍କୁ ଭେଟିଲେ ମାଉଣ୍ଟ ୟୁନାମ ଆରୋହଣକାରୀ ମହିଳା ଦଳ



**ଭୁବନେଶ୍ୱର, ୨୪/୦୮ ନ୍ୟୁଜ ବ୍ୟୁରୋ**
ହିମାଚଳ ପ୍ରଦେଶର ୬,୧୧୧ ମିଟର ଉଚ୍ଚ ମାଉଣ୍ଟ ୟୁନାମ ଶୃଙ୍ଗ ସଫଳତାର ସହ ଆରୋହଣ କରିଥିବା ଓଡ଼ିଶାର ମହିଳା ପର୍ବତାରୋହୀ ଦଳ ସୋମବାର ଦିନ ଲୋକ ଭବନରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଦଳର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କୁ ରାଜ୍ୟପାଳ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଅଭିଯାନ ସମୟରେ ସେମାନେ ସାମ୍ନା କରିଥିବା ଆହ୍ୱାନ ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଦଳର ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ମାଉଣ୍ଟ ୟୁନାମ ଶୃଙ୍ଗରେ ପହଞ୍ଚିବାରେ ସଫଳ ହୋଇଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ୬ ଜଣଙ୍କୁ ମଝିରୁ ଫେରିବାକୁ ପଡ଼ିଥିଲା। ଏହି ସଫଳତା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟପାଳ କହିବା ସହ ଏହା ଅଧିକ ମହିଳାଙ୍କୁ ପର୍ବତାରୋହଣ ଓ ଅନ୍ୟାନ୍ୟ ଦୁଃସାହସିକ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଦଳର ସଦସ୍ୟମାନଙ୍କ ଦୃଢ଼ ସଙ୍କଳ୍ପ, ସାହସ ଓ ଉତ୍ସାହକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଆସୋସିଏସନ ଫର ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍‌ର ଉପସଭାପତି ହରେଶ କୁମାର ମିଶ୍ର ଏବଂ ସଂଘର ସମ୍ପାଦକ ତଥା ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା ମଧ୍ୟ ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରିବା ନିନ୍ଦନୀୟ : ବିଜେଡି

**ଭୁବନେଶ୍ୱର, ୨୪/୦୮ ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରିଛନ୍ତି। ଯାହାକୁ ନେଇ ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ବିଜେପି ସରକାର ଉପରେ ବର୍ଷିଛନ୍ତି । ଶ୍ରୀ ମିଶ୍ର କହିଥିଲେ ଯେ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥାକୁ ଲିଜ୍ ସୂତ୍ରରେ ଦେବାକୁ କେନ୍ଦ୍ରର ବିଜେପି ସରକାର ଅନୁମୋଦନ



କରିଛନ୍ତି । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସହିତ କର୍ଣ୍ଣାଟକର ହୁବଲି ବିମାନବନ୍ଦରକୁ ଯୋଡି ପିପିପି ମୋଡ୍‌ରେ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦରକୁ ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରିବା ଅତ୍ୟନ୍ତ ନିନ୍ଦନୀୟ। ଯେଉଁ ସରକାରୀ ସଂସ୍ଥାର ଲାଭ ହୋଇନଥାଏ, ତାହାକୁ ଘରୋଇ ସଂସ୍ଥାକୁ ଲିଜ୍ ପ୍ରଦାନ କରାଯାଇଥାଏ। କିନ୍ତୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଭାରତର ଏକ ଲାଭନ୍ୱିତ ବିମାନ ବନ୍ଦର । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ୫୦୦୦ରୁ ୭୦୦୦କୋଟି ଟଙ୍କାର ହେବ । ଉକ୍ତ ବିମାନ ବନ୍ଦର ଦ୍ୱାରା ବର୍ଷକୁ ପ୍ରାୟ ୫୦ ଲକ୍ଷ ଲୋକେ ଗମନାଗମନ କରିଥାଆନ୍ତି । ୨୦୨୨-୨୩ରେ ଉକ୍ତ ବିମାନ ବନ୍ଦରରୁ କେନ୍ଦ୍ର ସରକାର ୨୩୮କୋଟି ଟଙ୍କାର ଲାଭ ପାଇଥିଲେ। ଆଗକୁ ଏହା ପ୍ରାୟ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଲାଭ ପ୍ରଦାନ କରିବ । ଏହାର ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନେକ ଯୋଗଦାନ ରହିଛି । କିନ୍ତୁ ତାହାକୁ ୫୦ ବର୍ଷ ପାଇଁ ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରିବା ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଉନ୍ନତିକରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ସହ ଅଧିକ ଟର୍ମିନାଲ ନିର୍ମାଣ କରିବାର ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ବିମାନ ବନ୍ଦରର ଉନ୍ନତି ନିମନ୍ତେ ଟଙ୍କା ବିନିଯୋଗ କଲେ ଆହୁରି ଲାଭାନ୍ୱିତ ହେବେ। ତେବେ ତାହା ନକରି ଏକ ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରି ବିମାନବନ୍ଦରକୁ ଲିଜ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ କାହା ସ୍ୱାର୍ଥରେ ବିମାନ ବନ୍ଦର ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରୁଛନ୍ତି ? କେନ୍ଦ୍ର ବିଜେପି ସରକାର ତୁରନ୍ତ ଏହି ଆଦେଶକୁ ରଦ୍ଦ କରନ୍ତୁ । ନଚେତ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ବିଜୁ ଜନତା ଦଳ ଜୋରଦାର ଆନ୍ଦୋଳନ କରିବ।

# ୧୮ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ : ମହିଳା ଗିରଫ




**ନୀଳଗିରି, ୨୪/୦୮ ନ୍ୟୁଜ ବ୍ୟୁରୋ**
ପୁଣି ବାଲେଶ୍ୱର ଜିଲ୍ଲାରୁ ଆସିଲା ବ୍ରାଉନସୁଗାର କାରବାର ଘଟଣା । ନୀଳଗିରି ଅବକାରୀ ବିଭାଗର ବଡ଼ ସଫଳତା । ଚଢ଼ଉ ବେଳେ ୧୮୦ ଗ୍ରାମ୍ ବ୍ରାଉନସୁଗାର ସହ ଜଣେ ମହିଳାଙ୍କୁ ଗିରଫ କରାଯାଇଛି । ଗିରଫ ମହିଳା ଜଣକ ହେଲେ ମିନତୀ ମଲ୍ଲିକ । ତେବେ ଜବତ ହୋଇଥିବା ବ୍ରାଉନସୁଗାରର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ବ୍ରାଉନସୁଗାର ବେପାର ଚାଲିଥିବା ସମ୍ପର୍କରେ ଅବକାରୀ ବିଭାଗ କୌଣସି ବିଶେଷ ସୂତ୍ରରୁ ଖବର ପାଇବା ପରେ ଚଢ଼ଉ କରିଥିଲା। ଔପଦା ବ୍ଲକ ଦକ୍ଷିଣନରସିଂହପୁର ଅଞ୍ଚଳରେ ଏହି ଚଢ଼ଉ କରାଯାଇଥିଲା । ମହିଳା ଜଣକ ଭୟରେ ଦୌଡ଼ି ପଳାଉଥିବାବେଳେ ସନ୍ଦେହ ହେବାରୁ ତାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୪/୦୮/୨୦୨୬
୬,୭୩,୪୧୩/- ଟଙ୍କା
ସୁନା:- ୦୦ ଗ୍ରାମ୍ ୫୩୦ମିଲିଗ୍ରାମ
ରୂପା:-୨୮ ଗ୍ରାମ୍ ୭୯୦ମିଲିଗ୍ରାମ୍

## ଓଡ଼ିଶା ଅର୍ବାନ୍ କନକ୍ଲେଭ-୨୦୨୬

# ସହରୀ ବିକାଶ, ନାଗରିକ ସେବା ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୪।୮ ନ୍ୟୁଜ ବ୍ୟୁରୋ**
ରାଜ୍ୟର ସହରାଞ୍ଚଳରେ ସୁଶାସନ, ଯୋଜନାବଦ୍ଧ ବିକାଶ ଓ ଉନ୍ନତ ନାଗରିକ ସେବାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନଭେନସନ୍ ସେଣ୍ଟର ଅଡିଟୋରିୟମରେ 'ଓଡ଼ିଶା ଅର୍ବାନ୍ କନକ୍ଲେଭ-୨୦୨୬' ଅନୁଷ୍ଠିତ ହୋଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମୀକ୍ଷା ଓ ଦିଗଦର୍ଶନ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କାର୍ଯ୍ୟଧାରା ସମୀକ୍ଷା କରାଯିବା ସହ ଭବିଷ୍ୟତର ପ୍ରାଥମିକତା ଉପରେ ଆଲୋଚନା ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ବିଶେଷଜ୍ଞଙ୍କ ସହଯୋଗରେ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଓ ଜଳର ପୁନଃବ୍ୟବହାର ଉପରେ କାର୍ଯ୍ୟ କରାଯାଉଛି। 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଓ ବିଏମ୍ଏୱାଇ ୨.୦ ଅଧୀନରେ ଗରିବ ଏବଂ ଭୂମିହୀନଙ୍କ ପାଇଁ ଗୃହ ନିର୍ମାଣ, ଟାଉନ୍




ପ୍ଲାନିଂ ସ୍କିମ୍ ଓ ୨୪/୭ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରାଯାଉଛି। ଏହି ଅଧିବେଶନରେ ଭିତ୍ତିଭୂମି ବିକାଶ, ସମୃଦ୍ଧ ସହରର ଯୋଜନା ଓ କାର୍ଯ୍ୟଦକ୍ଷତା ଉପରେ ଅତିରିକ୍ତ ଶାସନ ସଚିବ ଉଷା ପାଢୀ ବିଭାଗ ପକ୍ଷରୁ ଉପସ୍ଥାପନ କରିଥିଲେ। କନକ୍ଲେଭରେ ସହରୀ ଭିତ୍ତିଭୂମି, ବଜେଟ୍ ଓ ଆର୍ଥିକ ପରିଚାଳନା, ରାଜସ୍ୱ ବୃଦ୍ଧି, ବ୍ୟୟ ବିଶ୍ଳେଷଣ ଏବଂ କମ୍ ପ୍ରଦର୍ଶନ କରୁଥିବା ପୌରସଂସ୍ଥାଗୁଡ଼ିକର କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ଟାୟାର-୨ ଓ ଟାୟାର-୩ ସହର ପାଇଁ ଟାଉନ୍ ପ୍ଲାନିଂ, ଅର୍ବାନ୍ ଚ୍ୟାଲେଞ୍ଜ ଫଣ୍ଡ ଓ ଭିତ୍ତିଭୂମି ବିକାଶ ଉପରେ ମଧ୍ୟ ଆଲୋଚନା ହୋଇଛି। ଏଥିସହ ପଥଚାରୀ ଅନୁକୂଳ ରାସ୍ତା, କ୍ଲଷ୍ଟର ଅଧୀନରେ 'ଆମ ବସ୍' ସେବାର ସମ୍ପ୍ରସାରଣ, ଏଏମ୍ଆରୟୁଟି ୨.୦ ଅଧୀନରେ ଜଳାଶୟ ପୁନରୁଦ୍ଧାର, ବନ୍ୟା ନିୟନ୍ତ୍ରଣ ଓ ଉତ୍ତମ ଗଣପରିବହନ ଉପରେ ଗୁରୁତ୍ୱ ଦିଆଯାଇଛି। ପିଏମ୍ ସ୍ୱନିଧି, ସହରୀ ଗୃହହୀନଙ୍କ ପାଇଁ ଆଶ୍ରୟସ୍ଥଳ ଓ ଆହାର ଭଳି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ମଧ୍ୟ ସମୀକ୍ଷା ହୋଇଛି। ଏଥିସହ ସହରରେ ବନ୍ୟା ନିୟନ୍ତ୍ରଣ, ପ୍ରକଳ୍ପର ଆନୁମାନିକ ଖର୍ଚ୍ଚ ଓ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି ନେଇ ବୈଷୟିକ ଆଲୋଚନା ହୋଇଥିଲା ଓ ପିଏମ୍ ସ୍ୱନିଧି, ସହରୀ ଗୃହହୀନଙ୍କ ପାଇଁ ଆଶ୍ରୟସ୍ଥଳ, ସହାୟତା ଓ ସହଯୋଗ ଏବଂ ଆହାର ଭଳି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ସ୍ୱଚ୍ଛତା, ବ୍ୟବହୃତ ଜଳ ପରିଚାଳନା ଓ ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ କଲ୍ୟାଣକୁ ମଧ୍ୟ ପ୍ରାଥମିକତା ଦିଆଯାଇଛି। ସମଗ୍ର ଭାବେ ଯୋଜନାବଦ୍ଧ ସହରୀକରଣ, ଦକ୍ଷ ନଗର ପ୍ରଶାସନ, ଉନ୍ନତ ଭିତ୍ତିଭୂମି, ଗୃହ ଓ ଗଣପରିବହନ ମାଧ୍ୟମରେ ଓଡ଼ିଶାର ସହରଗୁଡ଼ିକୁ ଅଧିକ ସ୍ୱଚ୍ଛ, ସୁନ୍ଦର, ସୁସ୍ଥ ଓ ନାଗରିକ-ଅନୁକୂଳ କରିବା ଦିଗରେ କନକ୍ଲେଭଟି ଗୁରୁତ୍ୱପୂର୍ଣ୍ଣ ଦିଗଦର୍ଶନ ଦେଇଛି।

# ନିଶ୍ଚିନ୍ତକୋଇଲିରେ ପୁଣି ମହିଳାଙ୍କୁ ଗଣଦୁଷ୍କର୍ମ

## ଅଚେତ ଅବସ୍ଥାରେ ଉଦ୍ଧାର

**ନିଶ୍ଚିନ୍ତକୋଇଲି, ୨୪/୦୮ ନ୍ୟୁଜ ବ୍ୟୁରୋ**
ନିଶ୍ଚିନ୍ତକୋଇଲିରେ ପୁଣି ଲଜ୍ଜା । ନିଶ୍ଚିନ୍ତକୋଇଲି ବଜାର ୮ନଂ କେନାଲ ପାର୍ଶ୍ୱରେ ଥିବା ଏକ ବିଦେଶୀ ମଦ ଦୋକାନ ନିକଟରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି । ମହିଳାଙ୍କୁ ଅଚେତ ଅବସ୍ଥାରେ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି। ସୂଚନା ଅନୁଯାୟୀ, ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତର ଜଣେ ମହିଳା କୌଣସି କାମରେ ନିଶ୍ଚିନ୍ତକୋଇଲି ବଜାରକୁ ଆସିଥିଲେ। ସ୍ଥାନୀୟ ୮ନଂ କେନାଲ ପାର୍ଶ୍ୱରେ ଥିବା ବିଦେଶୀ ମଦ ଦୋକାନ ନିକଟରେ ୪ ଜଣ ବ୍ୟକ୍ତି ମହିଳାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ । ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି, ସାଲେପୁର ଏସ୍‌ଡିପିଓ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ମହିଳାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କିଛି ଦିନ ତଳେ ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ସୁକରପଡ଼ା ଠାରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ପୁଲିସ୍ ଏହି ଘଟଣାରେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାକୁ ଦିନ କେଇଟା ନପୂରୁଣୁ ସ୍ଥାନୀୟ ଅଞ୍ଚଳରେ ଆଉ ଏକ ଗଣଦୁଷ୍କର୍ମ ଘଟଣା ଘଟିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କ୍ୟାପିଟାଲ ହସ୍ପିଟାଲ ଏମ୍‌ସିଏଚ୍ ଖଟ ଅଭାବ : ତଳେ ଛଟପଟ ହେଉଛନ୍ତି ଗର୍ଭବତୀ



**ଭୁବନେଶ୍ୱର,୨୪/୦୮ ନ୍ୟୁଜ ବ୍ୟୁରୋ**
ନୟାଗଡ଼ର କାମିନୀ ସାହୁ (ଛଦ୍ମନାମ)। ୧୫ଦିନ ତଳେ ପ୍ରସବ ପାଇଁ ସେ କ୍ୟାପିଟାଲ ହସ୍ପିଟାଲକୁ ଆସିଥିଲେ । ସେଠାରେ ତାଙ୍କୁ ଶଯ୍ୟା ମିଳିନଥିଲା। ଯନ୍ତ୍ରଣା ଧୀରେଧୀରେ ହେଉଥିବା ବେଳେ ସେ ଠିକ୍ ଭାବରେ ଠିଆ ହୋଇପାରୁନଥିଲେ । ତାଙ୍କ ପରିବାର ଲୋକ ଅନେକ କହିବା ପରେ ମଧ୍ୟ କିଛି ବ୍ୟବସ୍ଥା ନ ହେବାରୁ ସେ ବାହାରେ ଶୋଇଥିଲେ । ଏଭଳି ଘଟଣା ନୂଆ ନୁହେଁ, ପୂର୍ବରୁ ଏମିତି ଗର୍ଭବତୀମାନେ ଶଯ୍ୟା ପାଇଁ ସମସ୍ୟା ଭୋଗିଛନ୍ତି। ଦୁଇବର୍ଷ ତଳେ ଜଣେ ମହିଳାଙ୍କୁ ଶଯ୍ୟା ନମିଳିବାରୁ ୫ଘଣ୍ଟା ଧରି ସେ ବାହାରେ ଛଟପଟ ହୋଇଥିଲେ । ଯାହାକୁ ନେଇ ହସ୍ପିଟାଲରେ ହୋହଲ୍ଲା ହୋଇଥିଲା। ସରକାର ମା'ମାନଙ୍କ ଉନ୍ନତ ଚିକିତ୍ସା, ସୁରକ୍ଷିତ ପ୍ରସବ, ଶିଶୁର ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୧୦୦ ଶଯ୍ୟା ବିଶିଷ୍ଟ 'ମଦର୍ସ ଆଣ୍ଡ ଚାଇଲ୍ଡ କେୟାର (ଏମ୍‌ସିଏଚ୍)' କୋଠା ପ୍ରତିଷ୍ଠା କରିଛନ୍ତି । ଏହା କ୍ୟାପିଟାଲ ହସ୍ପିଟାଲ ସମେତ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହିଛି । ସମସ୍ତ ଏମ୍‌ସିଏଚ୍‌ରେ ୩ହଜାର ଶଯ୍ୟା ରହିଛି । ସେଠାରେ ଡାକ୍ତର ସହ ସ୍ୱତନ୍ତ୍ର ନର୍ସିଂଷ୍ଟାଫ୍ ୨୪ଘଣ୍ଟିଆ ସେବା ଯୋଗାଉଛନ୍ତି । ସବୁ ଠିକ୍, ହେଲେ ଶଯ୍ୟାର ଅଭାବ ରହିଛି । ଖଟ ଯେତିକି, ଗର୍ଭବତୀ ଓ ମା' ଅଛନ୍ତି ପାଞ୍ଚଗୁଣା ଅର୍ଥାତ ୧୫ହଜାର । ସେଥିପାଇଁ କିଏ ତଳେ ଶୋଉଛନ୍ତି ଆଉ କିଏ ବାହାରେ ଯାଇ ଭଡ଼ାଘରେ ନଚେତ୍ ହୋଟେଲରେ ରହୁଛନ୍ତି । ଖାଲି ସେତିକି ନୁହେଁ, କଟକ ଏସ୍‌ସିବିରେ ୨୮୨ଟି ଶଯ୍ୟା ଅଛି । ହେଲେ ସେଠାରେ ପ୍ରତିଦିନ ୧୦୦ରୁ ଅଧିକ ମହିଳାଙ୍କ ଡେଲିଭରି କରାଯାଉଛି । ଅନ୍ୟ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୬୦ରୁ ୧୨୦ ଶଯ୍ୟା ଗର୍ଭବତୀ ମା'ଙ୍କ ପାଇଁ ରହିଛି । ଅର୍ଥାତ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ସରକାରୀ ଚିକିତ୍ସାଳୟରେ ଗତବର୍ଷ (୨୦୨୪-୨୫) ୪ଲକ୍ଷ ୧୮ ହଜାର ୮୮୩ ଜଣଙ୍କ ଡେଲିଭରି ହୋଇଛି। ତା'ପୂର୍ବବର୍ଷ ୪ଲକ୍ଷ ୫୧ ହଜାର ଜଣ ମହିଳାଙ୍କ ଡେଲିଭରି ହୋଇଥିଲା । ଅର୍ଥାତ ପ୍ରତିମାସରେ ୧୪ହଜାରରୁ ଅଧିକ ଗର୍ଭବତୀ ମହିଳାଙ୍କ ପ୍ରସବ କରାଯାଉଛି। ଯଦି ଶଯ୍ୟା ଅଭାବ କଥା କହିବା ତେବେ, କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଏମ୍‌ସିଏଚ୍‌କୁ ଦୈନିକ ୫୦ରୁ ୬୦ ନୂଆ ରୋଗୀ ଆସୁଛନ୍ତି । ଥରକରେ ଶଯ୍ୟା ପୂର୍ଣ୍ଣ । ମାସକୁ ୩୦୦ ଡେଲିଭରି କରାଯାଉଛି। ବାହାରେ ୫୦ରୁ ୬୦ ଜଣ ମହିଳା ଶୋଉଛନ୍ତି। କେବଳ ପ୍ରସବ ବେଳେ ମା'ଙ୍କୁ ଶଯ୍ୟା ମିଳୁଛି। ଅନ୍ୟ ଜିଲ୍ଲାରେ ମଧ୍ୟ ସମାନ ଚିତ୍ର। ସମ୍ବଲପୁର ହସ୍ପିଟାଲରେ ସ୍ୱତନ୍ତ୍ର ଏମ୍‌ସିଏଚ୍ କୋଠା ରହିଛି । ବୁର୍ଲା ଭିମସାରରେ ଥିବା ପ୍ରସୂତି ବିଭାଗରେ ୯୦ଟି ଶଯ୍ୟା । ତଥାପି ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲ୍ଲାରୁ ରୋଗୀ ଏଠାକୁ ଆସୁଥିବାରୁ ଶଯ୍ୟା ମିଳିନଥାଏ। ଦୈନିକ କ୍ୟାପିଟାଲ ହସ୍ପିଟାଲରେ ଭୁବନେଶ୍ୱର ସହ ଉପକଣ୍ଠ ଅଞ୍ଚଳ, ନୟାଗଡ଼, ପୁରୀ, ଜଗତସିଂହପୁରରୁ ୨୦୦ ପ୍ରସବ ଓ ପ୍ରସବ ପରବର୍ତ୍ତୀ ମହିଳାଙ୍କ ଚିକିତ୍ସା କରାଯାଉଛି । ଏମ୍‌ସିଏଚ୍‌ରେ ୩ ସିଫ୍ଟରେ ଦିନକୁ ୫୦ ମହିଳାଙ୍କ ପ୍ରସବ କରାଯାଏ। ଏମ୍‌ସିଏଚ୍ କୋଠାର ପ୍ରଥମ ମହଲାରେ ଲେବରରୁମ୍, ଦ୍ୱିତୀୟ ମହଲାରେ ଅପରେସନ ଥିଏଟର ଓ ତୃତୀୟ, ଚତୁର୍ଥ, ପଞ୍ଚମ ମହଲାରେ କ୍ୟାବିନ୍ ରହିଛି । ଅପରେସନ ପରେ ମହିଳାଙ୍କୁ ୭ଦିନ ପର୍ଯ୍ୟନ୍ତ ହସ୍ପିଟାଲରେ ରହିବାକୁ ପଡ଼େ । ସାଧାରଣ ପ୍ରସବ ଓ ସିଜେରିଆନ୍ ପାଇଁ ପୃଥକ୍ କକ୍ଷ ରହିଛି। ସେଥିପାଇଁ ୧୦୦ ଶଯ୍ୟା ସବୁବେଳେ ପୂର୍ଣ୍ଣ ରୁହେ। ନୂଆ ରୋଗୀ ଗଲେ, ଆଉ ଶଯ୍ୟା ମିଳିନଥାଏ । ସେପଟେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ହସ୍ପିଟାଲରେ ସ୍ଥିତି ଆହୁରି ସଙ୍ଗୀନ। ସବୁଠୁ ପୁରୁଣା ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ମାତ୍ର ୧୮ଟି ଶଯ୍ୟା ରହିଛି। ପ୍ରତିଦିନ ସେଠାରେ ୪ଜଣ ମହିଳାଙ୍କ ପ୍ରସବ ହେଉଛି । ହେଲେ ଶଯ୍ୟା ପାଇଁ ନୂଆ ରୋଗୀଙ୍କୁ ସକାଳୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହେଉଛି।